# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 119 | ଭାଗ ୩୩ | ସଂଖ୍ୟା ୧୧୯ Bhubaneswar | Sunday 20 July 2025 | Page 8 Rs. 4.00 ● ଭୁବନେଶ୍ୱର ରବିବାର ୨୦ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





ପୃଷ୍ଠା ୫




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

OIPR -15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

# ବାଲିପାଟଣା ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚିଲେ ବିଧାୟକ



**ପଟ୍ଟାମୁଣ୍ଡାଇ,୧୯।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ପଟ୍ଟାମୁଣ୍ଡାଇ ବ୍ଲକର ବାଲିପଡା ପଞ୍ଚାୟତର ଖଡିପାଳ, ତଳବାଲିପଡା, ଉପରବାଲିପଡା, ଆଗଡିଆର ସମସ୍ତ ପଡ଼ାକୁ ଯାଇ ବନ୍ୟାର ସ୍ଥିତି ଓ ବିପନ୍ନଙ୍କର ଅବସ୍ଥା ବୁଲି ଦେଖିଥିଲେ। ସଂପୂର୍ଣ୍ଣ ପଞ୍ଚାୟତର ଲୋକମାନେ ଜଳବନ୍ଦୀରେ ଥିବାର ଦେଖିବାକୁ ପାଇଥିଲେ। ଲୋକମାନଙ୍କର ଗୃହପାଳିତ ପଶୁମାନଙ୍କର ଖାଦ୍ୟ ଅତ୍ୟନ୍ତ ଜରୁରୀ ଅନୁଭବ କରିଥିଲେ ତୁରନ୍ତ ଗୋଖାଦ୍ୟ ଓ ୭ ଦିନର ରିଲିଫ ସାମଗ୍ରୀ ଯୋଗାଇବାକୁ ଜିଲ୍ଲାପାଳ ନିକଟରେ ଦାବି କରିଛନ୍ତି। ବିଧାୟକଙ୍କ ସହିତ ଜିଲ୍ଲାପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ଅମୂଲ୍ୟ ପ୍ରଧାନ, ଲକ୍ଷ୍ମୀଧର ବାରିକ, ଅବିନାଶ ଲେଙ୍କା, ଗୟାଧର ନାୟକ, ତାପସ ନାୟକ, ସମ୍ବିଦ ଶ୍ରୀଚନ୍ଦନ,ମଧୁ ସେଠୀ ପ୍ରମୁଖ ବନ୍ୟାଞ୍ଚଳ ବୁଲିଥିଲେ ।

# ପିଡିଙ୍କ ଗସ୍ତ ପରେ ବନ୍ୟାଞ୍ଚଳ ପାଇଁ ଗୋଖାଦ୍ୟ ମଞ୍ଜୁର

**ପଟ୍ଟାମୁଣ୍ଡାଇ,୧୯।୭ (ସଂଚାର ବ୍ୟୁରୋ):** ଚଳିତ ପ୍ରଳୟଙ୍କରୀ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଂଚାୟତ ଓ ପୌରାଞ୍ଚଳର ୯ଟି ୱାର୍ଡ ବିଶେଷ ଭାବେ କ୍ଷତିଗସ୍ତ ହୋଇଛି। ବନ୍ୟାର ଭୟାବହତା ଓ ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି ବନ୍ୟା ବିପନ୍ନ ଧୋୟା ଅଂଚଳର ବିଭିନ୍ନ ପଂଚାୟତ ଗସ୍ତ କରି ସ୍ଥିତି ଆକଳନ କରିବା ସହିତ ବିପନ୍ନ ଲୋକମାନଙ୍କ ସହିତ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ପିଡିଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡ଼ିଓ ଅଶୋକ ମହାନ୍ତି, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ବନ୍ୟା ବିପନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ତେବେ ବିପନ୍ନ ଲୋକମାନେ ପାଣି ଘେରରେ ଥିବାବେଳେ ଗୃହ ପାଳିତ ପଶୁ ମାନଙ୍କ ଅବସ୍ଥା ବେହାଲ ହୋଇ ପଡିଛି । ଚାଷଜମିକୁ ଚାରିବାକୁ ଯାଇ ନପାରି ପଶୁମାନେ ଉପାସ ରହୁଛନ୍ତି। ବନ୍ୟା ସ୍ଥିତି ସମ୍ପର୍କରେ ପି ଡିଙ୍କ ରିପୋର୍ଟ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ପାଇଁ ୧୦୪୫ କ୍ୟୁଣ୍ଟାଲ ଗୋ ଖାଦ୍ୟ ମଂଜୁର କରାଯାଇଛି । ବ୍ଲକର ବିଭିନ୍ନ ପଂଚାୟତ ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡ ସ୍ଥିତି ଦେଖି ପର୍ଯ୍ୟାୟକ୍ରମେ ଗୋଖାଦ୍ୟ ବଣ୍ଟନ କରାଯିବ ବିଡ଼ିଓ ଅଶୋକ ମହାନ୍ତି ଓ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ସୂଚନା ଦେଇଛନ୍ତି ।

# ବନ୍ୟାଞ୍ଚଳ ବୁଲି ତଦାରଖ କଲେ ମୁଖ୍ୟଯନ୍ତ୍ରୀ



**ଡେରାବିଶ,୧୯।୭ (ସଂଚାର ବ୍ୟୁରୋ):** ଲଘୁଚାପ ଜନୀତ ଲଗାଣ ବର୍ଷା ପରେ ମଙ୍ଗଳବାରଠାରୁ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ହେତୁ ଏହାର ଶାଖା ବିରୂପା ନଦୀରେ ବନ୍ୟା ସ୍ଥିତି ଉପୁଜିଛି। ଏହାକୁ ନେଇ ଡେରାବିଶ ବ୍ଲକର ଛୋଟି, ମଙ୍ଗଳପୁର ଓ ବେଣିପୁର ପଂଚାୟତ ନଦୀ କୁଳିଆ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଶୁକ୍ରବାର ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀ ଅବବାହିକା ପରିଚାଳକ ବିଘ୍ନରାଜ ପଟେଲ ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି। ବେଣିପୁରଠାରେ ପହଞ୍ଚି ବନ୍ୟା ସ୍ଥିତି ସମ୍ପର୍କରେ ବିଭାଗୀୟ ମଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ମୁଖ୍ୟଯନ୍ତ୍ରୀ ପଟେଲ ବେଣିପୁରଠାରୁ ଛୋଟି ପର୍ଯ୍ୟନ୍ତ ବିରୂପା ନଦୀ ବନ୍ଧ ବୁଲି ଦେଖିବା ସହ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳକୁ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ, ସହକାରୀ ଯନ୍ତ୍ରୀ ନବୀନ କିଶୋର ପାଣିଗ୍ରାହୀ, ଚନ୍ଦନଗର ସେକସନ ସହକାରୀ ମଯନ୍ତ୍ରୀ ସଞ୍ଜୟ କୁମାର ଶତପଥୀ, କନିଷ୍ଠ ଯନ୍ତ୍ରୀ ଗୋରାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟାଞ୍ଚଳରେ କୁମ୍ଭୀର ଆକ୍ରମଣ ନେଇ ବନଖଣ୍ଡ ଅଧିକାରୀଙ୍କ ସଚେତନତା

**କେନ୍ଦ୍ରାପଡ଼ା,୧୯।୭(ସଂଚାର ବ୍ୟୁରୋ):** ଆଳି ବ୍ଲକରେ ଆଜି ସକାଳୁ ସମସ୍ତ ବନ୍ୟାଞ୍ଚଳକୁ ଯାଇ କୁମ୍ଭୀର ଆକ୍ରମଣ ସମ୍ବନ୍ଧରେ ନଈ କୁଳିଆ ଲୋକ ମାନଙ୍କୁ ରାଜନଗର ବନଖଣ୍ଡ ପକ୍ଷରୁ ସଚେତନତା କରାଯାଇଥିଲା । ବର୍ଷା ଦିନେ କୁମ୍ଭୀର ମାନଙ୍କରେ ପ୍ରଜନନ ସମୟ ହୋଇଥିବାରୁ ସେମାନେ ଆହୁରି ହିଂସ୍ର ହୋଇପଡନ୍ତି । ରେଞ୍ଜର ଚିତ୍ତରଞ୍ଜନ ବେହୁରା ବେହୁରିଆଙ୍କ କହିବା ଅନୁସାରେ ରାଜନଗର ଭିତରକନିକାସ୍ଥିତ କୁମ୍ଭୀର ଗବେଷଣା ଓ ପ୍ରଜନନ କେନ୍ଦ୍ରରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ୪ରୁ ୫ଟି ବଉଳା କୁମ୍ଭୀର ଏହାର ସୀମାବର୍ତ୍ତୀ ଅଞ୍ଚଳରୁ ବାହାରି ଆସିଛନ୍ତି । ଏ ନେଇ ସେମାନେ ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରେ ସାଧାରଣ ଲୋକ ମାନଙ୍କୁ ସଚେତନ ପତ୍ର ମାଧ୍ୟମରେ ସଚେତନ କରିବା ସହ କୁମ୍ଭୀର ପ୍ରତି ସତର୍କ କରାଇଥିଲେ ।

# ବିରୂପା ନଦୀବନ୍ଧ ଅବସ୍ଥା ଶୋଚନୀୟ

**ଡେରାବିଶ,୧୯।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ବିରୂପା ନଦୀରେ ଏବେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଥିପାଇଁ ଡେରାବିଶ ବ୍ଲକ ଅନ୍ତର୍ଗତ ବିରୂପା ନଦୀକୂଳରେ ଅବସ୍ଥିତ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ଜନସାଧାରଣ ଏବେ ଭୟଭୀତ

**ଜନସାଧାରଣଙ୍କ ମନରେ ଛନକା**

ଅବସ୍ଥାରେ ରହିଛନ୍ତି। ଦୁର୍ବଳ ବନ୍ଧ ପାଇଁ ୨୦୨୦ରେ ବେଣୀପୁରଠାରେ ଘେରିବନ୍ଧ ଭାଙ୍ଗି ବେଣୀପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା।

ଚଳିତବର୍ଷ ନଦୀବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଅଧିକାରୀ ଓ କର୍ମଚାରୀ



ଘନଘନ ବନ୍ଧ ନିରୀକ୍ଷଣ କରୁଛନ୍ତି। ତେବେ ବନ୍ଧ ରାସ୍ତା ଏଭଳି ଶୋଚନୀୟ ହୋଇପଡ଼ିଛି ଯେ ଅଧିକାରୀଙ୍କ ଗାଡ଼ି ବନ୍ଧ ଉପରେ ଯିବା ତ ଦୂରର କଥା, ଚାଲିଚାଲି ମଧ ଯାଇ ହେଉନାହିଁ ।

ଏହି ବନ୍ଧ ପଲି ରଘୁନାଥପୁରଠାରୁ ବେଣୀପୁର ପର୍ଯ୍ୟନ୍ତ ବନ୍ଧ ରାସ୍ତାର ବହୁ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇଛି । କେଉଁଠି ପିଚୁ ଉଠି ବଡ଼ ବଡ଼ ଗାଡ଼ ସୃଷ୍ଟି ହୋଇଛି ତ ଆଉ କେଉଁ ସ୍ଥାନରେ ପିଚୁ ନଷ୍ଟ ହୋଇଯାଇ ତା' ତଳୁ କାଦୁଅ ବାହାରିଲାଣି। ଏଭଳି ସ୍ଥଳେ ନଦୀବନ୍ଧର ନିରୀକ୍ଷଣ କରିବା କଷ୍ଟକର ହେବ ବୋଲି ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଏହି ବନ୍ଧର ଖାଲ ଖମା ମରାମତି କରି ଯାତାୟାତ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡାଇରିଆ ସଚେତନତା ପାଇଁ ବୁଲିଲା ରଥ



**କେନ୍ଦ୍ରାପଡ଼ା,୧୯।୭ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡା ଅନ୍ତର୍ଗତ ସହରାଞ୍ଚଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ଆଜି ସକାଳେ ଏକ ଡାଇରିଆ ସଚେତନତା ରଥ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ ଉଦ୍‌ଘାଟନ କରି ଡାଇରିଆ ଦୂରୀକରଣ ପଦ୍ଧତି ବିଷୟରେ କହିଥିଲେ । ଏହି ସଚେତନତା ରଥ ଜୁଲାଇ ୧୯ ତାରିଖରୁ ୩୧ ଜୁଲାଇ ପର୍ଯ୍ୟନ୍ତ କେନ୍ଦ୍ରାପଡା ପୌରାଞ୍ଚଳର ସମ୍ପୂର୍ଣ୍ଣ ୨୧ଟି ୱାର୍ଡରେ ବୁଲି ସଚେତନତା ବାର୍ତ୍ତା ପ୍ରଦାନ କରିବ ଏବଂ ବିଶେଷ ଭାବରେ ଜନ୍ମରୁ ୫ ବର୍ଷର ପିଲା ଥିବା ଘରକୁ ଘର ବୁଲି ସହରାଞ୍ଚଳ ଆଶା କର୍ମୀ ସଚେତନତା ବାର୍ତ୍ତା ସାଙ୍ଗକୁ ଓଆରଏସ ଓ ଜିଙ୍କ ବଟିକା ବାଣ୍ଟୁଛନ୍ତି, ଏହାର ବ୍ୟବହାର କହୁଛନ୍ତି। ଏହି କାର୍ଯ୍ୟକ୍ରମରେ ଏଡିଏମ ଓ ମେଡ଼ିକାଲ ଡ. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ପ୍ରଦୀପ ଦାସ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡ. ସୁଶ୍ରୀ ଜେନା, ଡିପିଏମ ମନୋରଂଜନ ସାହୁ, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକଙ୍କ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ ।

**ଖବର ପ୍ରକାଶ ପରେ ଚେତିଲା ପ୍ରଶାସନ**

# ଭିନ୍ନକ୍ଷମ ଲକ୍ଷ୍ମୀପ୍ରିୟାଙ୍କୁ ମିଳିଲା ରାସନ୍ କାର୍ଡ

**ମହାକାଳପଡ଼ା,୧୯।୭ (ସଂଚାର ବ୍ୟୁରୋ):** ସଂଚାର ରେ ଖବର ପ୍ରକାଶ ପରେ ପ୍ରଶାସନର ନିଦ ଭାଙ୍ଗିଛି। ଶତପ୍ରତିଶତ ଭିନ୍ନକ୍ଷମ ଯୁବତୀଙ୍କ ନାମରେ ନୂତନ ରାସନ୍ କାର୍ଡ କରାଯାଇଛି। ଖୋଦ୍ ଜିଲ୍ଲାପାଳ ଯାଇ ପ୍ରତିଶ୍ରୁତି ଦେଇଥିଲେ ତାହା କାର୍ଯ୍ୟକାରୀ ହେଉନଥିଲା। ଯାହା ଫଳରେ ଯୁବତୀ ଜଣଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇବାରୁ ବଞ୍ଚିତ ଥିଲେ। ଏନେଇ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ତତ୍ପରତା ଦେଖାଇଛି ପ୍ରଶାସନ।

ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମର ସତ୍ୟଭାମା ରାଉତ(୭୦)ଙ୍କ ୪୦ ବର୍ଷୀୟ ଝିଅ ଲକ୍ଷ୍ମିପ୍ରିୟା ରାଉତଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲା ଜିଲ୍ଲା ପ୍ରଶାସନ। ହେଲେ ପ୍ରତିଶ୍ରୁତିକୁ ଚାରି ମାସ ବିତିଯାଇଥିଲେ ବି ପ୍ରତିଶ୍ରୁତି ପ୍ରତାରଣା ପାଲଟିଥିଲା। ୩୫ କିଲୋ ଚାଉଳ ଦେବା କଥା ତ ଛାଡ଼ ୫ କିଲୋ ଚାଉଳ



ବି ମିଳୁ ନଥିଲା। ଏନେଇ ଯୁବତୀଙ୍କ ଭାଇ ସଞ୍ଜୟ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନାଙ୍କୁ ଜଣାଇବା ପରେ ଦୈନିକ ଖବରକାଗଜ ସଂଚାରରେ "ପ୍ରତିଶ୍ରୁତି ଦେଇ ଠକି ଦେଲା ପ୍ରଶାସନ" ଶୀର୍ଷକ ଖବର ୧୮ ଏପ୍ରିଲରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରତିଶ୍ରୁତି ଦେଇ ଭୁଲି ଯାଇଥିବା ପ୍ରଶାସନ ତତ୍ପର ହୋଇ ପଡିଲା। ଲକ୍ଷ୍ମିପ୍ରିୟାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି ତାଙ୍କ ନାମରେ ନୂତନ ରାସନ୍ କାର୍ଡ କରାଯାଇଛି। ୩୫ କିଲୋ ଚାଉଳର ପ୍ରତିଶ୍ରୁତି ଦେଇ ୫ କିଲୋ ଚାଉଳରେ ସୀମିତ ରଖି ଜଣେ ଶତପ୍ରତିଶତ ଭିନ୍ନକ୍ଷମ ଯୁବତୀଙ୍କୁ ତାଙ୍କ ଅଧିକାର ପାଇବାରୁ ବଞ୍ଚିତ କରିଛି ବୋଲି ଯୁବତୀଙ୍କ ଭାଈ କହିଛନ୍ତି। ସେ କହିଛନ୍ତି ଯଦି ଅନ୍ତୋଦୟ ଯୋଜନା ରେ ସାମିଲ କରିପାରିଲେନି ତେବେ ପ୍ରତିଶ୍ରୁତି ଦେଉଥିଲେ କାହିଁକି? ସଂଚାରରେ ଯଦି ଖବର ପ୍ରକାଶ ପାଇ ନଥାଆନ୍ତା ତେବେ ଏଇ କାର୍ଡ ଖଣ୍ଡକ ବି ହୋଇଥାଆନ୍ତା କି ନାହିଁ ସନ୍ଦେହ। 'ସଂଚାର'ର ପ୍ରୟାସରେ ଏହି କାମଟି ହୋଇ ପାରିଛି ବୋଲି ସଂଚାର ଓ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି ପରିବାର।

● ମାର୍ଶାଘାଇ ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ପରିଷଦ ବୈଠକ

## ପିସି ଆଦାୟକୁ କେନ୍ଦ୍ରକରି ହୋହାଲ୍ଲା, ହଟ୍ଟଗୋଳ



**ମାର୍ଶାଘାଇ,୧୯।୭(ସଂଚାର ବ୍ୟୁରୋ):** ମାର୍ଶାଘାଇ ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାମଲ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ । ଓଏଏସ ସଙ୍ଘର ଆନ୍ଦୋଳନ ପାଇଁ ବିଡ଼ିଓ ଛୁଟିରେ ରହିଥିବାରୁ ଗତ ଦୁଇ ତାରିଖରେ ଆହୁତ ହୋଇଥିବା ଏହି ବୈଠକ ସ୍ଥଗିତ ରଖାଯାଇଥିଲା । ଶନିବାର ମାର୍ଶାଘାଇ ପଞ୍ଚାୟତ ସମିତି ସାମିଲ ଥିବା ମହାକାଳପଡ଼ା ଏବଂ ପାଟକୁରାର ବିଧାୟକ ଯୋଗଦେଇଥିଲା ବେଳେ ଏହି ବୈଠକ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିଲା । ଜିପିଇଓ ସୋନାଲି ବେଉରା ପୂର୍ବ ଅଧିବେଶନର ବିବରଣୀ ପାଠ କରିବା ପରେ ସଭାଗୃହରେ ଉପସ୍ଥିତ ଥିବା ଗଣମାଧମ ପ୍ରତିନିଧି ମାନେ ଫଟୋ ଏବଂ ଭିଡିଓ ସୁଟ କରିବା ପରେ ବାହାରେ ରହିବାକୁ ବିଡ଼ିଓ ପଞ୍ଚାନନ ମଲିକ ଗଣମାଧମ ପ୍ରତିନିଧିମାନଙ୍କୁ କହିଥିଲେ । ଏହା ପରେ ବୈଠକରେ ଆଲୋଚନା ସମ୍ପର୍କରେ ଗଣମାଧମ ପ୍ରତିନିଧିମାନଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା । ତେବେ ବୈଠକରେ ସମିତି ସଭ୍ୟସଭ୍ୟା ଅନେକ ବିଷୟରେ ଅସନ୍ତୋଷ ବ୍ୟକ୍ତ କରି ହୋହାଲ୍ଲା କରିଥିଲେ ବୋଲି କିଛି ସଦସ୍ୟ ସଦସ୍ୟା ବୈଠକ ପରେ ଗଣମାଧମ ପ୍ରତିନିଧିମାନଙ୍କୁ କହିଥିଲେ । ପ୍ରାୟ ଘଣ୍ଟାଏ ସମୟ ବୈଠକରେ ଉପସ୍ଥିତ ରହି ମହାକାଳପଡ଼ା ବିଧାୟକ ଡ଼ ନାୟକ ବୈଠକ ଛାଡ଼ିଥିବା ବେଳେ ଅପରାହ୍ନରେ ବୈଠକ ଶେଷ ହେବା ପର୍ଯ୍ୟନ୍ତ ପାଟକୁରା ବିଧାୟକ ଶ୍ରୀ ମହାପାତ୍ର ଉପସ୍ଥିତ ଥିଲେ ।

## ୨୧ରେ ଆରଡିସି କାର୍ଯ୍ୟାଳୟ ଘେରିବ ବିଜେଡି

**ବ୍ରହ୍ମପୁର,୧୯।୭ (ସଂଚାର ବ୍ୟୁରୋ):** ଆସନ୍ତା ୨୧ ତାରିଖ ଦିନ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରିବ ବିଜୁ ଜନତା ଦଳ। ଏନେଇ ବ୍ରହ୍ମପୁର ସ୍ୱତନ୍ତ୍ର ସର୍କିଟ ହାଉସରେ ବିଜେଡ଼ି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ୨୧ ତାରିଖ ଦିନ ଦକ୍ଷିଣ ଓଡ଼ିଶାର ଆରଡିସି ଜୋନ ଅନ୍ତର୍ଗତ ସମସ୍ତ ନିର୍ବାଚନ ମଣ୍ଡଳୀର ସମସ୍ତ ସଦସ୍ୟ ଏହି ଘେରାଉ କାର୍ଯ୍ୟକ୍ରମରେ ସାମିଲ



ହେବା ନେଇ ସୂଚନା ପ୍ରଦାନ କରିଛନ୍ତି ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମା। ବ୍ରହ୍ମପୁର ଖଲିକୋଟ କଲେଜ ଛକରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରିବ। ଗୋପାଳପୁର ଛାତ୍ରୀ ଗଣ ଦୁଷ୍କର୍ମ, ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ସାରା ବିଶ୍ୱ ଓଡ଼ିଶାର ଛବିକୁ ଅତି ଘୃଣ୍ୟା ଚକ୍ଷୁରେ ଦେଖୁଛି । ଏଭଳି ଘଟଣାକୁ ବିରୋଧ କରି ବିଜେଡ଼ି ଓଡ଼ିଶାର ତିନୋଟି ରାଜସ୍ୱ ଡ଼ିଭିଜନ ଅଞ୍ଚଳରେ ଏହି ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରିଛି ।

**ଅପହୃତା ନାବାଳିକା ବାପାଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା**

## ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ

**କେନ୍ଦ୍ରାପଡା/ମହାକାଳପଡ଼ା,୧୯।୭ (ସଂଚାର ବ୍ୟୁରୋ):** ଅପହୃତ ଝିଅକୁ ଉଦ୍ଧାର କରିବା ପାଇଁ ପୋଲିସ କିଛି ନକରିବାରୁ ବାପା ବିଷ ପିଇଦେବା ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକକୁ ହାଇଦ୍ରାବାଦରୁ ଗିରଫ କରିବା ସହିତ ନାବାଳିକାକୁ ଉଦ୍ଧାର କରିଛି । କେନ୍ଦ୍ରାପଡ଼ା ଏସଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ଗତ ୨୭ ମଇରେ ତାଙ୍କ ଗାଁରୁ ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ଆଜି ହାଇଦ୍ରାବାଦର ଅଭିଯୁକ୍ତ ଯୁବକ ଚଗଲା ଓରଫ ରାଜେଶ ଜେନାଙ୍କୁ ଗିରଫ କରିଛି ଏବଂ ତାଙ୍କ କବଳରୁ ନାବାଳିକାକୁ ମଧ ଉଦ୍ଧାର କରିଛି। ଏହି ସମୟରେ, ପୋଲିସ ଗତ ସନ୍ଧ୍ୟାରେ

**ପ୍ରତାପ ମହାନ୍ତିଙ୍କ ଟ୍ୱିଟ୍ ପରେ ଗୃହ ବିଭାଗର ତତ୍ପରତା**

**ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ**

ବିଏନଏସଏସର ଧାରା ୧୮୦ ଅନୁଯାୟୀ ପୀଡିତାଙ୍କ ବୟାନ ରେକର୍ଡ କରିଛି । ପୀଡିତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯିବ। ପୋଲିସ ମଧ ଅଭିଯୁକ୍ତକୁ ଗିରଫ କରି ତଦନ୍ତ ଚଳାଇଛି। ପୋଲିସ ପୀଡିତା ନାବାଳିକାକୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବିଏନଏସଏସର ଧାରା ୧୮୩ ଅନୁଯାୟୀ ତାଙ୍କ ବୟାନ ରେକର୍ଡ କରିବା ପାଇଁ କୋର୍ଟରେ ହାଜର କରିବ । ପରେ, ପୋଲିସ ପୀଡିତା ନାବାଳିକାକୁ ଶିଶୁ କଲ୍ୟାଣ କମିଟି ସମ୍ମୁଖରେ ହାଜର କରିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି । ସୂଚନା ମୁତାବକ ଗୃହ ବିଭାଗ କେନ୍ଦ୍ରାପଡାର ଡିଜିପି ଏବଂ ଏସ୍ପିଙ୍କୁ ଆଇନ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଓସାର ଜିଲ୍ଲା ସଂଯୋଜକ ପ୍ରତାପ ମହାନ୍ତି ଏକ୍ସ ପ୍ଲାଟଫର୍ମରେ ଗୃହ ବିଭାଗକୁ ଏକ ଟ୍ୱିଟ୍ କରି ଏହି ଅଭିଯୋଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଏଥିସହିତ ଜାତୀୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ପ୍ରତାପ ମହାନ୍ତି।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୧୯।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦରମହକୁମାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସର ସଫଳ ଆୟୋଜନ ନିମନ୍ତେ ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ପବିତ୍ର ଜାତୀୟ ଦିବସ ପାଳନ ଅବସରରେ ସକାଳ ୯.୧୫ମି ସମୟରେ ଦିବସର ମୁଖ୍ୟ ଅତିଥି କେନ୍ଦ୍ରାପଡା ମହାବିଦ୍ୟାଳୟ ପଡିଆଠାରେ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ପ୍ରଦାନ କରିବେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ



ଫକୀର ମୋହନ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପ୍ରସ୍ତୁତି ବୈଠକ ବିବରଣୀ ପାଠ କରିଥିଲେ ।

କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ପରେ ସ୍ଥିର ହେଲା ଯେ, ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪.୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରଦ୍ୱାରା ପୌରାଞ୍ଚଳରେ ରାମଧୂନ୍ ପରିବେଷଣ କରାଯିବ। ସକାଳ ୭.୩୦ମିନିଟ୍ ସୁଦ୍ଧା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ,ବାଣିଜ୍ୟାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ଅବତରଣ କରିବେ । ସକାଳ ୯.୧୫ମିନିଟ୍ ସମୟରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ କରାଯିବ। ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ପରେ ମୁଖ୍ୟ ଅତିଥି ସ୍ଥାନୀୟ କାରାଗାର ଓ ଜିଲ୍ଲା ଚିକିତ୍ସାଳୟରେ ରୋଗୀ ଏବଂ ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି । ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହା ସହିତ ଏହି ଜାତୀୟ ଦିବସକୁ ଶୃଙ୍ଖଳିତ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଛି ।

# ଗୋଚର ଜମିରୁ ବେଆଇନ ଜବରଦଖଲ ଆଂଶିକ ଉଚ୍ଛେଦ

**ସାଲେପୁର,୧୯।୭ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ମୂର୍କୁଣ୍ଡି ଗ୍ରାମରେ ଥିବା ଗୋଚର ଜମିରେ ହୋଇଥିବା ଜବର ଦଖଲକୁ କିଶନଗର ତହସିଲ ପ୍ରଶାସନ ପକ୍ଷରୁ ଆଂଶିକ ଉଛେଦ କରାଯାଇଥିବା ଜଣାପଡିଛି।

ସୂଚନା ମୁତାବକ ସାଲେପୁର ବ୍ଲକ ଅନ୍ତର୍ଗତ କିଶନଗର ତହସିଲ ଅଧିନ ମୂର୍କୁଣ୍ଡି ମୌଜାର ଖାତା ନଂ୫୦୭ ପ୍ଲଟ ନଂ ୧୭୨୨ ରେ ୩ଏକର ଗୋଚର ଜମି ଅଛି। ଏହାକୁ କିଛି ବ୍ୟକ୍ତି ଜବର ଦଖଲ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଜବର ଦଖଲ ଉଛେଦ ନେଇ ଉଚ୍ଚ ନ୍ୟାୟାଳୟରେ ଗ୍ରାମବାସୀ ମାନଙ୍କ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା କରାଯାଇଥିଲା। ଉଚ୍ଚ ନ୍ୟାୟାଳୟ ଗୋଚର ଜମିରୁ ବେଆଇନ ଜବର ଦଖଲ



ଉଛେଦ କରିବା ପାଇଁ କିଶନନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କିଶନନଗର ତହସିଲଦାର ବେଆଇନ ଜବର ଦଖଲକାରୀ ମାନଙ୍କୁ ବାରମ୍ବାର ଉଠିଯିବା ପାଇଁ ନୋଟିସ ଜାରି କରିଥିଲେ। ଜବର ଦଖଲକରୀମାନେ ସେ ସ୍ଥାନକୁ ନଛାଡିବାରୁ କିଶନନଗର ତହସିଲଦାର କ୍ଷୀରୋଦ କୁମାର ଦାଶ ପୁଲିସ ଉପସ୍ଥିରେ ଜେସିବି ମେସିନ ଦ୍ୱାରା ଏହି ଗୋଚର ଜମିରୁ ଆଂଶିକ ଜବର ଦଖଲ କରିଥିବା ଜଣାପଡିଛି। ଏହି ପ୍ଲଟରେ ରହିଥିବା ଅନ୍ୟ ଜବର ଦଖଲ କରି ମାନଙ୍କୁ କିଛିଦିନ ପରେ ଉଛେଦ କରାଯିବ ବୋଲି କିଶନ ନଗର ତହସିଲଦାର କ୍ଷୀରୋଦ କୁମାର ଦାଶ ପ୍ରକାଶ କରିଛନ୍ତି।

**କଳା ପଲସରରେ ମୁଖାପିନ୍ଧାଙ୍କ ଆକ୍ରମଣକୁ ୧୦ଦିନ ବିତିଲା**

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**କାକଟପୁର/ଅସ୍ତରଙ୍ଗ,୧୯।୭ (ସଂଚାର ବ୍ୟୁରୋ):** ନାବାଳିକା ଛାତ୍ରୀଙ୍କୁ ଆକ୍ରମଣ ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହ ବିଭାଗ ତରଫରୁ ଏକ୍ସ ମାଧ୍ୟମରେ ଏସ୍‌ପିଙ୍କୁ ସୂଚନା ଦିଆଯାଇଛି। ଏଫ ଏମ କଲେଜ ଛାତ୍ରୀ ନ୍ୟାୟ ପାଇଁ ଲଢ଼ି ଲଢ଼ି ଶେଷରେ ମୃତ୍ୟୁ ବରଣ କଲେ। ମୃତ୍ୟୁ ପରେ ସାରା ରାଜ୍ୟରେ ବିଦ୍ରୋହ ବହ୍ନି କୁହୁଳୁଥିବା ବେଳେ ବଳଙ୍ଗା ଥାନା ଅଂଚଳରେ ଶନିବାର ଦିନ ନାବାଳିକା ଜଣକୁ ଦୁର୍ବୃତ୍ତ ଆକ୍ରମଣ ଅନ୍ୟ ପଟେ ଦୀର୍ଘ ୧୦ ଦିନ ହେବ ନ୍ୟାୟ ପାଇଁ ଦୌଡୁଛି ଅସ୍ତରଙ୍ଗ ଥାନାକୁ ନାବାଳିକା ଛାତ୍ରୀ ଓ ତାର ମା।

ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୧୦ଜୁଲାଇ ଗୁରୁବାର ଦିନ ଅସ୍ତରଙ୍ଗ ଥାନା ଠାରୁ ଅଳ୍ପ କିଛି ଦୂରରେ ଟ୍ୟୁସନରୁ ଫେରୁଥିବା ୧୩ବର୍ଷୀୟ ଛାତ୍ରୀକୁ ଦିନ ଦ୍ୱିପ୍ରହରରେ କଳା ମୁଖା ପିନ୍ଧା ଯୁବକ ଆକ୍ରମଣ କରିବା ସହ ଟେକି ନେଇ




ପାର୍କ ନିକଟରେ ଜୀବନରୁ ମାରିବାକୁ ଉଦ୍ୟମ କରିଥିଲେ। ଆଦ୍ୟାବିଧି ୧୦ଦିନ ବିତିଥିଲେ ମଧ ପୋଲିସ ହାତ ଖାଲି। ପୁଲିସ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ସ୍ଥାନୀୟ ଅଞ୍ଚଳ କିଛି ବ୍ୟବସାୟୀଙ୍କ ସିସିଟିଭି ଯାଞ୍ଚ କରିଥିବା ବେଳେ ତଦନ୍ତକୁ ସେତେ ମାତ୍ରାରେ ଗୁରୁତର ନେଉନଥିବାରୁ ଏ ପର୍ଯ୍ୟନ୍ତ କଳାମୁଖାଧାରୀ କଳା ପଲସର ଆସି ଆତଙ୍କ ସୃଷ୍ଟି କରିଥିବା ଯୁବକ ଧରା ପଡ଼ିନାହାନ୍ତି।

ଅନ୍ୟ ପଟେ ନ୍ୟାୟ ପାଇବା ପାଇଁ ୧୦ ଦିନ ମଧରେ ବାରମ୍ବାର ନାବାଳିକା ଛାତ୍ରୀ ଓ ତାର ମା ବାରମ୍ବାର ଅସ୍ତରଙ୍ଗ ଥାନାରେ ଦ୍ୱାରସ୍ତ ହୋଇଥିବା ବେଳେ ଶେଷରେ ଶୁକ୍ରବାର ମଧାହ୍ନ ସମୟରେ କିଛି ଘଣ୍ଟା ପାଇଁ ଥାନା ସାମ୍ନାରେ ବସିଥିଲେ। ଅନ୍ୟ ପଟେ ଖବର ପ୍ରସାରଣ ପରେ ସ୍ଥାନୀୟ ଅଞ୍ଚଳ ସମାଜସେବୀ ଏକ୍ସ ମାଧ୍ୟମରେ ଜଣାଇଥିଲେ ଯାହା କି ଗୃହ ବିଭାଗ ତରଫରୁ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସଂଚାର
THE SANCHAR

ଟ୍ରମ୍ପଙ୍କ ମତ ନେଇ ରାଜନୈତିକ ଆକ୍ଷେପ-ପ୍ରତିଆକ୍ଷେପ

# ଦେଶଦ୍ରୋହୀ ମାନସିକତା ଛାଡ଼ିପାରୁନାହାନ୍ତି ରାହୁଲ୍



**ନୂଆଦିଲ୍ଲୀ,୧୯।୭:** ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ମୁଖ ଯୁଦ୍ଧରେ ଭାରତର ଦବ୍‌ଦବା ରହିଥିବା ବେଳେ ପାକିସ୍ତାନ ଏହାର ଠୋସ୍ ଜବାବ ଦେବାରେ ସକ୍ଷମ ହୋଇନଥିଲା। ତେବେ ଉଭୟ ଦେଶ ମଧ୍ୟରେ ଯୁଦ୍ଧବିରତି ନେଇ ସହମତି ହେବା ପରେ ଶାନ୍ତି ଫେରିଥିଲା। କିନ୍ତୁ ସେତେବେଳେ ଉଭୟ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ବିଶେଷ ଘାତକ ସାବ୍ୟସ୍ତ ହେବା ପୂର୍ବରୁ ରୋକିଦେବାରେ ସକ୍ଷମ ହୋଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଦାବି କରିଥିଲେ। ଏହାପରେ ସେ କ୍ରମାଗତ ଭାବେ ଏହି ଦାବିକୁ ଦୋହରାଇ ଆସୁଥିବା ବେଳେ ଗତକାଲି ମଧ୍ୟ ଏ ସଂକ୍ରାନ୍ତରେ ମତ ଦେଇଥିଲେ। ଭାରତ-ପାକିସ୍ତାନ ଯୁଦ୍ଧରେ ୪/୫ଟି ବିମାନ ଖସିପଡ଼ିଥିବା କହିଥିଲେ। ରିପବ୍ଲିକାନ୍ ସାଂସଦମାନଙ୍କ ଏକ ରାତ୍ରିଭୋଜନ ଅବସରରେ ଆଲୋଚନା ସମୟରେ ଟ୍ରମ୍ପ୍ ଏହା କହିଥିଲେ। ତେବେ ତାଙ୍କର ଏପରି ➪ପୃଷ୍ଠା-୬

ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# କ୍ୟାମ୍ପସରେ ଛାତ୍ରୀଙ୍କୁ ଶକ୍ତି ଦେବ 'ଶକ୍ତିଶ୍ରୀ'

- ସବୁ ଉଚ୍ଚଶିକ୍ଷାନୁଷ୍ଠାନରେ ହେବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
- ଅଭିଯୋଗ ପଞ୍ଜିକରଣ ପାଇଁ ଶକ୍ତିଶ୍ରୀ ମୋବାଇଲ ଆପ୍
- ଶିକ୍ଷକ ଓ ଅଣଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- ସିସିଟିଭି ସର୍ଭେଲାନ୍ସରେ ରହିବ ସବୁ ଉଚ୍ଚଶିକ୍ଷାନୁଷ୍ଠାନ
- ଡିସେମ୍ବର ୩୧ ସୁଦ୍ଧା କ୍ୟାମ୍ପସ ସୁରକ୍ଷା ରିପୋର୍ଟ ବାଧ୍ୟତାମୂଳକ






ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ଏଣିକି ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ମିଳିବ ସୁରକ୍ଷା। ଏନେଇ ବଡ଼ ଘୋଷଣା କରିଛନ୍ତି ସରକାର। ଉଚ୍ଚ ଶିକ୍ଷାନୁଷ୍ଠାନ ପାଇଁ କାର୍ଯ୍ୟକାରୀ ହେବ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ। ଶନିବାର ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହା ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ କାର୍ଯ୍ୟ କରିବ। ଏଥିପାଇଁ ଏକ ୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ। ଏହାସହ ଶକ୍ତିଶ୍ରୀ ମୋବାଇଲ ଆପ ମଧ୍ୟ କାର୍ଯ୍ୟ କରିବ। ଯଦି ଛାତ୍ରୀ ଅସୁବିଧାରେ ପଡ଼ନ୍ତି, ତା'ହେଲେ ସେମାନେ ନିଜ ନାମ ଗୋପନ ରଖି ଏହି ଆପ୍‌ରେ ପଞ୍ଜୀକୃତ କରିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଧାରଣ ଲୋକଙ୍କ ସ୍ୱାର୍ଥର ସୁରକ୍ଷା, ସେମାନଙ୍କ କଲ୍ୟାଣ ତଥା ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରାଥମିକତା। କିନ୍ତୁ ସଫଳତା ହାସଲ କରିବା ପାଇଁ ସବୁ ନାଗରିକଙ୍କ ବ୍ୟକ୍ତିଗତ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ଏକ ମୌଳିକ ଆବଶ୍ୟକତା। ବିଶେଷ କରି ମହିଳାମାନଙ୍କ ସୁରକ୍ଷା ଓ ନିରାପତ୍ତା ଏଥିପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମହିଳା ମାନଙ୍କ ସୁରକ୍ଷା ଓ ସମ୍ମାନ ରକ୍ଷା ପାଇଁ ରାଜ୍ୟ ସରକାର ନୂଆ ନୀତି ଗ୍ରହଣ କରିଛନ୍ତି। ବିଶେଷକରି କଲେଜ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ରାଜ୍ୟ ସରକାର 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ' ଆରମ୍ଭ କରିବେ।

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଏହା କାର୍ଯ୍ୟକାରୀ କରାଯିବ। ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହିତ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଛାତ୍ରୀମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ "ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର" ସ୍ଥାପନ କରାଯିବ ଯାହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଶକ୍ତିଶ୍ରୀ ସଶକ୍ତିକରଣ ➪ପୃଷ୍ଠା-୬

# ନାବାଳିକାଙ୍କୁ କିରାସିନି ଢାଳି ଜାଳିଦେଲେ

- ଗୁରୁତର ଅବସ୍ଥାରେ ଏମ୍ସରେ ଚାଲିଛି ଚିକିତ୍ସା
- ୭୦ ପ୍ରତିଶତରୁ ଅଧିକ ଜଳିଯାଇଛି
- ଆବଶ୍ୟକ ପଡ଼ିଲେ ଏୟାରଲିଫ୍ଟ କରାଯିବ: ମୁଖ୍ୟମନ୍ତ୍ରୀ
- ବୟାନ ରେକର୍ଡ ସହ ପୁଲିସ୍‌ର ତନାଘନା





ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଅଧ୍ୟାପକଙ୍କ ନିର୍ଯାତନା ପ୍ରତିବାଦରେ ଆତ୍ମାହୁତି କରି ଗତ ସୋମବାର ରାତିରେ ମୃତ୍ୟୁବରଣ କରିଥିବା ବେଳେ ଘଟଣାକୁ ସପ୍ତାହେ ନ ପୂରୁଣୁ ପୁରୀ ପିପିଲି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପୁରୀ ଜିଲ୍ଲା ଅନ୍ତର୍ଗତ ବଳଙ୍ଗା ଥାନାର ବାୟାବର ଗାଁରେ ଆଜି ୩ ଜଣ ଦୁର୍ବୃତ୍ତ ଜନୈକା ୧୫ ବର୍ଷୀୟା ନାବାଳିକାଙ୍କୁ କିରୋସିନି ଢାଳି ପୋଡ଼ି ହତ୍ୟା ପାଇଁ ଉଦ୍ୟମ କରିଛନ୍ତି। ସେତେବେଳେ ନାବାଳିକା ଜଣଙ୍କ ତାଙ୍କର ଜଣେ ସାଙ୍ଗଙ୍କ ଘରକୁ ଯାଉଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ରହିଛି। ତେବେ କେଉଁ କାରଣ ପାଇଁ ଦୁର୍ବୃତ୍ତମାନେ ଏପରି ଅଘଟଣ ଘଟାଇଛନ୍ତି, ସେନେଇ କିଛି ସ୍ପଷ୍ଟ ହୋଇପାରିନାହିଁ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଆବଶ୍ୟକ ସ୍ଥଳେ ତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯିବ ବୋଲି କହିଛନ୍ତି। ପୀଡ଼ିତାଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁଲିସ୍ ଘଟଣାର ତ୍ୱରିତ ତଦନ୍ତ ଆରମ୍ଭ କରି ତନାଘନା ଚଳାଇଥିବା ବେଳେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଓ ସିଏମ୍‌ଓ ଏମ୍‌ସ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ଖବର ରଖାଯାଉଛି। ଯଦି ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ପରିସ୍ଥିତି ଅନୁକୂଳ ହୁଏ ଏବଂ ଏଥିପାଇଁ ଭୁବନେଶ୍ୱର ଏମ୍‌ସର ନିର୍ଦ୍ଦେଶକ ଅନୁମୋଦନ ଦିଅନ୍ତି, ତା'ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏହି ଘଟଣାରେ ଅପରାଧୀ ଯେଉଁଠାରେ ଥିଲେ ବି ନିଶ୍ଚିତ ଭାବରେ ଧରାପଡ଼ିବେ ପୁଲିସ ଟିମ୍ ଅପରେସନ ମୋଡ୍‌ରେ ଅଛନ୍ତି। ଆଇନ ଅନୁଯାୟୀ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ➪ପୃଷ୍ଠା-୬

# ବିରୋଧୀଙ୍କ ନୂଆ ଆଖଡ଼ା ଏମ୍ସ



- ରାଜନୈତିକ ନାରାବାଜି ଉପରେ ରୋକ
- ବର୍ଣ୍ଣ ୱାର୍ଡ ସମ୍ମୁଖରେ ଲାଗିଲା ନୋଟିସ
- ହସ୍ପିଟାଲ ପରିସରରେ ୧୬୩ ଧାରା ଲାଗୁ

**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ବିରୋଧୀଙ୍କ ପାଇଁ ଭୁବନେଶ୍ୱର ଏମ୍ସ ଏବେ ପାଲଟିଛି ରାଜନୈତିକ ଆଖଡ଼ା। ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟାଠାରୁ ଆରମ୍ଭ କରି ବଳଙ୍ଗା ନାବାଳିକାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ଘଟଣା ପର୍ଯ୍ୟନ୍ତ ସବୁଠି ବିରୋଧୀ ଦଳ ଏମ୍ସ ପରିସରରେ ପହଞ୍ଚି ରାଜନୈତିକ ମାଇଲେଜ୍ ନେବାକୁ ଉଦ୍ୟମ କରୁଛି। ଏହାକୁ ଦୃଷ୍ଟିରେ ରଖି ଏମ୍ସ ପରିସରରେ ବିକ୍ଷୋଭ ଓ ନାରାବାଜି ଉପରେ ରୋକ ଲଗାଯାଇଛି। ଏ ସଂକ୍ରାନ୍ତ ନୋଟିସ ଜାରି କରିଛନ୍ତି ଏମ୍ସ କର୍ତ୍ତୃପକ୍ଷ। ଏହି ନୋଟିସ୍ ଅନୁସାରେ, ଏମ୍ସ ପରିସରରେ କେହି ବିକ୍ଷୋଭ ଓ ନାରାବାଜି କରିପାରିବେନି। ହସ୍‌ପିଟାଲରେ ଅନେକ ରୋଗୀ ଚିକିତ୍ସାଧୀନ ଥିବାରୁ ସାଧାରଣ ଲୋକଙ୍କ ଏକତ୍ରିତ ହେବା ଓ ପାଟିତୁଣ୍ଡ କରିବା କୌଣସି ଦୃଷ୍ଟିରୁ ଯୁକ୍ତିଯୁକ୍ତ ନୁହେଁ ବୋଲି ଏମ୍ସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରାଜନୈତିକ ଦଳର ବିକ୍ଷୋଭ ଓ ନାରାବାଜି ଅନ୍ୟ ରୋଗୀଙ୍କ ସେବାରେ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି। ଏହାଦ୍ୱାରା ସଂକ୍ରମଣ ହାର ମଧ୍ୟ ବଢ଼ିପାରେ। ତେଣୁ ହସ୍ପିଟାଲ ପ୍ରବେଶ ସ୍ଥାନରୁ ଦୂରରେ ରହିବାକୁ ଓ ହସ୍ପିଟାଲ ଲବି ଭିତରେ ଏକାଠି ନ ହେବାକୁ ଏମ୍ସ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି। ଏମ୍ସ ତରଫରୁ ବର୍ଣ୍ଣ ୱାର୍ଡ ବାହାରେ ଉପରୋକ୍ତ ନୋଟିସ୍ ଲଗାଯାଇଛି। ସୂଚନଯୋଗ୍ୟ ଯେ ଫକୀରମୋହନ କଲେଜ ଛାତ୍ରୀ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତା ଛାତ୍ରୀଙ୍କ ମୃତ୍ୟୁ ପରେ ମେଡିକାଲ ପରିସରରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ➪ପୃଷ୍ଠା-୬

ଏଫ୍‌ଏମ୍ ଛାତ୍ରୀଙ୍କ ଆତ୍ମାହୁତି ମାମଲା

# ପେଟ୍ରୋଲ ଦେଇଥିଲେ ସହପାଠୀ !

- ପେଟ୍ରୋଲ ପମ୍ପ ସିସିଟିଭିରୁ କ୍ରାଇମବ୍ରାଞ୍ଚକୁ ମିଳିଲା ସୁରାକ
- ୩୨ ଜଣଙ୍କ ବୟାନ ରେକର୍ଡ କରିଛି ଉଚ୍ଚଶିକ୍ଷା ବିଭାଗ ଟିମ
- ବିଏଡ୍ ଛାତ୍ରଛାତ୍ରୀଙ୍କ ମତାମତ ନେଇଛି ୟୁଜିସି ଟିମ

ବାଲେଶ୍ୱର,୧୯।୭(ସଂଚାର ବ୍ୟୁରୋ): ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଶୁକ୍ରବାର ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁର ତନାଘନା କରୁଥିବା କ୍ରାଇମବ୍ରାଞ୍ଚ ଟିମ୍‌କୁ ଏକ ବଡ଼ ସୁରାକ୍ ମିଳିଛି। ଘଟଣା ଦିନ ପେଟ୍ରୋଲ କେଉଁଠୁ ଆସିଲା ଏବଂ କିଏ ଆଣିଲା ସେନେଇ ସୁରାକ୍ ମିଳିଛି। ପେଟ୍ରୋଲ ପମ୍ପରୁ ଜଣେ ଛାତ୍ରୀ ବୋତଲରେ ଗୋଟିଏ ଲିଟର ତେଲ ନେଇଥିଲେ। ସିସିଟିଭି ଫୁଟେଜକୁ ଆଧାର କରି କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। ଗତକାଲି ବିଳମ୍ବିତ ରାତିରେ କ୍ରାଇମବ୍ରାଞ୍ଚ ସମ୍ପୃକ୍ତ ପେଟ୍ରୋଲ ପମ୍ପ ମାଲିକଙ୍କୁ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ ଜବତ କରିଛି।

ଚତୁର୍ଥ ପର୍ଯ୍ୟାୟରେ ଶୁକ୍ରବାର ୟୁଜିସି ଓ ଉଚ୍ଚଶିକ୍ଷା ବିଭାଗର ଟିମ୍ ପହଞ୍ଚି କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ଆଇସିସି କମିଟି ମେମ୍ବରଙ୍କୁ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚରା କରିଛନ୍ତି। ଏଥିସହ ସ୍ଥାନୀୟ ପେଟ୍ରୋଲ ପମ୍ପକୁ ଯାଇ ତଦନ୍ତ କରିଥିଲେ। ➪ପୃଷ୍ଠା-୬

# ଦେଶର ଅଭିବୃଦ୍ଧି କାହାଣୀ ଲେଖିବ ଆଇଆଇଟି ପାଲକ୍କଡ: ଧର୍ମେନ୍ଦ୍ର

- ଡିଗ୍ରୀ ଓ ପଦକବିଜେତାଙ୍କୁ ଅଭିନନ୍ଦନ ଜଣାଇଲେ
- ଆଇଆଇଟି ଛାତ୍ରଛାତ୍ରୀ ବହୁଗୁଣସମ୍ପନ୍ନ




ପାଲକ୍କଡ,୧୯।୭: ଆଇଆଇଟି ପଢୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଭାରତର ଅଗାଢ଼ ବିଶ୍ୱାସ ରହିଛି। ସେମାନେ କେବଳ ଇଞ୍ଜିନିୟରିଂ ସ୍ନାତକ ନୁହଁନ୍ତି, ବରଂ ବୁଦ୍ଧିଜୀବୀ ସହ ବହୁଗୁଣସମ୍ପନ୍ନ ବୋଲି ଶନିବାର କେରଳସ୍ଥିତ ଆଇଆଇଟି ପାଲକ୍କଡର ସପ୍ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ ମତ ବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ମନ୍ତ୍ରୀ ସମାବର୍ତ୍ତନ ସମାରୋହରେ ଡିଗ୍ରୀ ଓ ପଦକ ବିଜେତା ସ୍ନାତକଧାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ଅନୁଷ୍ଠାନରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଜୀବନରେ ନୂଆ ବୃତ୍ତିଗତ ଅଧ୍ୟାୟ ଆରମ୍ଭ କରୁଛନ୍ତି। ଆଇଆଇଟି ପାଲକ୍କଡର ଆବେଗ ସହ ସେମାନେ ୨୦୪୭ରେ ବିକଶିତ ଭାରତର କଳ୍ପନାକୁ ଆଗେଇ ନେବା ଦିଗରେ ଯୋଗଦାନ ରଖିବା ଦରକାର। ୧୦ ବର୍ଷରୁ କମ୍ ସମୟ ମଧ୍ୟରେ ଆଇଆଇଟି ପାଲ୍ଲକଡ ଶିକ୍ଷାଗତ ଉତ୍କର୍ଷତା, ଗବେଷଣା, ନବସୃଜନ ଓ ଉଦ୍ୟମିତା କ୍ଷେତ୍ରରେ ଏକ ଗତିଶୀଳ କେନ୍ଦ୍ରରେ ପରିଣତ ହୋଇଛି। ଆଇଆଇଟି ପାଲକ୍କଡ ଭଳି ନୂତନ ଯୁଗର ପ୍ରତିଷ୍ଠାନ ଏକବିଂଶ ଶତାବ୍ଦୀରେ ଭାରତର ଅଭିବୃଦ୍ଧି କାହାଣୀକୁ ଶକ୍ତି ପ୍ରଦାନ କରିବାରେ ବେଶ୍ ଆଗରେ ଅଛନ୍ତି। ଆମେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛୁ। ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଆମକୁ ଆଗକୁ ବଢ଼ିବାକୁ ହେବ। ବିଶ୍ୱ ସ୍ତରର ଭିତ୍ତିଭୂମି ସୃଷ୍ଟି କରିବାକୁ ପଡ଼ିବ। ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନରେ ଆତ୍ମନିର୍ଭର ହେବାକୁ ପଡ଼ିବ। ଆମର କୃଷି କ୍ଷେତ୍ରକୁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ କରିବାର ଆବଶ୍ୟକତା ରହିଛି। ସ୍ୱଚ୍ଛ ଉର୍ଜା ଓ ଜଳବାୟୁ କାର୍ଯ୍ୟରେ ବିଶ୍ୱ ନେତୃତ୍ୱ ପ୍ରତିଷ୍ଠା କରିବାକୁ ହେବ। ଆମକୁ ଅଧିକ ସମାବେଶୀ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ସୃଷ୍ଟି କରିବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି ଯେ ଆଇଆଇଟିର ଛାତ୍ରଛାତ୍ରୀ ଚତୁର୍ଦ୍ଦଶ ଶତାବ୍ଦୀର ଗଣିତଜ୍ଞ ଓ ଜ୍ୟୋତିର୍ବିଜ୍ଞାନୀ ମାଧବଙ୍କଠାରୁ ➪ପୃଷ୍ଠା-୬



**କାନ ଡେରିଥା**

ରାଜ୍ୟ ସରକାର ଭାଙ୍ଗିଯିବ କାଳେ
ରାଜ୍ୟରେ ଚହଳ ପଡିଛି
ନିର୍ବାଚନ ହେବ ଗୋଟିଏ ସମୟେ
ଏବେଠୁ ଅନ୍ଦାଜ ଲାଗିଛି
ବିଲ୍ଲ ଟା ପାସ ହୋଇଛି !
ସବୁ ନିର୍ବାଚନ ଏକାବେଳେ ହେବ
ଦଳ ରଣନିତି କରୁଛି ॥

■ ଦେବାଶିଷ

# ଅଗଷ୍ଟ ୧୫ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

- ବରିଷ୍ଠ ବିଧାୟକଙ୍କୁ ମିଳିପାରେ ସୁଯୋଗ
- ପୂର୍ବରୁ ପ୍ରଶାସନିକ ସ୍ତରରେ ଅଦଳବଦଳ



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ଗତ କିଛି ଦିନ ହେଲା ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ତ୍ରିମଣ୍ଡଳ ଉପରେ ଏବେ ହାତ ମାରିବେ ନାହିଁ। ଅଗଷ୍ଟ ୧୫ ପରେ ମନ୍ତ୍ରିମଣ୍ଡଳରେ ହେବ ଅଦଳବଦଳ। ତେବେ ଦୁଇ ତିନି ଦିନ ମଧ୍ୟରେ ପ୍ରଶାସନିକ ସ୍ତରରେ ବଡ ଧରଣର ଅଦଳବଦଳ ହେବା ସମ୍ଭାବନା ରହିଛି।

ରାଜ୍ୟରେ ଗତ କିଛି ମାସ ମଧ୍ୟରେ ଘଟୁଥିବା ବିଭିନ୍ନ ଘଟଣାକ୍ରମକୁ ନେଇ ସରକାର ଅଡୁଆରେ ପଡୁଛନ୍ତି। ବିରୋଧୀଙ୍କୁ ମଧ୍ୟ ସରକାରଙ୍କୁ ଘେରିବାକୁ ସୁଯୋଗ ମିଳିଯାଉଛି। ତେବେ ସବୁ ଘଟଣାରେ ସରକାରଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବିରୋଧୀଙ୍କ ସବୁ ରଣନୀତିକୁ ଭଣ୍ଡୁର କରିଦେଉଛି। ରଥଯାତ୍ରା ବିଭ୍ରାଟଠାରୁ ଆରମ୍ଭ କରି ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ି ମାରିଦେବା ଉଦ୍ୟମ ହେଉ, ସବୁ କ୍ଷେତ୍ରରେ ବିରୋଧୀ ରାଜନୈତିକ ଗୋଟି ସଜେଇବା ପୂର୍ବରୁ ସରକାର ଆକ୍ସନ ନେଇଛନ୍ତି। ତେବେ ଏତେସବୁ ଘଟଣା ଭିତରେ ସୃଷ୍ଟି ହୋଇଥିବା ରାଜନୈତିକ ଅସ୍ଥିରତା ନ ଥମିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବେ ନାହିଁ।

ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରିମଣ୍ଡଳରେ କାହାକୁ ଗ୍ରହଣ କରିବେ, କାହାକୁ ବାହାର କରିବେ, ଏହା ସମ୍ପୂର୍ଣ୍ଣ ଭାବେ ତାଙ୍କ କ୍ଷମତା ପରିସରଭୁକ୍ତ। କିନ୍ତୁ ମିଳୁଥିବା ସୂଚନାନୁଯାୟୀ, ଏଥର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ହିଁ ହେବ ମୁଖ୍ୟ ମାପକାଠି। ସେହି ଆଧାରରେ ମୁଖ୍ୟମନ୍ତ୍ରୀ କିଛି ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ଅଦଳବଦଳ କରିପାରନ୍ତି। ବର୍ତ୍ତମାନ ଜଣେ ଜଣେ ମନ୍ତ୍ରୀଙ୍କ ପାଖରେ ଏକାଧିକ ବିଭାଗ ରହୁଥିବାରୁ ସେମାନେ ଆବଶ୍ୟକତାରୁ ଅଧିକ ଚାପରେ ରହୁଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଏକାଧିକ ବିଭାଗ ଦାୟିତ୍ୱରେ ଅଛନ୍ତି। ପ୍ରଶାସନର ମୁଖିଆ ଭାବେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ, ସାଧାରଣ ପ୍ରଶାସନ, ସୂଚନା ଲୋକସମ୍ପର୍କ ଭଳି ୬ଟି ବଡ ବଡ ବିଭାଗ ରହିଛି। ରାଜ୍ୟର ➪ପୃଷ୍ଠା-୬

**ସହସମ୍ପାଦକ ଆବଶ୍ୟକ**

**ଇଚ୍ଛୁକ ଓ ଅଭିଜ୍ଞ ବ୍ୟକ୍ତି ଆବେଦନ କରନ୍ତୁ**

ଦୈନିକ ଖବରକାଗଜ 'ସଂଚାର'ର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପାଇଁ ଅଭିଜ୍ଞ ସହସମ୍ପାଦକ ଆବଶ୍ୟକ। ସାମ୍ବାଦିକତା କ୍ଷେତ୍ରରେ ସର୍ବନିମ୍ନ ୫ ବର୍ଷର ଅଭିଜ୍ଞତା ସହ କମ୍ପ୍ୟୁଟର ଜ୍ଞାନ ଜରୁରୀ।



ଯୋଗାଯୋଗ: ପ୍ଲଟ୍ ନଂ.୩୧୨, ଫ୍ଲାଟ୍ ନଂ.୦୦୩,
ଗ୍ରୀନ୍ ହାଇ ଆପାର୍ଟମେଣ୍ଟ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧
ମୋ-୯୪୩୭୨୨୭୭୭୭
email: sancharodisha@gmail.com

ସମ୍ପାଦକୀୟ
SANCHAR
ସଂଚାର
sanchar.live


ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଉଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ସୁପ୍ରିମକୋର୍ଟଙ୍କୁ ସମାଲୋଚନା

ଗଣତନ୍ତ୍ରରେ ନ୍ୟାୟପାଳିକା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ନ୍ୟାୟପାଳିକା ଯୋଗୁ ଗଣତନ୍ତ୍ର ତିଷ୍ଠି ରହିଛି। ଗଣତନ୍ତ୍ର ବା ସାମ୍ବିଧାନିକ ବିଧିବ୍ୟବସ୍ଥା ପ୍ରତି ଯେତେବେଳେ ବି ବିପଦ ସୃଷ୍ଟି ହୋଇଛି ସେତେବେଳେ ନ୍ୟାୟାଳୟ ସଙ୍କଟ ମୋଚକ ଭୂମିକା ତୁଲାଇଛି। ବିଶେଷ କରି ସୁପ୍ରିମକୋର୍ଟ ଅନେକ କ୍ଷେତ୍ରରେ ଦେଶର ସୁରକ୍ଷାରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇଛି। ଯେତେବେଳେ ବି ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ସେତେବେଳେ ସୁପ୍ରିମକୋର୍ଟ ଏହାର ସୁରକ୍ଷା କରିଛନ୍ତି। ଅବଶ୍ୟ ୧୯୭୫ରେ ଜରୁରୀ ପରିସ୍ଥିତି ବେଳେ ସୁପ୍ରିମକୋର୍ଟ ଅସହାୟ ହୋଇପଡ଼ିଥିଲେ। କାରଣ ସୁପ୍ରିମକୋର୍ଟଙ୍କର ବି ଏକ ନିଜସ୍ୱ ସୀମା ରହିଛି। ସୁପ୍ରିମକୋର୍ଟ ବାରମ୍ବାର କହି ଆସିଛନ୍ତି ଯେ, ସଂସଦ ହେଉଛି ସର୍ବୋଚ୍ଚ। କାରଣ ଏହା ଜନତାଙ୍କ ପ୍ରତିନିଧିତ୍ୱ କରୁଛି। ଗଣତନ୍ତ୍ରରେ ଜନତା ଜନାର୍ଦ୍ଦନ ସବୁଠାରୁ ମହତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ। ଜନତାଙ୍କ ପ୍ରତିନିଧି ମାନେ ଏଠାରେ ଏକତ୍ର ହୋଇ ନିଷ୍ପତ୍ତି ନିଅନ୍ତି। ସଂସଦର ମୁଖ୍ୟ ଦାୟିତ୍ୱ ହେଲା ଆଇନ ପ୍ରଣୟନ କରିବା। ସଂସଦରେ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନରେ ଯେଉଁ ବିଲ ଗୃହୀତ ହେଲା ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଲା ତେବେ ଏହା ଆଇନରେ ପରିଣତ ହେବା। ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିବାର ଯଥାର୍ଥତା ନାହିଁ। କିନ୍ତୁ ଅତୀତରେ ସିଏଏ, କୃଷି ଆଇନ ଭଳି ଅନେକ ଆଇନକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି। ଧାରା ୩୭୦ ଉଚ୍ଛେଦକୁ ମଧ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି। ସୁପ୍ରିମକୋର୍ଟରେ ଏହାର ତର୍ଜମା କରାଯାଇଛି ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ସବୁ କଥାରେ ସଂସଦର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯିବା ଏକ ଖରାପ ପରମ୍ପରା। ଏହା ଗଣତନ୍ତ୍ରରେ ଏକ ବିବାଦୀୟ ପ୍ରସଙ୍ଗ। ସମ୍ବିଧାନର ଧାରା ୧୪୧ରେ ସୁପ୍ରିମକୋର୍ଟଙ୍କୁ ବିଶେଷ କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ସୁପ୍ରିମକୋର୍ଟ ଏହାକୁ ରାଷ୍ଟ୍ରପତିଙ୍କ ପ୍ରତି ଉପଯୋଗ କରିପାରିବେ ନାହିଁ। ଏହା ଉପରେ ଏବେ ବିତର୍କ ଆରମ୍ଭ ହୋଇଛି। ନିକଟରେ ସଂସଦରେ ୱାକଫ ଆଇନରେ ସଂଶୋଧନ ବିଲ ଗୃହୀତ ହେବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ଆଇନରେ ପରିଣତ ହୋଇଛି। କିନ୍ତୁ ଏହା ବିରୋଧରେ ସୁପ୍ରିମକୋର୍ଟରେ ଶତାଧିକ ପିଟିସନ ଦାଖଲ ହୋଇଛି। ଏହା ଏବେ ସୁପ୍ରିମକୋର୍ଟରେ ବିଚାରାଧିନ ରହିଛି। କିନ୍ତୁ ସୁପ୍ରିମକୋର୍ଟ ଏବେ ୱାକଫ ବୋର୍ଡରେ ନିଯୁକ୍ତି ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଛନ୍ତି। ସଂଶୋଧିତ ୱାକଫ ଆଇନ ଅନୁଯାୟୀ ୱାକଫ ବୋର୍ଡରେ ଅଣମୁସଲିମ ଏବଂ ମହିଳାମାନେ ସଦସ୍ୟ ରହିପାରିବେ। ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି ଏବଂ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣୀ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିଛନ୍ତି। ଏ ସମ୍ପର୍କରେ ବିଜେପିର ବରିଷ୍ଠ ସାଂସଦ ନିଶିକାନ୍ତ ଦୁବେ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରି କହିଛନ୍ତି ଯେ, ସୁପ୍ରିମକୋର୍ଟ ତାଙ୍କ ସୀମା ଲଘଂନ କରୁଛନ୍ତି। ଯଦି ସବୁ କଥାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବେ ଏବଂ ସଂସଦରେ ଗୃହୀତ ବିଲ ଉପରେ ତର୍ଜମା କରିବେ ତେବେ ସଂସଦ କାର୍ଯ୍ୟ କରିବା ବନ୍ଦ କରିଦେବା ଉଚିତ। ଯଦି ସମ୍ବିଧାନର ମୌଳିକତା ବିରୋଧରେ ଏଭଳି କିଛି ନିଷ୍ପତ୍ତି ହୋଇଥାଏ ତେବେ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇପାରିବ। ଉଦାହରଣ ସ୍ୱରୂପ ସମ୍ବିଧାନରେ ଉଲ୍ଲେଖ ଅଛି ଯେ, କୌଣସି ପରିସ୍ଥିତିରେ ମଧ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହୋଇପାରିବ ନାହିଁ। ଏହା ହେଉଛି ସମ୍ବିଧାନର ମୌଳିକ ନୀତି। ଯଦି ସରକାର ସଂରକ୍ଷଣ ସୀମା ବଢ଼ାଇବାକୁ ଉଦ୍ୟମ କରିବେ ତେବେ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇପାରିବ। କିନ୍ତୁ ୱାକଫ ଆଇନରେ ସଂଶୋଧନ ବିଲ ଗୃହୀତ ହୋଇ ଆଇନରେ ପରିଣତ ହେବା ପରେ ଏହା ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିବା ଯଥାର୍ଥ ନୁହେଁ। ନିଶିକାନ୍ତ ଦୁବେ ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କୁ ସମାଲୋଚନା କରି ସେ ଭାରତରେ ସୃଷ୍ଟି ହେଉଥିବା ଧାର୍ମିକ ବିବାଦ ଏବଂ ହିଂସା ପାଇଁ ଦାୟୀ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ପ୍ରତି ତାଙ୍କର ଏହି କଟୁ ମନ୍ତବ୍ୟ ସ୍ପୃହଣୀୟ ନୁହେଁ। ଜଣେ ସାଧାରଣ ବ୍ୟକ୍ତି ଏହା କହିଥିଲେ ଚଳିଥାଆନ୍ତା। କିନ୍ତୁ ଜଣେ ସାଂସଦ ଏହା କହିବା ଅସୁନ୍ଦର କଥା। ଏହା ସୁପ୍ରିମକୋର୍ଟଙ୍କ ପ୍ରତି ଅସମ୍ମାନ। କିନ୍ତୁ ସେ ଯାହା କହିଛନ୍ତି ତାହା ଏକ ତର୍ଜମାର ବିଷୟ। ନିକଟରେ ସୁପ୍ରିମକୋର୍ଟ ଆଉ ଏକ ମାମଲାରେ କହିଛନ୍ତି ଯେ, ରାଜ୍ୟ ବିଧାନସଭାରେ ଗୃହୀତ ବିଲକୁ ଯଦି ରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ରିଫର କରିଥାଆନ୍ତି ତେବେ ରାଷ୍ଟ୍ରପତି ଏହା ଉପରେ ୩ ମାସ ଭିତରେ ନିଷ୍ପତ୍ତି ନେବାକୁ ବାଧ। ଯଦି ବିଳମ୍ବ ହୁଏ ତେବେ ରାଷ୍ଟ୍ରପତି ଏହାର କାରଣ ସମ୍ପର୍କରେ ବିଧାନସଭାକୁ ଜଣାଇବେ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଆଉ ଏକ ବିବାଦ ଏବଂ ବିତର୍କ ଆରମ୍ଭ କରିଛି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି ଯେ, ରାଷ୍ଟ୍ରପତି ହେଉଛନ୍ତି ଦେଶର ସର୍ବୋଚ୍ଚ କର୍ତ୍ତା। ତାଙ୍କୁ ନିର୍ଦ୍ଦେଶ ଦେବାର ଅଧିକାର ସୁପ୍ରିମକୋର୍ଟଙ୍କର ନାହିଁ। ସୁପ୍ରିମକୋର୍ଟ ବିଚାରପତି ଏବଂ ପ୍ରଧାନ ବିଚାରପତିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରନ୍ତି। ତେଣୁ ନିଯୁକ୍ତିଦାତାଙ୍କୁ ନିଯୁକ୍ତିପ୍ରାପ୍ତ ବ୍ୟକ୍ତି ବା ସଂସ୍ଥା କିପରି ନିର୍ଦ୍ଦେଶ ଦେଇପାରିବ?



ସୁପ୍ରିମକୋର୍ଟ କାହାକୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ ତାଙ୍କୁ ରାଷ୍ଟ୍ରପତି କ୍ଷମା କରିପାରନ୍ତି। ତେଣୁ ସୁପ୍ରିମକୋର୍ଟ କିପରି ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବେ? ରାଷ୍ଟ୍ରପତି ଜଣେ ରବର ଷ୍ଟାମ୍ପ ହୋଇପାରନ୍ତି। କିନ୍ତୁ ସେ ହେଉଛନ୍ତି ଦେଶର ପ୍ରଥମ ନାଗରିକ ଏବଂ ସାମ୍ବିଧାନିକ ମୁଖ୍ୟ। ଏଠାରେ ସୁପ୍ରିମକୋର୍ଟ ସଂସଦ ବା ବିଧାନସଭାରେ ଗୃହୀତ ବିଲକୁ ରାଷ୍ଟ୍ରପତି ବା ରାଜ୍ୟପାଳ ଅଟକାଇପାରିବେ ନାହିଁ ବୋଲି କହୁଛନ୍ତି। କିନ୍ତୁ ସେପଟେ ସଂସଦରେ ଗୃହୀତ ୱାକଫ ଆଇନରେ ସଂଶୋଦନକୁ ଅଟକାଉଛନ୍ତି। ସୁପ୍ରିମକୋର୍ଟ ଏ କ୍ଷେତ୍ରରେ ପରସ୍ପର ବିରୋଧୀ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ଏହା ଉପରେ ବୁଦ୍ଧିଜୀବୀ, ସମ୍ବିଧାନବିତ ଏବଂ ବିଜ୍ଞବ୍ୟକ୍ତିମାନେ ତର୍ଜମା କରି ସଠିକ ନିଷ୍ପତ୍ତି ନେବା ଉଚିତ। ସଂସଦ ଓ ସୁପ୍ରିମକୋର୍ଟଙ୍କ ମଧ୍ୟରେ ବିବାଦ ଶୁଭଙ୍କର ବା ସ୍ୱାଗତଯୋଗ୍ୟ ନୁହେଁ। ରାଷ୍ଟ୍ରପତି ଓ ସୁପ୍ରିମକୋର୍ଟଙ୍କ ମଧ୍ୟରେ ଟଣାଓଟରା ବା କିଏ କାହାଠାରୁ ବଡ଼ ତାହା ଉପରେ ମଧ ବିବାଦ ଅନୁଚିତ। ସଂସଦୀୟ ଗଣତନ୍ତ୍ରର ସର୍ବୋଚ୍ଚ ସ୍ତରରେ ଏଭଳି ବିବାଦ ସ୍ପୃହଣୀୟ ବା ଗ୍ରହଣୀୟ ନୁହେଁ। ଅନ୍ୟ ପକ୍ଷରେ ସାଂସଦ ବା ରାଜନେତା ସୁପ୍ରିମକୋର୍ଟଙ୍କ ପ୍ରତି ମନ୍ତବ୍ୟ ଦେବା ବେଳେ ସଂଯମତା ରକ୍ଷା କରିବା ଉଚିତ। କଲେଜିୟମ ପ୍ରସଙ୍ଗରେ ଅତୀତରେ ଏଭଳି ବିବାଦ ଉପୁଜିଥିଲା। ଆଇନମନ୍ତ୍ରୀ ସଂସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନେକ ଥର ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଛନ୍ତି। ଏ କ୍ଷେତ୍ରରେ ଏକ ସର୍ବସମ୍ମତ ଲକ୍ଷ୍ମଣରେଖା ନିର୍ଦ୍ଧାରିତ ହେବା ଉଚିତ। କେହି କାହାର ସୀମା ଅତିକ୍ରମ କରିବା ଅନୁଚିତ। କେହି କାହାର ମର୍ଯାଦା ହାନି କରିବା ଅନୁଚିତ। ଆଉ ଏଭଳି ଅନେକ ବିବାଦୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ତ୍ୱରିତ ନିଷ୍ପତ୍ତି ନେବା ଉଚିତ। ଏହାକୁ ଅଧିକ ଦିନ ଚାପି ରଖିବା ବିସ୍ଫୋରକ ରୂପ ନେଇପାରେ। ସୁପ୍ରିମକୋର୍ଟଙ୍କୁ ସମାଲୋଚନା ଏକ ଖରାପ ପରମ୍ପରା। ଏହା ଏକ ଅଭ୍ୟାସରେ ପରିଣତ ହେବା ପୂର୍ବରୁ ଏଥିରେ ରୋକ ଲାଗିବା ଉଚିତ। ଅଯୋଧା ବିବାଦର ରାୟ ପ୍ରକାଶ ପାଇବା ପରେ ଅନେକ ବ୍ୟକ୍ତି ଏବଂ ସଙ୍ଗଠନ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଥିଲେ। ଯଦି ସୁପ୍ରିମକୋର୍ଟଙ୍କ ରାୟ ଜଣଙ୍କୁ ସୁହାଉନାହିଁ ବା ତାଙ୍କ ଆ।।ନୁରୂପ ହେଉନାହିଁ, ତେବେ କୋର୍ଟଙ୍କୁ ସମାଲୋଚନା କରିବା ଗ୍ରହଣୀୟ ନୁହେଁ। କୋର୍ଟଙ୍କ ରାୟରେ ଅସନ୍ତୁଷ୍ଟ ହେଲେ ଉପଯୁକ୍ତ ଯୁକ୍ତି ବଳରେ ଏହାର ପୁନର୍ବିଚାର ପାଇଁ ଅପିଲ କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ପ୍ରତି କଟୁ ବାକ୍ୟ ପ୍ରୟୋଗ ଗ୍ରହଣୀୟ ନୁହେଁ। ସେହିପରୀ ରାଷ୍ଟ୍ରପତିଙ୍କ କ୍ଷମତା ଏବଂ ଅଧିକାର ସମ୍ପର୍କରେ ମଧ ସମ୍ବିଧାନବିତମାନେ ସ୍ପଷ୍ଟ କରିବା ବିଧେୟ।

# ଆକାଶ ଗଙ୍ଗାରେ ଶିବଲିଙ୍ଗର ପ୍ରକୃତ ତତ୍ତ୍ୱ




ଡଃ. ଅମୂଲ୍ୟ କୁମାର ପଣ୍ଡା


ମହା ଶିବଲିଙ୍ଗର ଅର୍ଥ ହେଉଛି ଭଗବାନ ଶିବ ତଥା ମହାଦେବଙ୍କ ଆଦି-ଅନାଦୀ ସ୍ୱରୂପ। ଶୂନ୍ୟ , ଆକାଶ , ଅନନ୍ତ ବ୍ରହ୍ମାଣ୍ଡ ଏବଂ ନିରାକାର ପରମ ପୁରୁଷଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଲିଙ୍ଗ କୁହାଗଲା। ସ୍କନ୍ଦ ପୁରାଣରେ କୁହାଯାଇଛି , ଆକାଶ ସ୍ୱୟଂ ଲିଙ୍ଗ ଅଟେ। ଧରତୀ ତାହାର ପୀଠ କିମ୍ବା ଆଧାର ଅଟେ ଏବଂ ସମସ୍ତ ଅନନ୍ତ ଶୂନ୍ୟରୁ ଜନ୍ମ ହୋଇଛନ୍ତି , ସେଥିରେ ଲୟ ହେବା କାରଣରୁ ତାହାଙ୍କୁ ଲିଙ୍ଗ କୁହାଗଲା। ବାତାବରଣ ସହିତ ଘୁରୁଥିବା ପୃଥିବୀ କିମ୍ବା ଅନନ୍ତ ବ୍ରହ୍ମାଣ୍ଡର ଅକ୍ଷ ଯାହାକୁ ଇଂରାଜୀରେ AXIS କୁହଯାଏ ତାହା ଲିଙ୍ଗ ଅଟେ। ପୁରାଣରେ ଶିବଲିଙ୍ଗଙ୍କୁ ବହୁ ଅନ୍ୟ ନାମରେ ମଧ ସମ୍ବୋଧିତ କରାଯାଇଛି ଯେପରି : ପ୍ରକାଶ ସ୍ତମ୍ଭ/ଲିଙ୍ଗ , ଅଗ୍ନି ସ୍ତମ୍ଭ/ଲିଙ୍ଗ , ଉର୍ଜା ସ୍ତମ୍ଭ/ଲିଙ୍ଗ , ବ୍ରହ୍ମାଣ୍ଡୀୟ ସ୍ତମ୍ଭ/ଲିଙ୍ଗ। ପୁରାଣରେ ଭଗବାନ ମହେଶ୍ୱରଙ୍କ ମହଣ ମହିମାର ବଖାଣ କରୁଥିବା ଲିଙ୍ଗ ପୁରାଣକୁ ବିଶିଷ୍ଟ ପୁରାଣ କୁହାଯାଏ। ଭଗବାନ ଶିବଙ୍କର ଜ୍ୟୋତିର୍ଲିଙ୍ଗର କଥା , ଈଶାନ-କଳ୍ପର ବୃତ୍ତାନ୍ତ ସର୍ବବିସର୍ଗ ଆଦି ଦଶା ଲକ୍ଷଣ ସହିତ ବର୍ଣ୍ଣିତ ହୋଇଛି। ଭଗବାନ ଶିବଙ୍କ ମହିମା ଲିଙ୍ଗ ପୁରାଣରେ ୧୧,୦୦୦ ଶ୍ଳୋକରେ ବର୍ଣ୍ଣିତ ହୋଇଛି। ଏହା ସମସ୍ତ ପୁରାଣରେ ଶ୍ରେଷ୍ଠ ଅଟେ। ବେଦବ୍ୟାସ କୃତ ଏହି ପୁରାଣରେ ପ୍ରଥମେ ଯୋଗ ପରେ କଳ୍ପ ବିଷୟରେ ବର୍ଣ୍ଣନା କରାଯାଇଛି। ଲିଙ୍ଗ ଶବ୍ଦ ପ୍ରତି ଆଧୁନିକ ସମାଜରେ ବଡ଼ ଧରଣର ଭ୍ରାନ୍ତି ପାଇଛନ୍ତି। ଲିଙ୍ଗ ଶବ୍ଦର ଶାବ୍ଦିକ ଅର୍ଥ ଚିହ୍ନ ଅଥବା ପ୍ରତୀକ ଅଟେ। ଭଗବାନ ମହେଶ୍ୱର ଆଦି ପୁରୁଷ ଅଟନ୍ତି। ଏହି ଶିବଲିଙ୍ଗ ଭଗବାନ ଶଙ୍କରଙ୍କ ଜ୍ୟୋତିରୂପା ଚିନ୍ମୟ ଶକ୍ତିର ଚିହ୍ନ ଅଟେ। ତାହାର ଉଦ୍ଭବ ବିଷୟରେ ସୃଷ୍ଟିର କଲ୍ୟାଣ ପାଇଁ ଜ୍ୟୋତିର୍ଲିଙ୍ଗଦ୍ୱାରା ପ୍ରକଟ ହୋଇ ବ୍ରହ୍ମା ତଥା ବିଷ୍ଣୁଙ୍କ ପରି ଅନାଦି ଶକ୍ତିଙ୍କୁ ମଧ ଆଶ୍ଚର୍ଯ୍ୟରେ ପକାଉଥିବା ଘଟଣାର ବର୍ଣ୍ଣନା ଏହି ପୁରାଣର ବର୍ଣ୍ଣିତ ବିଷୟର ଏକ ପ୍ରଧାନ ଅଙ୍ଗ ଅଟେ। ଆଜିର ଏ ସମାଜ ରେ କିଛି ଅଜ୍ଞାନ ପ୍ରଜାତୀର ପ୍ରାଣୀ ପବିତ୍ର 'ଶିବଲିଙ୍ଗ' କୁ ଯୌନାଙ୍ଗ କହି କିଛି କପୋଳକଳ୍ପିତ ଜ୍ଞାନ ବାଣ୍ଟିଚାଲିଛନ୍ତି। ଭଗବାନ ଶିବଙ୍କୁ ଅନେକ ପ୍ରକାର ମିଛ ଗଳ୍ପ ରେ ବର୍ଣ୍ଣନା କରି ଚାଲିଛନ୍ତି ଓ ଆମେ ବିଶ୍ୱାସ ମଧ କରି ଚାଲିଛୁ। ତେବେ ପ୍ରକୃତ ରେ 'ଶିବଲିଙ୍ଗ' କଣ ? 'ଶିବଲିଙ୍ଗ' ର ଅର୍ଥ କଣ ? 'ଶିବଲିଙ୍ଗ' କାହାର ପ୍ରତିନିଧିତ୍ୱ କରିଥାଏ ? ପବିତ୍ର 'ଶିବଲିଙ୍ଗ', ସମ୍ପୂର୍ଣ୍ଣ ବାୟୁ ମଣ୍ଡଳ, ଘୂର୍ଣ୍ଣାୟମାନ ପୃଥିବୀ ଓ ପରିବର୍ତ୍ତନଶୀଳ ବ୍ରହ୍ମାଣ୍ଡ ର ଅକ୍ଷକୁ ସୂଚାଇଥାଏ। ଭୁଲ ବୁଝାମଣା, ଅଜ୍ଞାନତା,ବିଦେଶୀ ବିଧର୍ମୀ ମାନଙ୍କ ଦ୍ୱାରା ଆମ ଧର୍ମ ଶାସ୍ତ୍ର ମାନଙ୍କୁ ନଷ୍ଟ କରାଯିବା ହେତୁ ବହୁତ ଲୋକ 'ଶିବଲିଙ୍ଗ' ବିଷୟରେ ଭୁଲ ଧାରଣା ପାଇଛନ୍ତି।

ଏକଥା ପ୍ରାୟ ସମସ୍ତଙ୍କୁ ଜଣା ଥିବ କି ସଂସ୍କୃତ ଭାଷା ହେଉଛି ଆଦିଭାଷା ବା ସବୁ ଭାଷାର ଜନକ ଏହାକୁ ଦେବନାଗରୀ ଲିପି ମଧ କୁହାଯାଏ। ଆମେ ଜାଣୁ କି କୌଣସି ଶବ୍ଦର ଅର୍ଥ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ହୋଇଥାଏ। ସେପରି ଏହି ସଂସ୍କୃତ ଭାଷାରେ କିଛି ଏପରି ଶବ୍ଦ ରହିଛି ଯାହାର କି ଭିନ୍ନ ଭିନ୍ନ ଅର୍ଥ ରହିଛି। ଉଦାହରଣ ସ୍ୱରୂପ,'ସୂତ୍ର' ଓ 'ଅର୍ଥ' - 'ସୂତ୍ର' କହିଲେ ସୂତା ଓ 'ସୂତ୍ର' କହିଲେ ଗଣିତର ସୂତ୍ର, ବିଜ୍ଞାନର ସୂତ୍ରକୁ ମଧ ବୁଝାଏ। ସେହିପରି 'ଅର୍ଥ' କହିଲେ ଟଙ୍କା,ଧନ,ସମ୍ପତ୍ତିକୁ ବୁଝାଏ ଓ 'ଅର୍ଥ' କହିଲେ କୌଣସି ଶବ୍ଦର ଭାବାର୍ଥକୁ ମଧ ବୁଝାଏ। 'ଲିଙ୍ଗ' ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ପ୍ରତୀକ ଯେମିତିକି ପୁଲିଙ୍ଗର ଅର୍ଥ ପୁରୁଷର ପ୍ରତୀକ ବା ଚିହ୍ନ ଓ ସ୍ତ୍ରୀଲିଙ୍ଗର ଅର୍ଥ ହେଉଛି ସ୍ତ୍ରୀର ପ୍ରତୀକ ବା ଚିହ୍ନ। ସେହିପରି 'ଶିବଲିଙ୍ଗ' ର ଅର୍ଥ ହେଉଛି ଶିବଙ୍କର ପ୍ରତୀକ ବା ଚିହ୍ନ। ଏହା ଶିବଙ୍କର ଯୌନାଙ୍ଗ ବୋଲି ଭାବିବା ଆମର ମସ୍ତବଡ଼ ଭୁଲ। ଯେପରି ଗୋଲାକାର ବାୟୁ ମଣ୍ଡଳ,ଗୋଲାକାର ପୃଥିବୀ ଓ ଗୋଲାକାର ବ୍ରହ୍ମାଣ୍ଡ ରହିଛି ସେପରି ଶିବଲିଙ୍ଗର ଚାରିପାଖର ଗୋଲାକାର ଅଂଶ ରହିଛି। ଅର୍ଥାତ 'ଶିବଲିଙ୍ଗ' ର ଗୋଲାକାର ଅଂଶ ବ୍ରହ୍ମାଣ୍ଡକୁ ବୁଝାଏ ଓ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଅକ୍ଷ ଅଟେ। ବିଜ୍ଞାନ ମଧ ପ୍ରମାଣ କରି ସାରିଛି କି 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଏକ ପ୍ରତୀକ। ଭାରତର ବହୁତ ନାରୀ ଶିବଲିଙ୍ଗଙ୍କୁ ସ୍ପର୍ଶ କରନ୍ତି ନାହିଁ। ସେମାନେ ଭାବନ୍ତିକି ଶିବଲିଙ୍ଗ ହେଉଛି ଶିବଙ୍କର ଯୌନାଙ୍ଗ। ଆମ ମନରେ ଏଭଳି ଅନ୍ଧବିଶ୍ୱାସ ଭରି ଦିଆଯାଇଛି କେବଳ ବିଦେଶୀ ମାନଙ୍କ ଦ୍ୱାରା। ସନାତନ ଧର୍ମ ଏକ ଏପରି ଧର୍ମ ଯାହା କି ବିଜ୍ଞାନ ସହ ଯୋଡି ହୋଇ ରହିଛି। ବିଜ୍ଞାନ ମଧ ଭଗବାନଙ୍କ ଅସ୍ତିତ୍ୱର ପ୍ରମାଣ କରି ସାରିଛି। ଏପରି ମହାନ ଆମ ସନାତନ ଧର୍ମ। ଏବେ ପ୍ରଶ୍ନ ଆସୁଛି 'ଶିବଲିଙ୍ଗ' ର ସୃଷ୍ଟି କିପରି ହେଲା ଆଉ କାହିଁକି ହେଲା ? ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି କି ପୁରାତନ କାଳରେ ମୁନି ଋଷି ମାନେ ଦୀପ ଜ୍ୟୋତିକୁ ଚାହିଁ ପରମାତ୍ମାଙ୍କୁ ଧାନ କରୁଥିଲେ। ବାୟୁ ସଞ୍ଚାଳନ ହେତୁ ଦୀପ ଜ୍ୟୋତି ସ୍ଥିର ରହୁ ନଥିଲା ଓ ମୁନି ଋଷି ମାନଙ୍କର ଧାନ ଭଗ୍ନ ହେଉଥିଲା। ତେଣୁ ସେମାନେ ଦୀପ ଜ୍ୟୋତିର ଏକ ବିକଳ୍ପ ଚିନ୍ତା କଲେ। ଅନନ୍ତ ବ୍ରହ୍ମାଣ୍ଡ ଓ ପୃଥିବୀ ର ଅକ୍ଷକୁ ଚିନ୍ତା କରି ସେମାନେ ପଥରରେ ଏକ ଦୀପ ଜ୍ୟୋତିର ମୂର୍ତ୍ତି ତିଆରି କଲେ ଯାହା କି ଏହି 'ଶିବଲିଙ୍ଗ'। ସେମାନେ ଏହି 'ଶିବଲିଙ୍ଗ' କୁ ଚାହିଁ ଧାନ କରିବା ଆରମ୍ଭ କଲେ ତେଣୁ ଏହା ପରଠାରୁ 'ଶିବଲିଙ୍ଗ' ର ପ୍ରଚଳନ ଆରମ୍ଭ ହେଲା।

ତେବେ ପଦ୍ମପୁରାଣ ଅନୁସାରେ ଏକଦା ମହର୍ଷି ଭୃଗୁ ସୃଷ୍ଟି ତତ୍ତ୍ୱ ଓ ପରମପିତା ଶିବଙ୍କର ମାହାତ୍ମ ଜାଣିବା ପାଇଁ କୈଳାସରେ ପହଞ୍ଚିଲେ। ଠିକ୍ ସେହି ସମୟରେ ଭଗବାନ ଶିବ ମାତା ପାର୍ବତୀଙ୍କ ସହିତ ଏକ ନିବୃତ ସ୍ଥାନରେ ରତିକ୍ରୀଡ଼ା ଅର୍ଥାତ୍ ସୃଷ୍ଟି ସର୍ଜନାରେ ମଗ୍ନ ଥିଲେ। ବହୁଦିନ ଧରି ଅପେକ୍ଷା କରିଥିଲେ ମଧ ମହର୍ଷି ଭୃଗୁ ପରମପିତାଙ୍କର ଦର୍ଶନ କରିପାରିଲେ ନାହିଁ। ଏଥିପାଇଁ ତାଙ୍କର ଧୈର୍ଯ୍ୟଚ୍ୟୁତି ହେବାରୁ ସେ ପରମପିତାଙ୍କୁ ପ୍ରାର୍ଥନା ତଥା ଅଭିଶାପ ଦେଇ କହିଲେ-" ହେ ପରମ ପିତା ! ଆପଣ ଯେଉଁ ଅବସ୍ଥାରେ ନାରୀ ଶକ୍ତି ସହିତ ସଂଯୁକ୍ତ ହୋଇଛନ୍ତି, ସେହି ଅବସ୍ଥାରେ ଏ ଭବମୟ ସାରା ସଂସାରରେ ପୂଜା ପାଇବେ।" ତାହା ହିଁ ହେଲା। ଭୃଗୁ ଋଷିଙ୍କର କଥା ସତ୍ୟ ହେଲା। ସେହିଦିନରୁ ଭଗବାନ ଶିବ ଲିଙ୍ଗରୂପରେ ପୂଜା ପାଇଆସୁଛନ୍ତି। ସେହିପରି କୋଟିରୁଦ୍ର ସଂହିତା ଅନୁସାରେ ଦେବଦାରୁ ବନରେ ଥିବା ଏକ ଆଶ୍ରମରେ କେତେକ ଋଷି ସପତ୍ନୀକ ଭଗବାନ ଶିବଙ୍କର ପୂଜାର୍ଚ୍ଚନା କରୁଥିଲେ। ଏକଦା ଏହି ସପତ୍ନୀକ ଋଷିମାନଙ୍କୁ ପରୀକ୍ଷା କରିବା ପାଇଁ ଭଗବାନ ଶିବ ସେହି ଆଶ୍ରମରେ ପହଞ୍ଚିଲେ। ଠିକ୍ ସେହି ସମୟରେ ଋଷିମାନେ ସମିଧ ସଂଗ୍ରହ ନିମନ୍ତେ ବନକୁ ଯାଇଥିଲେ। ଭଗବାନ ଶିବ ଋଷି ପତ୍ନୀମାନଙ୍କ ସମ୍ମୁଖରେ ନଟରାଜ ରୂପରେ ନୃତ୍ୟ କରିବାକୁ ଲାଗିଲେ। ନୃତ୍ୟ ସମୟରେ ଦେହରୁ ସମ୍ପୂର୍ଣ୍ଣ ବସ୍ତ୍ର ଖସି ଯାଇଥିଲା, ତାଙ୍କର ସେଥିପ୍ରତି ଧାନ ନଥିଲା। ଠିକ୍ ସମୟରେ ଋଷିମାନେ ବନରୁ ଫେରି ଭଗବାନ ଶିବଙ୍କର ଏପରି ଉଲଗ୍ନ ଅବସ୍ଥା ଦେଖି କ୍ରୋଧାନ୍ୱିତ ହୋଇ ଅଭିଶାପ ଦେଲେ, ଏହାଫଳରେ ଶିବଙ୍କ ଲିଙ୍ଗ ତାଙ୍କ ଦେହରୁ ଛିନ୍ନ ହୋଇ ଭୂମିରେ ପଡ଼ିଲା। ଛିନ୍ନ ଲିଙ୍ଗ ଅସ୍ଥିର ହୋଇ ସମଗ୍ର ସଂସାରରେ ବହୁ ଉତ୍ପାତ କଲେ। ଦେବତାମାନେ ବ୍ୟସ୍ତ ହୋଇ ବେଦପତି ବ୍ରହ୍ମା ମାତା ପାର୍ବତୀଙ୍କୁ ଧାନ କଲେ। ବ୍ରହ୍ମାଙ୍କ ଧାନରେ ସନ୍ତୁଷ୍ଟ ହୋଇ ମାତା ପାର୍ବତୀ ସମସ୍ତ ଜାଣିପାରି ମର୍ତ୍ତ୍ୟକୁ ଆଗମନ କଲେ। ମାତା ଭଗବତୀ ଦେବୀ ପାର୍ବତୀ ଶିବଙ୍କର ସେହି ଛିନ୍ନ ଲିଙ୍ଗକୁ ନିଜ ଶକ୍ତିଚକ୍ର (ଯୋନି) ମଧ୍ୟରେ ଧାରଣ କରି ଶାନ୍ତ କରାଇଲେ। ସେହିଦିନ ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ସପତ୍ନୀକ ଋଷିମାନେ ଶକ୍ତିଚକ୍ର ସହିତ ଲିଙ୍ଗପୂଜା କଲେ। ଫଳରେ ସେହିଦିନରୁ ଭଗବାନ ଶିବଲିଙ୍ଗ ରୂପରେ ପୂଜା ପାଇଆସୁଛନ୍ତି। ଆଉ ଶିବ ପୁରାଣ ଅନୁସାରେ ଦକ୍ଷପ୍ରଜାପତିଙ୍କ ଯଜ୍ଞରେ ମଙ୍ଗଳମୟ ଦେବାଧିଦେବ ମହାଦେବଙ୍କ ଅପମାନ ସହ୍ୟ କରିନପାରି ମାତା ସତୀ ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଲେ। ଫଳରେ ସତୀଙ୍କୁ ନପାଇ ଭଗବାନ ଶିବ ହତଜ୍ଞାନ ହୋଇ ଦକ୍ଷଯଜ୍ଞ ଭଙ୍ଗ କରିବା ସଙ୍ଗେ ସଙ୍ଗେ ସଂସାରରେ ତାଣ୍ଡବଲୀଳା କରି ସମଗ୍ର ସୃଷ୍ଟିକୁ ପ୍ରଳୟ କରିବାକୁ ଲାଗିଲେ। ସେହି ସମୟରେ ତାଙ୍କ କଟିରୁ ବ୍ୟାଘ୍ରଚର୍ମ ଖସିପଡ଼ିବାଦ୍ୱାରା ସେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇଗଲେ। ଶିବଙ୍କ କ୍ରୋଧ ଶାନ୍ତ କରିବା ପାଇଁ ଦକ୍ଷ ପ୍ରଜାପତିଙ୍କ ରାଣୀ ନୈବେଦ୍ୟ ଧରି ଶିବଙ୍କ ସମ୍ମୁଖରେ ଉଭା ହେଲେ। ଭଗବାନ ଶିବଙ୍କର ଏପରି ଉଲଗ୍ନ ରୂପ ଦେଖି ରାଗିଯାଇ ବଡ଼ପାଟିରେ କହିଲେ, " ମୁଁ ତୁମର ମାତୃତୁଲ୍ୟ, ତୁମେ ମୋ ସମ୍ମୁଖରେ ଉଲଗ୍ନ ହୋଇ ଲିଙ୍ଗ ପ୍ରଦର୍ଶନ କଲ। ତେଣୁ ତୁମେ ଯୁଗେ ଯୁଗେ ଏହି ଲିଙ୍ଗ ରୂପରେ ପୂଜା ପାଅ। ତାହା ହିଁ ହେଲା। ସେହିଦିନରୁ ଭଗବାନ ଶିବଶଙ୍କର ସମଗ୍ର ସଂସାରରେ ଲିଙ୍ଗରୂପରେ ପୂଜା ପାଇ ଆସୁଛନ୍ତି। ତେବେ ତତ୍ତ୍ୱ ଜନିତ ଓ ବୈଜ୍ଞାନିକ ପ୍ରାମାଣିକ ଅନୁସାରେ ଶୂନ୍ୟ , ଆକାଶ , ଅନନ୍ତ ବ୍ରହ୍ମାଣ୍ଡ ଏବଂ ନିରାକାର ପରମ ପୁରୁଷଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଲିଙ୍ଗ କୁହାଗଲା ଯାହା ଶିବଲିଙ୍ଗ ନାମରେ ନାମିତ ଆଉ ଏହା ହିଁ ପ୍ରକୃତ ସତ୍ୟ।


**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**




# ଷୋହଳ ବର୍ଷରେ ଭୋଟ ଅଧିକାର !




ସୁବାସ ଷଡ଼ଙ୍ଗୀ


ସଂସ୍କୃତରେ ଏକ ଶ୍ଳୋକ ରହିଛି ଯାହାର ଅର୍ଥ ହେଲା, ପିଲାକୁ ଷୋହଳ ବର୍ଷ ହେଲେ ତା ସହିତ ମିତ୍ର ଭଳି ବ୍ୟବହାର କରିବା ଶାସ୍ତ୍ରରେ ଏକଥା କୁହାଯାଇଥିବାରୁ, ଆମେ ଏହାକୁ ଅନେକ ପରିମାଣରେ ଗ୍ରହଣ ମଧ କରିଛୁ। ହଜାର ହଜାର ବର୍ଷ ତଳେ ଆମ ଶାସ୍ତ୍ର ପ୍ରଣେତାମାନେ ମନେ କରିଥିଲେ, ନାବାଳକର ବୟସ ଷୋହଳ ବର୍ଷରେ ଶେଷ ହୋଇଯାଏ। ଏଇ ବୟସରୁ ସନ୍ତାନ ସାଂସାରିକ ଓ ବୈଷୟିକ ବିଷୟରେ ସ୍ୱାଧୀନ ଭାବରେ ନିଜର ମତାମତ ଦେବାକୁ ସକ୍ଷମ। କିନ୍ତୁ ସେ ସମୟରେ ଏଭଳି ଯୁକ୍ତି ପଛରେ କୌଣସି ଯୁକ୍ତି ବା ସମୀକ୍ଷା ନଥିଲା। ଆଧୁନିକ ଯୁଗରେ ବିଭିନ୍ନ ପରୀକ୍ଷା ନୀରିକ୍ଷା ପରେ ଅଠର ବର୍ଷକୁ ସାବାଳକର ବୟସ ଭାବରେ ଗ୍ରହଣ କରାଗଲା। ଏମାନଙ୍କୁ କିଛି ଅଧିକାର ମଧ ଦିଆଗଲା। ଭୋଟ ଅଧିକାର ଏଥିମଧ୍ୟରୁ ଗୋଟିଏ।

କିନ୍ତୁ ପ୍ରଶ୍ନ ଉଠେ କଣ ପାଇଁ ଅଠର ବର୍ଷକୁ ସାବାଳକର ମାପକାଠି ଭାବରେ ଗ୍ରହଣ କରାଯିବ। ତାଠାରୁ କମ ବୟସରେ କଣ ପାଇଁ ପିଲା ସାବାଳକ ହୋଇପାରିବ ନାହିଁ? ନାବାଳକର ସଂଜ୍ଞାନେଇ ବିଭିନ୍ନ ଲୋକଙ୍କ ବିଭିନ୍ନ ମତ ରହିଛି। ବିଶେଷ କରି ଅପରାଓଧ କ୍ଷେତ୍ରରେ। ଦିଲ୍ଲୀର ନିର୍ଭୟା ଘଟଣା ସମଗ୍ର ଦେଶକୁ ବିଚଳିତ କରିଦେଇଥିଲା। ସେଇ ଅପରାଧର ଆସାମୀ ମାନଙ୍କ ମଧ୍ୟରୁ ଜଣକର ବୟସ ଅଠର ବର୍ଷରୁ କିଛି କମ ଥିଲା। ଏଣୁ ତାକୁ ନାବାଳକ ଭାବରେ ଗ୍ରହଣ କରାଯାଇ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇ ଦିଆଯାଇଥିଲା। ବିଚାର ଚାଲିଥିଲାବେଳେ ସେ ପ୍ରାୟ ଆଠମାସ ଧରି ଜେଲରେ ଥିଲା। ଦଣ୍ଡ ବିଧାନ ହୋଇଥିବା ସମୟତକ ସେ ଜେଲରେ କାଟି ପଦାକୁ ବାହାରି ଆସିଥିଲା। ଏତେ ବଡ ଏକ ଅପରାଧରେ ସମ୍ପୃକ୍ତ ହୋଇଥିଲେ ମଧ କମ ସମୟ ମଧ୍ୟରେ ଦଣ୍ଡମୁକ୍ତ ହେବାକୁ ସକ୍ଷମ ହେଲା।

ଆମ ଓଡ଼ିଶାର ଭୁବନେଶ୍ୱର ନିକଟବର୍ତ୍ତୀ ଡୁମୁଡୁମାରେ ମଧ ଜଣେ ନାବାଳକ ଜଣେ ଯୁବକକୁ ହତ୍ୟା କରିଥିଲା। ଏମିତି ଅନେକ ଗୁରୁତର ଅପରାଧରେ ଆଜିକାଲି ନାବାଳକମାନେ ସମ୍ପୃକ୍ତ ହେଉଛନ୍ତି। ନାବାଳକର ସଂଜ୍ଞା ନୂତନ ଭାବରେ ନିର୍ଦ୍ଧାରଣ ହେବା ଉଚିତ କି ନୁହେଁ, ସେ ବିଷୟରେ କିଛିଟା ମତପାର୍ଥକ୍ୟ ରହିଛି। ଅନେକଙ୍କର ଯୁକ୍ତି ହେଉଛି ନାବାଳକର ବୟସସୀମା ଅଠରବର୍ଷରୁ କମ ହେବା ଦରକାର। ବିଚାରପତି ଜେ.ଏସ ବର୍ମା କମିଟି ନାରୀ ନିର୍ଯାତନା ନିରୋଧ ଆଇନରେ କିଛିଟା ପରିବର୍ତ୍ତନ ପାଇଁ ଯେଉଁ ସୁପାରିସ କରିଥିଲେ, ସେଥିରେ ନାବଳକର ବୟସସୀମା ଅଠରବର୍ଷରୁ କମ କରିବାକୁ ସୁପାରିସ କରି ନାହାନ୍ତି। ଏଣୁ ଅନେକ ପେଶାଦାର ଅପରାଧୀମାନେ ନାବଳକମାନଙ୍କୁ ନେଇ ଅପରାଦ ଘଟାଉଛନ୍ତି ଏବଂ ଆଇନର ଗଳାବାଟ ଦେଇ ସହଜରେ ଖସି ଯାଉଛନ୍ତି। ନିର୍ଭୟା ଘଟଣାର ତିନିବର୍ଷ ପରେ ୨୦୧୫ ମସିହାରେ ଜୁଭେନାଇଲ ଜଷ୍ଟିସ ଆକ୍ଟରେ ଯେଉଁ ପରିବର୍ତ୍ତନ କରାଯାଇଛି, ସେଥିରେ ଅପରାଧର ଗୁରୁତ୍ୱ ଉପରେ ନିର୍ଭର କରି ଷୋହଳ ବର୍ଷର ନାବାଳକମାନଙ୍କୁ ସାବାଳକ ଭାବରେ ଗ୍ରହଣ କରାଯିବାକୁ କୁହାଯାଇଛି।

'ନେସନାଲ କ୍ରାଇମ ରେକର୍ଡ ବ୍ୟୁରୋ'ର ତଥ୍ୟ ଅନୁଯାୟି ୨୦୨୧ ମସିହାରେ ନାବାଳକମାନଙ୍କ ବିରୋଧରେ ୩୧, ୧୭୦ଟି ଅପରାଧିକ ମାମଲା ରୁଜୁ କରାଯାଇଥିଲା। ୨୦୨୦ ମସିହାରେ ଏଇ ସଂଖ୍ୟା ଥିଲା ୨୯, ୭୬୮। ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ବୟସ ଥିଲା ଷୋହଳରୁ ଅଠର ବର୍ଷ ଭିତରେ। ଆମଦେଶରେ ଅଳ୍ପ ବୟସର ପିଲା ବିଶେଷ କରି ଷୋହଳରୁ ଅଠରବର୍ଷର ବର୍ଷର ପିଲାମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା ଅଧିକ ଦେଖାଦେଉଛି। ଆର୍ଥସାମଜିକ ପରିସ୍ଥିତି, ସହଜରେ ଇଂଟରନେଟ ମିଳିଯିବା, ସୋସିଆଲ ମିଡିଆର ଦୁରୁପଯୋଗ ଓ ସାମାଜିକ ମୂଲ୍ୟବୋଧର ଅବକ୍ଷୟ କାରଣରୁ ଏଭଳି ଅବସ୍ଥା ଦେଖାଦେଇଛି।ଇଂଟନେଟର ବହୁଳ ବ୍ୟବହାର ଫଳରେ ପୁଅଝିଅମାନେ ଅନେକ କଥା ଜାଣି ପାରୁଛନ୍ତି। ଯାହାକୁ ଆମେ କହୁ 'ଟିନ ଏଜ', ସେଇ ବୟସର ପିଲାମାନେ ଆଜିକାଲି ସବୁଠାରୁ ଅଧିକ ଅପରାଧ ପ୍ରବଣ।

ଏଠାରେ ଅନେକଙ୍କ ମନରେ ପ୍ରଶ୍ନ ଉଠିପାରେ ହଠାତ କଣ ପାଇଁ ନାବାଳକର ସଂଜ୍ଞାନେଇ ବିତର୍କର ଦରକାର ହେଲା? ନିର୍ଭୟା ଘଟଣା ଏବେ ପୁରୁଣା ହୋଇଯାଇଛି। ଗୋଟାଏ ଯୁଗ ବିତି ଯାଇଛି। ଅପରାଧୀମାନଙ୍କର ଚରିତ୍ର, ବିଶେଷ କରି ଝିଅମାନଙ୍କ କ୍ଷେତ୍ରରେ ପ୍ରେମ ଜନିତ ଘଟଣା ଅନେକ ଅପରାଧର ମୂଳ କାରଣ।

ପ୍ରାୟ ଛଅ ଦଶକ ତଳେ ୧୯୬୯ ମସିହାରେ ବ୍ରିଟେନରେ ଭୋଟାଧିକାରର ବୟସ ଥିଲା ଏକୋଇଶ ବର୍ଷ। ଏହାକୁ କମ କରାଯାଇ କରାଗଲା ଅଠର ବର୍ଷ। ଭାରତରେ ୧୯୮୯ ମସିହାରେ ସମ୍ବିଦାନର ୬୧ ତମ ସଂଶୋଧନ ମାଧରେ ଭୋଟ ଦେବାର ଅଧିକାର ଅଠରକୁ କମାଇ ଦିଆଗଲା। ସେବେଠାରୁ ଅଠର ବର୍ଷକୁ ସାବାଳକ ବୟସ ଭାବରେ ଗ୍ରହଣ କରାଯାଇ ଆସୁଛି।

ଏବେ ବ୍ରିଟେନ ଘୋଷଣା କରିଛି ବ୍ରିଟେନରେ ଭୋଟଦେବାର ବୟସ ଷୋହଳକୁ କମାଇ ଦିଆଯିବ। ଜଣେ ଷୋହଳ ବର୍ଷର ପିଲା ଭୋଟ ଦେବାର ଅଧିକାର ପାଇବ। ଏ ସମ୍ପର୍କରେ ବ୍ରିଟେନର ପ୍ରଧାନମନ୍ତ୍ରୀ କେୟାର ଷ୍ଟାଭମାରଙ୍କ ଯୁକ୍ତି ହେଉଛି, ଷୋହଳ ବର୍ଷର ପିଲାମାନଙ୍କୁ ଚାକିରି ଦିଆଯାଉଥିବାରୁ, ସେମାନେ ଟିକସ ଦେଉଛନ୍ତି।ସେମାନଙ୍କ ଟିକସ କିଭଳି ଭାବରେ ଖର୍ଚ୍ଚ ହେବ, ସେ ବିଷୟରେ ମତ ଦେବାର ଅଧିକାର ସେମାନଙ୍କର ରହିବା ଦରକାର। କେବଳ ଭୋଟ ମାଧମରେ ସେମାନେ ନିଜର ମତ ଦେଇ ପାରିବେ।ଏହା ପୂର୍ବରୁ ଅଷ୍ଟ୍ରିୟା ଓ ବ୍ରାଜିଲରେ ମଧ ଷୋହଳ ବର୍ଷରେ ଭୋଟ ଅଧିକାର ଦିଆଯାଇଛି। ଏଣୁ ଭବିଷ୍ୟରେ ଭାରତ ନିଶ୍ଚୟ ସେଇ ପଦାଙ୍କ ଅନୁସରଣ କରିବ।

ଯେଉଁ ପୁଅ ବା ଝିଅ ଗଣତାନ୍ତ୍ରିକ ଅଧିକାର ପାଇବେ, ସେମାନଙ୍କୁ କଣ ନାବାଳକ କୁହାଯିବ? ସମୟ ସହିତ ତାଳ ଦେଇ ଦେଶ ଆଗଉଛି। ଆଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ଆମେ ବହୁ ଆଗେଇଲୁଣି। ସବୁକ୍ଷେତ୍ରରେ ବୈଷୟିକ ଜ୍ଞାନର ଉପଯୋଗ ହେଉଛି। ପିଲାଟିଏ ପ୍ରଥମ ଶ୍ରେଣୀରୁ କଂପ୍ୟୁଟର ଚଳାଇବା ଶିଖୁଛି। ଏଣୁ ସାବାଳକ ହେବା ପାଇଁ ଷୋହଳ ବର୍ଷ ଅନେକ ଅଧିକ ବୋଲି ମନେ କରାଯାଇପାରେ। ପାଶ୍ଚାତ୍ର ଦେଶକୁ ଅନୁକରଣ କରି ଆମେ ଭୋଟ ଦେବାର ବୟସ ଷୋହଳକୁ ଯେ ନକମାଇବା, ସେ କଥା କିଏ କହିପାରିବ?


**ମୋବାଇଲ୍: ୯୪୩୯୬୫୨୩୨୨**


# ଗିନି ସୂଚକାଙ୍କ ତର୍ଜମା ହେଉ




ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)


ନିକଟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଭାରତର ବ୍ୟୟ ଆଧାରିତ ଗିନି ଇଣ୍ଡେକ୍ସ(ସୂଚ୍ୟାଙ୍କ) ୨୦୧୧-୧୨ରେ ୨୮.୨ ରୁ ୨୦୨୨-୨୩ରେ ୨୫.୫କୁ ଉନ୍ନୀତ ହୋଇଛି। ତେବେ ଏହି ରିପୋର୍ଟ ଆଧାରରେ ଭାରତ ବିଶ୍ୱର ଚତୁର୍ଥ ସର୍ବାଧିକ ଆର୍ଥୀକ ସମାନତା ରାଷ୍ଟ୍ରର ମାନ୍ୟତା ହାସଲ କରିଥିବା କେନ୍ଦ୍ର ସରକାର ଦାବି କରିଛନ୍ତି। ଗିନି ସୂଚ୍ୟାଙ୍କରେ ଭାରତର ଉପଲବ୍ଧି ହେଉଛି ଏକ ଉପଯୁକ୍ତ ମାପ ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟ କହିଛି। ଏହା ସତ୍ତ୍ୱେ ବିଶ୍ୱବ୍ୟାଙ୍କ ରିପୋର୍ଟରେ ଚେତାବନୀ ଦେଇ କହିଛି ଯେ, ତଥ୍ୟ ସୀମିତ ଥିବା ଯୋଗୁଁ ଭାରତରେ ଅସାମନତା ହ୍ରାସ ତ୍ରୁଟିଯୁକ୍ତ ହୋଇପାରେ। ବିଶ୍ୱ ଅସମନତା ତଥ୍ୟବଳି ଦର୍ଶାଉଛି ଯେ, ଭାରତରେ ଆୟ ଅସାମନତା ୨୦୦୪ରେ ୫୨ରୁ ୨୦୨୩ରେ ୬୨କୁ ବୃଦ୍ଧି ପାଇଛି। ଅଧିକନ୍ତୁ ଭାରତରେ ବେତନ ଅସମତା ଏବେ ବି ଅଧିକ ରହିଛି। କୁହାଯାଇଛି ଯେ, ୨୦୨୩-୨୪ରେ ଭାରତର ମୋଟ ଜନସଂଖ୍ୟାର ୧୦ ପ୍ରତିଶତଙ୍କ ଆୟ ତଳସ୍ତରରେ ଥିବା ୧୦ପ୍ରତିଶତଙ୍କ ତୁଳନାରେ ୧୩ଗୁଣ ଅଧିକ ରହିଛି। ସେହିପରି ଧନୀବର୍ଗ ତଥା ଅଧିକ ଆୟକାରୀଙ୍କ ସଞ୍ଚୟ ହାର ସ୍ୱଳ୍ପ ଆୟକାରୀଙ୍କ ତୁଳନାରେ ଅଧିକ ରହିଛି, ଯାହା ବ୍ୟୟ ତଥ୍ୟରେ ପ୍ରତିଫଳିତ ହୋଇନାହିଁ। ଋଣ କରି ବ୍ୟୟ କରିବା ଏବେ ମଧବିତଙ୍କ ପାଇଁ ଏକ ପରମ୍ପରାରେ ପରିଣତ ହୋଇଛି। ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ଗିନି ସୂଚକାଙ୍କ ସ୍ଲୋଭାକ ଗଣରାଜ୍ୟ, ସ୍ଲୋଭେନିଆ ଏବଂ ବେଲାରୁଷ ପରେ ଭାରତକୁ ବିଶ୍ୱର ସର୍ବାଧିକ ସମାନତାଦେଶର ମାନ୍ୟତା କରିଛି। ଭାରତ ପରି ଏକ ବିଶାଳ ଏବଂ ବିବିଧତା ବିଶିଷ୍ଟ ରାଷ୍ଟ୍ର ପାଇଁ ଏହା ଏକ ଉଲ୍ଲେଖନୀୟ ସଫଳତା ବୋଲି କୁହାଯାଏ। ଭାରତର ଆର୍ଥୀକ ପ୍ରଗତି କିପରି ଏହାର ଜନସଂଖ୍ୟା ମଧ୍ୟରେ ଅଧିକ ସମାନ ଭାବରେ ବାଣ୍ଟି ହୋଇଛି, ତାହା ଗିନି ସୂଚକାଙ୍କ ପ୍ରତିଫଳିତ କରୁଥିବା କୁହାଯାଇଛି। ତେବେ ଏହି ସଫଳତା ପଛରେ ଦାରିଦ୍ର୍ୟ ହ୍ରାସ, ବିଭିନ୍ନ ଜନକଲ୍ୟାଣକାରୀ ଉପାର୍ଜନ କ୍ଷମଯୋଜନା ବା କାର୍ଯ୍ୟକ୍ରମ, ସର୍ବାଧିକ ଆବଶ୍ୟକ କରୁଥିବା ଲୋକଙ୍କୁ ସିଧାସଳଖ କଲ୍ୟାଣ ସହାୟତା ପ୍ରଦାନ, ଆର୍ଥୀକ ଅର୍ନ୍ତଭୁକ୍ତକରଣ ଆଦି ପଦକ୍ଷେପ ଯୋଗୁଁ ଭାରତ ଗିନି ସୂଚକାଙ୍କ ଅନୁଯାୟୀ ବିଶ୍ୱର ସର୍ବାଧିକ ଚତୁର୍ଥ ସମାନତା ରାଷ୍ଟ୍ରର ମର୍ଯ୍ୟଦା ହାସଲ କରିବାରେ ଗୌରବ ହାସଲ କରିଛି ବୋଲି କୁହାଯାଇପାରେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଆୟ ସମାନତା ନେଇ ଗିନି ସୂଚକାଙ୍କ ପରିମାପ ତ୍ରୁଟି ମୁକ୍ତ ନୁହେଁ। ମଧବର୍ତ୍ତୀ ଆୟକାରୀ ବର୍ଗଙ୍କ ପରିବର୍ତ୍ତନ ପ୍ରତି ଗିନି ସୂଚକାଙ୍କ ସମ୍ବେଦନଶୀଳ ଥିବାବେଳେ ସବା ଉଚ୍ଚ ଏବଂ ସବା ତଳ ବର୍ଗଙ୍କ କ୍ଷେତ୍ରରେ ପରିବର୍ତ୍ତନ ପର୍ଯ୍ୟାପ୍ତ ଭାବେ ପ୍ରତିଫଳିତ ହୋଇନଥାଏ। ଏହା ନିସନ୍ଦେହ ଯେ, ଉଚ୍ଚ ଆୟକାରୀ ଏବଂ ନିମ୍ନ ଆୟକାରୀ ବର୍ଗଙ୍କ ମଧ୍ୟରେ ଆର୍ଥୀକ ଅସମାନତାର ତୀବ୍ରତା ଅଧିକ ରହିଛି। ଉଲ୍ଲେଖଯୋଗ୍ୟ ଯେ ଗିନି ସୂଚକାଙ୍କ ହେଉଛି ଏକ ଦେଶର ପରିବାର କିମ୍ବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଆୟ, ସମ୍ପତି କିମ୍ବା ବ୍ୟବହାର କିପରି ସମାନ ଭାବରେ ବଣ୍ଟନ କରାଯାଏ, ତାହା ବୁଝିବାର ଏକ ସରଳ ଉପାୟ। ଗିନି ସୂଚକାଙ୍କ ଅଧିକ ହେଲେ ଅଧିକ ଅମସାନତା ଏବଂ କମ୍ ହେଲେ ସମାନତା ବୁଝାଇଥାଏ। ଭାରତର ଗିନି ସୂଚକାଙ୍କ ୨୫.୫ ରହିଥିବାରୁ ସର୍ବାଧିକ ସମାନତା ରାଷ୍ଟ୍ର ବୋଲି କୁହାଯାଉଛି। ଏହା ନିସନ୍ଦେହ ଯେ, ଭାରତରେ ମଜୁରୀ ତାରତମ୍ୟ ସର୍ବାଧିକ ରହିଥିବାବେଳେ ଉଚ୍ଚ ଆୟକାରୀଙ୍କ ସଞ୍ଚୟ ବଢୁଥିବା ସମୟରେ ନିମ୍ନ ଆୟକାରୀଙ୍କ ସଞ୍ଚୟ ହ୍ରାସ ପାଇବା ଏବଂ ଋଣ ଭାରବୃଦ୍ଧି ପାଇବାରେ ଲାଗିଛି। ତେଣୁ ଭାରତ ଯେ, ଗୁରୁତର ଏବଂ ଉତ୍କଟ ଅସମାନତାର ସମ୍ମୁଖୀନ ହୋଇଛି, ଏହାକୁ ଅସ୍ୱୀକାର କରାଯାଇ ନପାରେ। ଉଦାହରଣ ସ୍ୱରୁପ ଗତ ଡିସେମ୍ବର ମାସରେ ବହୁ ଖ୍ୟାତନାମା ଅର୍ଥନୀତିଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ଅକ୍ସଫାମ ରିପୋର୍ଟରେ କୁହାଯାଇଥିଲା ଯେ, ୨୦୨୨-୨୩ରେ ଭାରତର ମୋଟ ଜନସଂଖ୍ୟାର ୧ ପ୍ରତିଶତ ସର୍ବାଧିକ ଧନୀଙ୍କ ନିକଟରେ ଦେଶର ଜାତୀୟ ଆୟର ୨୨.୬ ପ୍ରତିଶତ ଏବଂ ମୋଟ ସମ୍ପତିର ୪୦.୧ ପ୍ରତିଶତ ରହିଛି। ସେହିପରି ତଳସ୍ତରରେ ଥିବା ୫୦ପ୍ରତିଶତ ଲୋକଙ୍କ ନିକଟରେ ମୋଟ ଜାତୀୟ ଆୟର ୧୫ପ୍ରତିଶତ ରହିଥିବାବେଳେ ମୋଟ ଜାତୀୟ ସମ୍ପତିର ମାତ୍ର ୬.୪ ପ୍ରତିଶତ ରହିଛି। ଗିନି ସୂଚକାଙ୍କ ଆଧାରରେ ବିଶ୍ୱବ୍ୟାଙ୍କର ରିପୋର୍ଟ ଏବଂ ଖ୍ୟାତନାମା ଅର୍ଥନୀତିମାନଙ୍କ ଦ୍ୱାରା ପ୍ରସ୍ତୁତ ଅକ୍ସଫାମ ରିପୋର୍ଟ ଆର୍ଥୀକ ସମାନତା ନେଇ ପରସ୍ପରର ବିରୁଦ୍ଧାଚରଣ କରୁଛନ୍ତି। ଏ ନେଇ କେନ୍ଦ୍ର ସରକାର ତର୍ଜମା କରିବା ଆବଶ୍ୟକତା ରହିଛି।





**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ସ୍କିଲ୍ ଇଣ୍ଡିଆ ମିଶନରେ ୬ କୋଟିରୁ ଅଧିକଙ୍କୁ ମିଳିବ ଟ୍ରେନିଂ

## ୧୦ ବର୍ଷ ପୂରଣ ଉପଲକ୍ଷେ ସପ୍ତାହବ୍ୟାପୀ ଉତ୍ସବ

**ନୂଆଦିଲ୍ଲୀ,୧୯।୭:** କେନ୍ଦ୍ରୀୟ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍‌ଏସ୍‌ଡିଇ)ର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ପ୍ରଭାର) ଜୟନ୍ତ ଚୌଧୁରୀ କହିଛନ୍ତି ଯେ, ସ୍କିଲ୍ ଇଣ୍ଡିଆ ମିଶନ ଅଧୀନରେ ଦେଶରେ ୬ କୋଟିରୁ ଅଧିକ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କେନ୍ଦ୍ରୀୟ ମନ୍ତ୍ରୀ କହିଛନ୍ତି ଯେ, ୨୦୧୫ରେ ଆରମ୍ଭ ହୋଇଥିବା ସ୍କିଲ୍ ଇଣ୍ଡିଆ ମିଶନ ଭାରତୀୟ ଯୁବକମାନଙ୍କୁ ଦେଶ ଓ ବିଦେଶରେ ପରିବର୍ତ୍ତନର ଏକ ଶକ୍ତିରେ ପରିଣତ କରିଛି। ସେ ଗତ ୧୦ ବର୍ଷର ଏହି ଯାତ୍ରାକୁ 'କୌଶଳର ଦଶକ' ଭାବେ ଅଭିହିତ କରି କହିଛନ୍ତି, "ଗତ ଦଶକରେ କୌଶଳ ବିକାଶ, ପ୍ରଶିକ୍ଷଣ, ଉଦ୍ୟମିତା ଏବଂ ପାରମ୍ପରିକ ବ୍ୟବସାୟରେ ସମନ୍ୱିତ ପ୍ରୟାସ ଜରିଆରେ ଏମ୍‌ଏସ୍‌ଡିଇ ୬ କୋଟିରୁ ଅଧିକ ଭାରତୀୟଙ୍କୁ ନିଜ ଓ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ସଶକ୍ତ କରିଛି। ନ୍ୟୁଜ୍ ଏଜେନ୍ସି ଆଇଏଏନ୍‌ଏସ୍ ଅନୁଯାୟୀ, ସ୍କିଲ୍ ଇଣ୍ଡିଆ ମିଶନର ୧୦ ବର୍ଷ ପୂରଣ ଉପଲକ୍ଷେ କେନ୍ଦ୍ରୀୟ ମନ୍ତ୍ରୀ ଏକ ସପ୍ତାହବ୍ୟାପୀ ଉତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ଉତ୍ସବରେ ପ୍ରତ୍ୟେକ ରାଜ୍ୟର ଆଇଟିଆଇ, କୌଶଳ କେନ୍ଦ୍ର ଓ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକ୍ରମ, କର୍ମଶାଳା ଓ ପ୍ରଦର୍ଶନୀ ଆୟୋଜିତ ହେବ। ଏହି ଉତ୍ସବ ୨୨ ଜୁଲାଇରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ 'ଭାରତ ସ୍କିଲ୍ ନେକ୍ସଟ୍ ୨୦୨୫' କାର୍ଯ୍ୟକ୍ରମରେ ସମାପନ ହେବ, ଯେଉଁଠାରେ ସ୍କୁଲ ପିଲାଙ୍କ ପାଇଁ ଏଆଇ କୌଶଳ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମେତ ପ୍ରମୁଖ କୌଶଳ ପଦକ୍ଷେପର ଶୁଭାରମ୍ଭ ହେବ। ୨୦୧୫ରେ ଆରମ୍ଭ ଦେଶର ଯୁବକମାନଙ୍କୁ ଆତ୍ମନିର୍ଭର କରାଇବା ଓ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୫ରେ ସ୍କିଲ୍ ଇଣ୍ଡିଆ ମିଶନ ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ ଦେଶବ୍ୟାପୀ ବିଭିନ୍ନ ଟ୍ରେଡ୍ ଓ କୌଶଳରେ ମାଗଣା କିମ୍ବା ରିହାତି ଦରରେ ପ୍ରଶିକ୍ଷଣ ପ୍ରଦାନ କରାଯାଏ। ଏଯାଏ ଲକ୍ଷାଧିକ ଯୁବକ ଏହି ଯୋଜନାରୁ ପ୍ରଶିକ୍ଷଣ ନେଇ ଚାକିରି କିମ୍ବା ସ୍ୱରୋଜଗାର ଆରମ୍ଭ କରିଛନ୍ତି।

# ଅନ୍‌ଲାଇନ ପେମେଣ୍ଟ ପାଇଁ ଅଗଷ୍ଟରୁ ନୂଆ ନିୟମ

**ନୂଆଦିଲ୍ଲୀ, ୧୯।୭:** କଣ ଆପଣ ଅନଲାଇନ ପେମେଣ୍ଟ କରିବା ପାଇଁ ଫୋନ ପେ, ଗୁଗଲ ପେ କିମ୍ବା ପେଟିଏମ ଭଳି ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ(ୟୁପିଆଇ)ର ବ୍ୟବହାର କରୁଛନ୍ତି କି ? ତେବେ ଆପଣଙ୍କୁ ଏହି ଆପ୍ସଗୁଡିକୁ ବ୍ୟବହାର କରିବାର ଉପାୟ ବଦଳାଇବାକୁ ପଡିପାରେ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଆସନ୍ତା ଅଗଷ୍ଟ ୧ ତାରିଖରୁ ନୂଆ ନିୟମ ଆଣିବାକୁ ଯାଉଛି । ଯାହାଦ୍ୱାରା ୟୁପିଆଇ ଟ୍ରାଞ୍ଜାକ୍ସନର ନିୟମ ସମ୍ପୂର୍ଣ୍ଣ ଭବେ ବଦଳିଯିବ। ସୂଚନା ଅନୁଯାୟୀ, ଏନ୍‌ପିସିଆଇ ଏବେ ନୂଆ ଆପ୍ଲିକେସନ ପ୍ରୋଗ୍ରାମିଂ ଇଣ୍ଟରଫେସ (ଏପିଆଇ) ନିୟାମକଗୁଡିକୁ ବ୍ୟାଙ୍କ ଓ ପେମେଣ୍ଟ ସର୍ଭିସ ପ୍ରୋଭାଇଡର (ପିଏସ୍‌ପି) ମାନଙ୍କ ଉପରେ ଲାଗୁ କରିବାକୁ ଯାଉଛି । ଏହାର ମୂଳ ଉଦ୍ଦେଶ୍ୟ ୟୁପିଆଇ ସିଷ୍ଟମକୁ ଆହୁରି ତ୍ୱରିତ୍, ସୁରକ୍ଷିତ ଓ ଭରସାଯୋଗ୍ୟ କରିବା। ଯାହାଦ୍ୱାରା ସର୍ଭର ଡାଉନ କିମ୍ବା ଆଉଟେଜ ଭଳି ସମସ୍ୟାରୁ ମୁକ୍ତି ମିଳିବ। ଏପରି ପରିବର୍ତ୍ତନର ପ୍ରଭାବ ୟୁପିଆଇ ୟୁଜର୍ସଙ୍କ ଡିଜିଟାଲ ପେମେଣ୍ଟ ଉପରେ ପଡିବ । ତେବେ ଏଠାରେ କହିରଖିବୁ ଯେ, ଏହି ପରିବର୍ତ୍ତନ ଆସନ୍ତା ମାସରୁ ଦେଖିବାକୁ ମିଳିବ । ଏହା ଯୋଗୁଁ, ବାଲାନ୍ସ ଯାଞ୍ଚ ପାଇଁ ସୀମା, ଅଟୋପେ ପେମେଣ୍ଟ ସମୟ ସ୍ଲଟ୍ ଏବଂ ପେମେଣ୍ଟ ସ୍ଥିତି ଯାଞ୍ଚ ପାଇଁ ସୀମା ଭଳି ପରିବର୍ତ୍ତନ ହେବ, ଯାହାର ସିଧାସଳଖ ପ୍ରଭାବ ଉପଭୋକ୍ତାଙ୍କ ଉପରେ ପଡ଼ିବ । ରିପୋର୍ଟ ଅନୁଯାୟୀ, ଏହି ପରିବର୍ତ୍ତନ କାରଣରୁ ୟୁପିଆଇ ୟୁଜର୍ସ ଆପ୍ଲିକେସନ ଜରିଆରେ ଦୈନିକ ୫୦ ଥର ପର୍ଯ୍ୟନ୍ତ ହିଁ ନିଜ ଆକାଉଣ୍ଟରେ ଜମାରାଶି ଦେଖିପାରିବେ। ଏହା ଦ୍ୱାରା ବାରମ୍ବାର ଏପିଆଇ କଲ୍ସ ହ୍ରାସ ପାଇବ ଓ ସିଷ୍ଟମ ଧୀମା ହେବ ନାହିଁ । ଯଦି କୌଣସି କାରଣରୁ ପେମେଣ୍ଟ ଅଧାରେ ରହିଯାଏ, ତେବେ ଏହାର ଷ୍ଟାଟସ ଦେଖିବା ଉପରେ ମଧ୍ୟ ପ୍ରତିବନ୍ଧ ଲାଗିବ । ଆପଣ କେବଳ ୩ ଥର ହିଁ ପେମେଣ୍ଟର ଷ୍ଟାଟସ୍ ଯାଞ୍ଚ କରିପାରିବେ । ପ୍ରତି ଷ୍ଟାଟସ ଯାଞ୍ଚ ପାଇଁ ୯୦ ସେକେଣ୍ଡର ବ୍ୟବଧାନ ରଖିବାକୁ ହେବ। ଏହା ସହିତ ଆପଣଙ୍କ ମୋବାଇଲ ନମ୍ବରରେ କେଉଁ କେଉଁ ଆକାଉଣ୍ଟ ଯୋଡି ହୋଇ ରହିଛି, ତାହା ମଧ୍ୟ ଆପଣ ଦୈନିକ ୨୫ ଥର ହିଁ ଦେଖିପାରିବେ। କିଛି ୟୁଜର୍ସ ନେଟଫ୍ଲିକ୍ସ, ଏସ୍‌ଆଇପି ଭଳି ସବ୍ସକ୍ରିପ୍ସନ ଓ କିଛି ବସ୍ତୁ ପାଇଁ ଅଟୋ ଡେବିଟ ଭଳି ଫିଚରର ବ୍ୟବହାର କରିଥାନ୍ତି। ଏହି ଫିଚର ସେବାଗୁଡିକ ନନ୍ ପିକ ସମୟରେ ପ୍ରୋସେସ ହେବ। ଅର୍ଥାତ୍ ନୂଆ ପରିବର୍ତ୍ତନ ପରେ ଅଟୋ ପେ ସୁବିଧା ସକାଳ ୧୦ଟା ପୂର୍ବରୁ, ଦ୍ୱିପହର ୧ରୁ ୫ଟା ମଧ୍ୟରେ ଓ ରାତ୍ର ୯.୩୦ଟା ପରେ ଉପଲବ୍ଧ ହେବ ।



# ଗୁଗଲ୍-ମେଟାକୁ ଇଡି ନୋଟିସ୍




**ନୂଆଦିଲ୍ଲୀ,୧୯।୭:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନଲାଇନ ବେଟିଂ ଆପ୍ସର ପ୍ରଚାରରେ ଗୁଗଲ ଏବଂ ମେଟାକୁ ନୋଟିସ ଜାରି କରିଛି। ଇଡି ଅଭିଯୋଗ କରିଛି ଯେ, ଉଭୟ କମ୍ପାନୀ ଏହି ଆପ୍ସର ବିଜ୍ଞାପନକୁ ପ୍ରମୁଖ ଭାବରେ ଦେଖାଇଛନ୍ତି। ଉଭୟ କମ୍ପାନୀର ପ୍ରତିନିଧିଙ୍କୁ ଜୁଲାଇ ୨୧ରେ ପଚରାଉଚରା ପାଇଁ ଡକାଯାଇଛି। ଏହି ତଦନ୍ତ ଅନଲାଇନ ବେଟିଂର ବର୍ଦ୍ଧିତ ପ୍ରଭାବକୁ ରୋକିବା ପାଇଁ ପ୍ରୟାସର ଏକ ଅଂଶ। ଅନଲାଇନ ବେଟିଂ ଆପ୍ସର ପ୍ରଚାର ଏବେ ଗୁଗଲ ଏବଂ ମେଟାକୁ ଭାରୀ ମହଙ୍ଗା ପଡ଼ିବ। କାରଣ ଇଡି ଅଭିଯୋଗ କରିଛି ଯେ, ଏହି ସୋସିଆଲ ମିଡିଆ ପ୍ଲାଟଫର୍ମରେ ସମସ୍ତଙ୍କୁ ବେଟିଂ ବିଜ୍ଞାପନ ପ୍ରମୁଖ ଭାବରେ ଦେଖାଯାଇଛି। ଏହି କାରଣରୁ ଲୋକମାନେ ସେମାନଙ୍କ ପାଖରେ ସହଜରେ ପହଞ୍ଚି ପାରିଛନ୍ତି। ଏହି କାରଣରୁ ଇଡି ଏବେ ଉଭୟ କମ୍ପାନୀର ପ୍ରତିନିଧିଙ୍କୁ ପଚରାଉଚରା ପାଇଁ ଡକାଯାଇଛି। ଇଡି ଦ୍ୱାରା ଜାରି ନୋଟିସ ଅନୁଯାୟୀ, ଉଭୟ କମ୍ପାନୀର ପ୍ରତିନିଧିଙ୍କୁ ପଚରାଉଚରା କରାଯିବ। ଏଥିରେ ଏହିପରି ଅନଲାଇନ ବେଟିଂ ବିଜ୍ଞାପନ ଦେଖାଇବା ବିଷୟରେ ପ୍ରଶ୍ନ ଏବଂ ଉତ୍ତର ରହିବ। ଏହି ପ୍ଲାଟଫର୍ମ ମାଧ୍ୟମରେ କୋଟି କୋଟି ଟଙ୍କାର କଳାଧନ ରୋଜଗାର ହୋଇଛି ବୋଲି ବିଶ୍ୱାସ କରାଯାଉଛି।

## ଦିଲ୍ଲୀ ପୁଲିସର ଅଭିନବ ଉପାୟ

# ଟ୍ରାଫିକ୍ ପ୍ରହରୀ ଆପ୍ ଦ୍ୱାରା ନିୟମ ଉଲ୍ଲଂଘନ ରିପୋର୍ଟ କରିପାରିବେ ସାଧାରଣ ନାଗରିକ

**ନୂଆଦିଲ୍ଲୀ, ୧୯।୭:** ଦିଲ୍ଲୀ ପୋଲିସ ସହରରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ପରିଚାଳନା କରିବା ପାଇଁ ଏକ ବଢ଼ିଆ ଏବଂ ଅତ୍ୟାଧୁନିକ ଉପାୟ ଅବଲମ୍ବନ କରିଛି। ଦିଲ୍ଲୀ ପୋଲିସ ଟ୍ରାଫିକ୍ ପ୍ରହରୀ ଆପ୍ ଆରମ୍ଭ କରିଛି, ଯାହା ମାଧ୍ୟମରେ ନାଗରିକମାନେ ନିୟମ ଉଲ୍ଲଂଘନ ରିପୋର୍ଟ କରିପାରିବେ ଏବଂ ଟଙ୍କା ମଧ୍ୟ ରୋଜଗାର କରିପାରିବେ। ଆପ୍ ଗତ ବର୍ଷ ସେପ୍ଟେମ୍ବର ୧ ରେ ଟ୍ରାଫିକ୍ ପ୍ରହରୀ ଆପ୍ ଭାବରେ ଲଞ୍ଚ କରାଯାଇଥିଲା । ଏହାକୁ ଗୁଗଲ ପ୍ଲେ ଷ୍ଟୋରରୁ ସହଜରେ ଡାଉନଲୋଡ୍ କରାଯାଇପାରିବେ ଏବଂ ଓଟିପି ବ୍ୟବହାର କରି ଆପଣଙ୍କ ଫୋନ୍ ନମ୍ବର ମାଧ୍ୟମରେ ଆପରେ ପଞ୍ଜିକରଣ କରାଯାଇପାରିବ । ଯଦି ଆପଣ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଦେଖନ୍ତି, ତେବେ ସମୟ ଏବଂ ସ୍ଥାନ ବିବରଣୀ ସହିତ ଗାଡ଼ିର ଏକ ସ୍ପଷ୍ଟ ଫଟୋଗ୍ରାଫ୍ ଅପଲୋଡ୍ କରିବାକୁ ପଡିବ। ତା'ପରେ ପୋଲିସ ଫଟୋ ଯାଞ୍ଚ କରିବ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।ଏହି ଆପର ଏକ ସ୍ପେଶାଲ ଫିଚର ରହିଛି, ଏହା ଟ୍ରାଫିକ୍ ଉଲ୍ଲଂଘନର ଅଭିଯୋଗ ପରେ ନାଗରିକମାନଙ୍କୁ ନଗଦ ରାଶି ପ୍ରଦାନ କରେ । ୧୦,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଚାରୋଟି ବର୍ଗର ନଗଦ ପୁରସ୍କାର ପ୍ରଦାନ କରୁଛି ଏହି ଆପ୍। ପୁନଃ ଲଞ୍ଚ ହେବାର ଅଳ୍ପ ସମୟ ମଧ୍ୟରେ, ଟ୍ରାଫିକ୍ ପ୍ରହରୀ ଆପ୍ ରେକର୍ଡ ସଂଖ୍ୟକ ଅଭିଯୋଗ ପଞ୍ଜୀକୃତ କରିସାରିଛି । ଏହା ବହୁ ସଂଖ୍ୟକ ଡାଉନଲୋଡ୍ ହାସଲ କରିଛି। ଡିସିପି ଟ୍ରାଫିକ୍ ଅନୁଯାୟୀ, ଦିଲ୍ଲୀର ଜନସାଧାରଣ ଏହି ଆପ୍ ମାଧ୍ୟମରେ ପ୍ରତିଦିନ ୧୪୦୦ ରୁ ୧୫୦୦ ଚାଲାଣ ଦାଖଲ କରି ସକ୍ରିୟ ଭାବରେ ଯୋଗଦାନ ଦେଉଛନ୍ତି ।




# ପିଓକେରେ ବୁଲୁଛି ମାସୁଦ ଆଝାର



**ନୂଆଦିଲ୍ଲୀ,୧୯।୭:** ଭାରତର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ତଥା ଜୈଶ-ଇ-ମହମ୍ମଦର ମୁଖ୍ୟ ମାସୁଦ ଆଝାରଙ୍କୁ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ଗିଲ୍‌ଗିଟ-ବାଲଷ୍ଟାନ୍ ଅଞ୍ଚଳର ସ୍କାର୍ଦୁସ୍ଥିତ ସଦପାରା ରୋଡ୍‌ରେ ଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି। ଶୁକ୍ରବାର ଏକ ଜାତୀୟ ଗଣମାଧ୍ୟମରେ ଏନେଇ ରିପୋର୍ଟ ପ୍ରକାଶ ପାଇଛି। ନିଜ ଗଡ଼ ବହାୱଲପୁରରୁ ୧୦୦୦ କି.ମି. ଦୂରରେ ମାସୁଦଙ୍କୁ ଦେଖିବାକୁ ମିଳିଛି। କିଛିଦିନ ତଳେ ପାକିସ୍ତାନର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି କହିଥିଲେ, ମାସୁଦ ପାକିସ୍ତାନରେ ନାହାଁନ୍ତି।

# ମୋଦି ନେତା ନ ରହିଲେ ଆମେ ୧୫୦ ଆସନ ବି ପାଇବୁନି: ସାଂସଦ

**ନୂଆଦିଲ୍ଲୀ, ୧୯।୭:** ଭାରତୀୟ ଜନତା ପାର୍ଟିର ସାଂସଦ ନିଶିକାନ୍ତ ଦୁବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ବଡ ବୟାନ ଦେଇଛନ୍ତି । ଦୁବେ କହିଛନ୍ତି ଭାରତୀୟ ଜନତା ପାର୍ଟିର ନିର୍ବାଚନ ଜିତିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି । ଯାହା ଫଳରେ ଭାରତୀୟ ଜନତା ପାର୍ଟି ତୃତୀୟ ଥର ପାଇଁ କେନ୍ଦ୍ରରେ କ୍ଷମତାରେ ରହିଛି ।  ଏକ ଗଣମାଧମରେ ଇଣ୍ଟରଭିୟୁରେ ସାଂସଦ ନିଶିକାନ୍ତ ଦୁବେ କହିଛନ୍ତି ଯେଉଁ ବର୍ଗ ଭାଜପାକୁ ସମର୍ଥନ କରୁ ନଥିଲେ ସେମାନେ ଆଜି କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କର ଲୋକପ୍ରିୟତା ଯୋଗୁଁ ଭାଜପାକୁ ନିଜର ସମର୍ଥନ ଦେଉଛନ୍ତି ।



ଏହାସହ ସେ ପୁଣି କହିଛନ୍ତି ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେବାରେ ସଫଳ ହୋଇଛନ୍ତି ।  ଯଦି ପିଏମ ମୋଦି ଆମର ନେତା ହୋଇନଥିଲେ ବାରତୀୟ ଜନତା ପାର୍ଟି ନିର୍ବାଚନରେ ୧୫୦ ସିଟ ଜିତି ପାରନ୍ତା ନାହିଁ । ଭାଜପାର ସଫଳତା ପଛରେ ମୁଖ୍ୟ କାରଣ ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ରତି ଲୋକଙ୍କର ବିଶ୍ୱାସ ରହିଛି । ମୋଦିଙ୍କ ଉପରେ ଲୋକଙ୍କର ଭରଷା ମଜବୁତ ରହିଛି। ଯାହାର ପ୍ରବାହ ଓ ଲାଭ ଭାରତୀୟ ଜନତା ପାର୍ଟିକୁ ମିଳୁଛି। ସେ କହିଛନ୍ତି ଯେତେବେଳେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଇକି ଆସିଲେ ସେହି ସମୟରେ ଭାରତୀୟ ଜନତା ପାର୍ଟିର ଭୋଟ ବ୍ୟାଙ୍କ ନଥିଲା । ବିଷେଶ କରି ଗରିବ ଲୋକମାନଙ୍କ ପାଇଁ । ସେମାନେ କେବଳ ମୋଦଙ୍କୁ ବିଶ୍ୱାସ କରୁଥିଲେ ଯାହାକି ଆଜି ସଫଳ ହୋଇଛି । କିଛି ଲୋକଙ୍କୁ ଏହା ପସନ୍ଦ ଆସିପାରେ ନ ଆସିପାରେ କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ହିଁ ସତ ।

ଭାଜପା କୁ ୨୦୨୯ ର ଲୋକସଭା ନିର୍ବାଚନ ପାଇଁ ପିଏମ ମୋଦିଙ୍କର ନେତୃତ୍ୱ ଜରୁରୀ ଅଟେ । ୨୦୨୯ର ନିର୍ବାଚନରେ ଭାଜପା ମଧ୍ୟ ମୋଦିଙ୍କ ନେତ୍ୱରେ ନିର୍ବାଚନ ଲଢ଼ିବାକୁ ବାଧ୍ୟ । ମୁଁ ପାର୍ଟି ର ଜଣେ ସଦଶ୍ୟ ହୋଇଥିବା ହେତୁ ଦୃଢ଼ତାର ସହ କହୁଛି ମୋଦିଙ୍କ ନେତୃତ୍ୱ ଆମକୁ ଦରକାର ।

# ଆପ ଛାଡ଼ିଲେ ଅନମୋଲ



**ଚଣ୍ଡିଗଡ଼,୧୯।୭:** ପଞ୍ଜାବ ଖରାର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଅନମୋଲ ଗଗନ ମାନ, ଯାହାଙ୍କୁ ପୂର୍ବରୁ ମନ୍ତ୍ରୀ ପଦରୁ ହଟାଯାଇଥିଲା, ସେ ଏବେ ତାଙ୍କ ବିଧାୟକ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ସେ ବିଧାନସଭାର ବାଚସ୍ପତି କୁଲତାର ସିଂହ ସନ୍ଧ୍ୱାନଙ୍କୁ ଶୀଘ୍ର ତାଙ୍କ ଇସ୍ତଫା ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଅନମୋଲ ଗଗନ ମାନ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖିଛନ୍ତି, 'ମୋର ହୃଦୟ ଭାରୀ ହୋଇଯାଇଛି, କିନ୍ତୁ ମୁଁ ରାଜନୀତି ଛାଡିବାକୁ ନିଷ୍ପତ୍ତି ନେଇଛି। ବାଚସ୍ପତିଙ୍କୁ ମୋର ଇସ୍ତଫା ପତ୍ର ପଠାଇଛି ଏହାକୁ ଗ୍ରହଣ କରାଯାଉ। ମୋର ଶୁଭକାମନା ଦଳ ସହିତ ଅଛି। ମୁଁ ଆଶା କରୁଛି ଯେ ପଞ୍ଜାବ ସରକାର ଲୋକଙ୍କ ଆଶା ପୂରଣ କରିବ। ଖରାର ବିଧାନସଭା ନିର୍ବାଚନମଣ୍ଡଳୀର ଆମ ଆଦମୀ ପାର୍ଟିର ବିଧାୟକ ଅନମୋଲ ଗଗନ ମାନ ଏହି ଇସ୍ତଫା ସେହି ସମୟରେ ଦେଇଛନ୍ତି ଯେତେବେଳେ ଖରାର ଶିରୋମଣି ଅକାଳୀ ଦଳ ପ୍ରାର୍ଥୀ ରଞ୍ଜିତ ସିଂହ ଗିଲ ମଧ୍ୟ ଗୋଟିଏ ଦିନ ପୂର୍ବରୁ ଦଳ ଛାଡିବାକୁ ଘୋଷଣା କରିଥିଲେ। ଗିଲ ଭାଜପା କିମ୍ବା ଆମ ଆଦମୀ ପାର୍ଟିରେ ଯୋଗଦେବା ନେଇ ଆଲୋଚନା ମଧ୍ୟରେ, ଅନମୋଲ ଗଗନ ମାନ ମଧ୍ୟ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ଯଦି ଅନମୋଲ ଗଗନ ମାନଙ୍କ ଇସ୍ତଫା ଗ୍ରହଣ କରାଯାଏ, ତେବେ ତର୍ଣ୍ଣତାରନ ସହିତ, ଦଳକୁ ଖରାର ଉପନିର୍ବାଚନରେ ମଧ୍ୟ ଲଢ଼ିବାକୁ ପଡ଼ିପାରେ। ଏହାର ଅର୍ଥ ହେଉଛି ଆଗାମୀ ସମୟରେ ସରକାରଙ୍କୁ ଦୁଇଟି ଆସନରେ ଉପନିର୍ବାଚନ କରିବାକୁ ପଡିବ। ଅନମୋଲ ଗଗନ ମାନ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଥିଲେ କିନ୍ତୁ ଯେତେବେଳେ ଆପ କ୍ୟାବିନେଟରେ ପରିବର୍ତ୍ତନ ଆଣିଲା, ଅନମୋଲ ଗଗନ ମାନଙ୍କୁ ଏହି ପଦରୁ ହଟାଇ ଦିଆଯାଇଥିଲା। ସେ ତାଙ୍କ ବୟାନ ଯୋଗୁ ପ୍ରାୟତଃ ବିବାଦରେ ରହିଆସିଛନ୍ତି।

# ହଠାତ୍ ଚାକିରି ଛାଡ଼ିଦେଲେ ଇଡି ଅଧିକାରୀ



୨ ମୁଖ୍ୟମନ୍ତ୍ରୀଙ୍କୁ ପଠାଇଥିଲେ ଜେଲ୍

**ନୂଆଦିଲ୍ଲୀ,୧୯।୭:** ଇଡି ଅଧିକାରୀ କପିଲ ରାଜ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ସେହି ଇଡି ଅଧିକାରୀ ଯିଏ ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିଥିଲେ। କପିଲ ରାଜ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ କରିଥିଲେ। ସେ ତତ୍କାଳୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ମଧ୍ୟ ଗିରଫ କରିଥିଲେ।

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ୨୦୦୯ ବ୍ୟାଚ ଅଧିକାରୀ କପିଲ ରାଜ ପ୍ରାୟ ୧୬ ବର୍ଷ ସେବା ପରେ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ଆଦେଶରେ କୁହାଯାଇଛି ଯେ, ଭାରତର ରାଷ୍ଟ୍ରପତି ଜୁଲାଇ ୧୭ରୁ ଭାରତୀୟ ରାଜସ୍ୱ ସେବା (ସୀମା ଏବଂ ପରୋକ୍ଷ କର)ରୁ ତାଙ୍କ ଇସ୍ତଫା ଗ୍ରହଣ କରିବେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ ପୂର୍ବତନ ଆଇଆରଏସ ଅଧିକାରୀ ଚାକିରିରୁ ଇସ୍ତଫା ଦେବା ପାଇଁ 'ବ୍ୟକ୍ତିଗତ କାରଣ' ଦର୍ଶାଇଛନ୍ତି। ଅବସର ବୟସ ୬୦ ବର୍ଷ ଏବଂ ତାଙ୍କର ଚାକିରିରେ ପ୍ରାୟ ୧୫ ବର୍ଷ ବାକି ଥିଲା। କିନ୍ତୁ, ୧୫ ବର୍ଷ ବାକି ରହିବା ପରେ ମଧ୍ୟ, ସେ ବ୍ୟକ୍ତିଗତ କାରଣ ଦର୍ଶାଇ ପଦବୀରୁ ଇସ୍ତଫା ଦେଇଛନ୍ତି।

ରାଞ୍ଚିରେ ଏକ କଥିତ ଜମି ଦୁର୍ନୀତି ମାମଲାରେ କପିଲ ରାଜ ଗତ ଜାନୁଆରୀରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଗିରଫଦାରୀ ତଦାରଖ କରିଥିଲେ। ସୋରେନ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ଇଡି ତାଙ୍କୁ ହେପାଜତକୁ ନେବା ପୂର୍ବରୁ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଏହି ବୈଠକ ସମୟରେ କପିଲ ଉପସ୍ଥିତ ଥିଲେ, ଯାହା ପରେ ତାଙ୍କ ଦଳ ହେମନ୍ତ ସୋରେନଙ୍କୁ ହେପାଜତକୁ ନେଇଥିଲା।

ପରେ ମାର୍ଚ୍ଚ ମାସରେ, ଯେତେବେଳେ ଇଡି ତତ୍କାଳୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସରକାରୀ ବଙ୍ଗଳାରେ ଚଢାଉ କରିଥିଲା, କପିଲ ରାଜ ତାଙ୍କ ଫ୍ଲାଗ ଷ୍ଟାଫ ରୋଡ ବାସଭବନରେ ପହଞ୍ଚିଥିଲେ। ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରାଯାଇଥିଲା ଏବଂ ଗିରଫ ମେମୋ ପ୍ରସ୍ତୁତ କରି ଆପ ସୁପ୍ରିମୋଙ୍କୁ ହସ୍ତାନ୍ତର କରାଯିବା ସମୟରେ କପିଲ ରାଜ ଉପସ୍ଥିତ ଥିଲେ।

ମୁମ୍ବାଇରେ ପୋଷ୍ଟିଂ ସମୟରେ, କପିଲ ରାଜ ହୀରା ବ୍ୟବସାୟୀ ନୀରବ ମୋଦି ଏବଂ ମେହୁଲ ଚୋକସିଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲାଗୁଡ଼ିକର ତଦନ୍ତ ମଧ୍ୟ କରିଥିଲେ, ଏହା ସହିତ, ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଧିକାରୀ ଏହି ହାଇ-ପ୍ରୋଫାଇଲ ରାଜନୈତିକ ଗିରଫଦାରୀ ପାଇଁ ପ୍ରଶ୍ନ ପ୍ରସ୍ତୁତ କରୁଥିଲେ ଏବଂ ସେଗୁଡ଼ିକର ତଦନ୍ତ କରୁଥିଲେ। ତଦନ୍ତ ଉପରେ କଡ଼ା ନଜର ରଖିବା ଏବଂ ତାଙ୍କ ଦଳଗୁଡ଼ିକର ମନୋବଳ ବୃଦ୍ଧି କରିବା ପାଇଁ ସେ ଅନେକ ଥର ସନ୍ଧାନ ସ୍ଥଳ ପରିଦର୍ଶନ କରୁଥିଲେ।

କପିଲ ରାଜ ପ୍ରାୟ ୮ ବର୍ଷ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେ କାର୍ଯ୍ୟ କରିଥିଲେ। ସମ୍ପ୍ରତି। ଇସ୍ତଫା ଦେବା ପୂର୍ବରୁ, ସେ ଦିଲ୍ଲୀର ଜିଏସ୍‌ଟି ଇଣ୍ଟେଲିଜେନ୍ସ ୱିଙ୍ଗରେ ଅତିରିକ୍ତ କମିଶନର ଭାବରେ ନିଯୁକ୍ତି ପାଇଥିଲେ। କପିଲ ରାଜ ଉତ୍ତର ପ୍ରଦେଶର ସହାରନପୁରରୁ ଆସିଛନ୍ତି। ସେ ବି.ଟେକ (ଇଲେକ୍ଟ୍ରୋନିକ୍ସ) କରିଛନ୍ତି।

# ବିଜେପି ନେତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର



**ଭୋପାଳ, ୧୯।୭:** ମଧ୍ୟପ୍ରଦେଶର ମନ୍ଦସୌର ଜିଲାରେ ଶ୍ୟାମଲାଲ ଧାକଡ଼ (୪୫) ନାମକ ଜଣେ ଭାଜପା ନେତା ନିଜ ଘରେ ଶୋଇଥିବା ସମୟରେ ତାଙ୍କୁ ଜଣେ ଅଚିହ୍ନା ଆକ୍ରମଣକାରୀ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି।  ରାତିରେ ତାଙ୍କର ହତ୍ୟା ହୋଇଥିବା ବେଳେ  ଶ୍ୟାମଲାଲଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ।  ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମଧ୍ୟପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦଓ୍ୱେଡ଼ାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଧା ମଣ୍ଡଳର ଭାଜପା ଉପସଭାପତି ଭାବେ ଶ୍ୟାମଲାଲ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ମୃତ୍ୟୁରେ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଶୋକ ପ୍ରକଟ କରିଛନ୍ତି।

# ତିରୁପତିରୁ ହଟିଲେ ୪ ଅଣହିନ୍ଦୁ କର୍ମଚାରୀ

**ଅମରାବତୀ,୧୯।୭:** ଆନ୍ଧ୍ରପ୍ରଦେଶର ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ମନ୍ଦିର ଅନ୍ୟ ଧର୍ମ ପାଳନ କରୁଥିବା ଅଭିଯୋଗରେ ୪ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରିଛି। ଏହି କର୍ମଚାରୀମାନଙ୍କ ମଧ୍ୟରେ ଜଣେ ଡେପୁଟି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ଜଣେ ଷ୍ଟାଫ ନର୍ସ, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ଆୟୁର୍ବେଦିକ ଫାର୍ମାସୀ ଡାକ୍ତର ଅଛନ୍ତି। ଟିଟିଡିର ସତର୍କତା ବିଭାଗର ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ଧାର୍ମିକ ଭେଦଭାବର ଏକ ବିବାଦ ସୃଷ୍ଟି କରିଛି। ମନ୍ଦିରରୁ ନିଲମ୍ବିତ ହୋଇଥିବା କର୍ମଚାରୀମାନେ ପ୍ରତିଷ୍ଠାନର ଆଚରଣ ସଂହିତା ପାଳନ କରିନାହାନ୍ତି। ସେମାନେ ଏକ ହିନ୍ଦୁ ଧାର୍ମିକ ସଂଗଠନର ପ୍ରତିନିଧିତ୍ୱ କରିବା ଏବଂ ଏଥିରେ ନିୟୋଜିତ କର୍ମଚାରୀ ଭାବରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ସମୟରେ ଦାୟିତ୍ୱହୀନ ଆଚରଣ କରିଛନ୍ତି। ଏହି କାରଣରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ମାମଲାରେ ଟିଟିଡି ସତର୍କତା ବିଭାଗ ଦ୍ୱାରା ଉପସ୍ଥାପିତ ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରିବା ପରେ, ନିୟମ ଅନୁଯାୟୀ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମସ୍ତ ୪ କର୍ମଚାରୀଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି। ନିଲମ୍ବିତ କର୍ମଚାରୀଙ୍କ ମଧ୍ୟରେ ଅଛନ୍ତି ବି. ଏଲିଜାର, ଡେପୁଟି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର (ଗୁଣବତ୍ତା ନିୟନ୍ତ୍ରଣ), ଏସ୍. ରୋଜି, ଷ୍ଟାଫ୍ ନର୍ସ, ବିଆଇଆର୍‌ଡି ହସ୍ପିଟାଲ, ଗ୍ରେଡ୍-୧ ଫାର୍ମାସିଷ୍ଟ ଏମ୍. ପ୍ରେମାବତୀ ଏବଂ ଏସଭି ଆୟୁର୍ବେଦ ଫାର୍ମାସୀର ଡକ୍ଟର ଜି. ଅସୁନ୍ତା। ଗତ କିଛି ବର୍ଷ ମଧ୍ୟରେ ଟିଟିଡି ଆଇନକୁ ତିନିଥର ସଂଶୋଧନ କରାଯାଇଛି। ମନ୍ଦିର ବୋର୍ଡ ଏବଂ ଏହାର ସମ୍ପୃକ୍ତ ସଂସ୍ଥାଗୁଡ଼ିକରେ କେବଳ ହିନ୍ଦୁମାନଙ୍କୁ ନିଯୁକ୍ତି ଦିଆଯିବା ଉଚିତ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ପ୍ରଫେସରଙ୍କ ନିର୍ଯାତନା ଅସହ୍ୟ, ଡାକ୍ତରୀ ଛାତ୍ରୀଙ୍କ ଆତ୍ମହତ୍ୟା

## ହଷ୍ଟେଲ୍‌ରୁ ମିଳିଲା ସୁଇସାଇଡ୍ ନୋଟ୍



**ନୂଆଦିଲ୍ଲୀ,୧୯।୭:** ଗ୍ରେଟର ନୋଏଡାର ନଲେଜ ପାର୍କ ଥାନା ଅଞ୍ଚଳରେ ଥିବା ଶାରଦା ବିଶ୍ୱବିଦ୍ୟାଳୟର ହଷ୍ଟେଲରେ ଜଣେ ଡାକ୍ତରୀ ଛାତ୍ରୀଙ୍କ ଆତ୍ମହତ୍ୟା ପରେ ଏବେ ଶିକ୍ଷକ-ଛାତ୍ରୀଙ୍କ ସମ୍ପର୍କକୁ ନେଇ ଉଠିଛି ପ୍ରଶ୍ନ। ଶୁକ୍ରବାର ରାତିରେ ଛାତ୍ରୀ ଜଣକ ହଷ୍ଟେଲରେ ଆତ୍ମହତ୍ୟା କରିଥିଲେ। ଶନିବାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପହଞ୍ଚି ଛାତ୍ରୀଙ୍କ ପରିବାର ଏଚଓଡି, ଡିନ, ପ୍ରଫେସରଙ୍କ ସମେତ ୭ ଜଣଙ୍କ ବିରୋଧରେ ନିର୍ଯାତନା, ଅସଦାଚରଣ ଏବଂ ଧମକ ଦେବା ଅଭିଯୋଗରେ ଏକ ଏଫଆଇଆର ରୁଜୁ କରିଛନ୍ତି। ପୋଲିସ ଏହି ମାମଲାରେ ଦୁଇ ପ୍ରଫେସରଙ୍କୁ ଅଟକ ରଖିଛି। ଏହି ସମୟରେ, ବିଭାଗର ଏଚଓଡି ସାମ୍ନାକୁ ଆସିବା ପରେ ପରିବାର ଲୋକେ ରାଗି ଯାଇଥିଲେ। ଏଚଓଡିଙ୍କୁ ପଚରାଉଚରା କରିବା ସମୟରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

ଏହି ମାମଲାରେ, ଅତିରିକ୍ତ ପୋଲିସ ଡେପୁଟି କମିଶନର ସୁଧୀର କୁମାର କହିଛନ୍ତି ଯେ ନଲେଜ ପାର୍କ ଥାନା ଅଞ୍ଚଳରେ ଥିବା ଶାରଦା ବିଶ୍ୱବିଦ୍ୟାଳୟର ବିଡିଏସ ଦ୍ୱିତୀୟ ବର୍ଷର ଛାତ୍ରୀ ଜ୍ୟୋତି ଶର୍ମା ତାଙ୍କ ହଷ୍ଟେଲ ରୁମରେ ଫ୍ୟାନରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ କହିଛନ୍ତି ଯେ ଘଟଣା ବିଷୟରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ନିଜ କବଜାକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଇଛି।

କୁମାର କହିଛନ୍ତି ଯେ ଜ୍ୟୋତିଙ୍କ ବାପା ରମେଶ ଜାଙ୍ଗରା, ଯିଏକି ଗୁରୁଗ୍ରାମର ବାସିନ୍ଦା, ବିଶ୍ୱବିଦ୍ୟାଳୟର ଡିନ ଡକ୍ଟର ଏମ ସିଦ୍ଧାର୍ଥ ଏବଂ ପ୍ରଫେସର ସାଇରି ମ୍ୟାଡାମ, ମହେନ୍ଦ୍ର, ଅନୁରାଗ ଅବସ୍ଥି ଏବଂ ସୁରଭିଙ୍କ ବ୍ୟତୀତ ଜଣେ ଅଜଣା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ରମେଶ ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅ ଏହି ଲୋକମାନଙ୍କ ଦ୍ୱାରା ନିର୍ଯାତନା, ଦୁର୍ବ୍ୟବହାର ଏବଂ ଧମକ ଯୋଗୁ ଆତ୍ମହତ୍ୟା କରିଛି।

ଷ୍ଟେଶନ ଇନଚାର୍ଜ କହିଛନ୍ତି ଯେ ରମେଶଙ୍କ ଅନୁଯାୟୀ, ଜ୍ୟୋତି ତାଙ୍କୁ ତାଙ୍କ ସହିତ ଦୁର୍ବ୍ୟବହାର ହେଉଥିବା ବିଷୟରେ କହିଥିଲେ ଏବଂ ସେ କଲେଜକୁ ଆସି ଡିନ ଏବଂ ଅନ୍ୟମାନଙ୍କ ସହ ଏ ବିଷୟରେ କଥା ହୋଇଥିଲେ। ରମେଶ କହିଛନ୍ତି ଯେ ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ଜ୍ୟୋତିଙ୍କ ସହିତ କୌଣସି ପ୍ରକାରର ଦୁର୍ବ୍ୟବହାର କରାଯିବ ନାହିଁ, କିନ୍ତୁ ଏହା ପରେ ମଧ୍ୟ ତାଙ୍କୁ ନିର୍ଯାତନା ଦିଆଯାଉଥିଲା।

ସେ କହିଛନ୍ତି ଯେ ସେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଝିଅକୁ ଫୋନ କରିଥିଲେ କିନ୍ତୁ ସେ ଫୋନ ଉଠାଇ ନଥିଲେ। ଏହା ପରେ, ତାଙ୍କ ଝିଅ ସହିତ ରୁମରେ ରହୁଥିବା ଆଉ ଜଣେ ଛାତ୍ରୀ କୋଠରୀର ଦ୍ୱାର ବାଡ଼େଇଥିଲେ କିନ୍ତୁ ସେ ଦ୍ୱାର ଖୋଲି ନଥିଲେ। ରମେଶ ଦାବି କରିଛନ୍ତି ଯେ ସେ ରାତିରେ ଘଟଣା ବିଷୟରେ ଗ୍ରେଟର ନୋଏଡା ପୋଲିସକୁ ଜଣାଇଥିଲେ କିନ୍ତୁ କଲେଜ ପ୍ରଶାସନ ପୋଲିସକୁ ମଧ୍ୟ ଜଣାଇ ନଥିଲେ।

ସେ ଆହୁରି କହିଛନ୍ତି ଯେ ଛାତ୍ରୀ ଜଣକ ମୃତ୍ୟୁ ପୂର୍ବରୁ ଏକ ଆତ୍ମହତ୍ୟା ନୋଟ ଲେଖିଥିଲେ, ଯେଉଁଥିରେ ସେ କଲେଜ ପ୍ରଶାସନକୁ ଦାୟୀ କରିଥିଲେ। ପୋଲିସ ଷ୍ଟେଶନ ଇନଚାର୍ଜ କହିଛନ୍ତି ଯେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଏବଂ ଦୁଇ ପ୍ରଫେସର ମହେନ୍ଦ୍ର ଏବଂ ସାଇରି ମ୍ୟାଡାମଙ୍କୁ ହେପାଜତକୁ ନିଆଯାଇଛି।

ଶାରଦା ବିଶ୍ୱବିଦ୍ୟାଳୟର କୁଳପତି ପିକେ ଗୁପ୍ତା କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ସ୍ତରରେ ଏହି ଘଟଣାର ଆଭ୍ୟନ୍ତରୀଣ ତଦନ୍ତ କରାଯାଉଛି। ସେ କହିଛନ୍ତି ଯେ ପ୍ରାଥମିକ ତଦନ୍ତରେ ଡିନ ତାଙ୍କୁ କହିଥିଲେ ଯେ ଛାତ୍ରୀ ଜଣକ ତାଙ୍କର ଏକ 'ପରୀକ୍ଷା' କପିରେ ପ୍ରଫେସରଙ୍କ ଦସ୍ତଖତ ଜାଲ କରିଛନ୍ତି, ଯାହା ପାଇଁ ତାଙ୍କୁ ଭର୍ତ୍ସନା କରାଯାଇଥିଲା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଡାକି ଏ ବିଷୟରେ କୁହାଯାଇଥିଲା। ସେ କହିଛନ୍ତି ଯେ କଲେଜ ପ୍ରଶାସନ ଏହି ମାମଲାର ତଦନ୍ତରେ ପୋଲିସକୁ ପୂର୍ଣ୍ଣ ସହାୟତା କରିବ।

## ସ୍କୁଲ ଭ୍ୟାନ ଚାଳକର ଅମାନୁଷିକ କାଣ୍ଡ

# ନର୍ସରୀ ଛାତ୍ରୀଙ୍କ ସହ ଦୁଷ୍କର୍ମ



**ଉତ୍ତର ପ୍ରଦେଶ,୧୯।୭:** ଉତ୍ତର ପ୍ରଦେଶ ବହରାଇଚ ଜିଲ୍ଲାରେ ଘଟିଛି ଏକ ଅଭାବନୀୟ ଘଟଣା ।  ଏକ ଶିଶୁ ସହ ସ୍କୁଲ ଭ୍ୟାନ ଚାଳକ ଦୁଷ୍କର୍ମ ଘଟଣା ପୁଣି ନଜରକୁ ଆସିଛି। ଏହି ଘଟଣାରେ ପୋଲିସ ଘଟଣାର ପ୍ରାଥମିକ ତଦନ୍ତରେ ଅପରାଧୀକୁ ଗିରଫ କରିଛି । ସୂଚନା ଅନୁସାରେ ଏହି ଘଟଣା ଶୁକ୍ରବାର ଦ୍ୱିପ୍ରହର ସମୟରେ ହୋଇଥିଲା । ପୋଲିସ ସୂଚନା ଅନୁସାରେ ଶିଶୁଟି ଏକ ସ୍କୁଲରେ ନର୍ସରୀର ଛାତ୍ରୀ ଅଟେ। ସେ ଅନ୍ୟ ଝିଅ ମାନଙ୍କ ସହ ସ୍କୁଲ ଯାଇଥିଲା । ଦ୍ୱି ପ୍ରହରେର ଛୁଟି ହେବା ପରେ ୧୯ ବର୍ଷୀୟ ଭ୍ୟାନ ଚାଳକ ଅନିଲ କୁମାର ଅନ୍ୟ ପିଲାମାନଙ୍କୁ ସେମାନଙ୍କ ଘରେ ଛାଡିଦେଲା ପରେ ଏକ ନିଛାଟିଆ ସ୍ଥାନରେ ଶିଶୁଟିକୁ ଦୁଷ୍କର୍ମ କରିଥିଲା। ଘଟଣା ପରେ ଅଭିଯୁକ୍ତ ଶିଶୁଟିକୁ ତା ଘର ଆଗରେ ଛାଡିଦେଇ ଫେରାର ହୋଇଯାଇଛି ବୋଲି ପୋଲିସ କହିଛି।  ଶିଶୁ କାନ୍ଦୁଥିବାର ଦେଖି ପରିବାର ଲୋକେ ତାକୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।  ଏହାପରେ ଶିଶୁଟିର ମେଡିକାଲ ଟେଷ୍ଟ କରାଯାଇଥିଲା ସେଥିରେ ଦୁଷ୍କର୍ମ କରାଯାଇଛି ବୋଲି ଡାକ୍ତର ସ୍ପଷ୍ଟ କରିଥିଲେ । ଏହାପରେ ଅଭିଯୁକ୍ତକୁ ଗିରଫ କରି ଜେଲ ପଠାଇ ଦିଆଯାଇଛି। ଭ୍ୟାନକୁ ଜବତ କରାଯାଇଛି ।

# ପ୍ରତିଷ୍ଠା ହେବ 'ଓସିଏ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ'

**କଟକ, ୧୯।୭ (ସଂଚାର ବ୍ୟୁରୋ):** ରାଜ୍ୟରେ କ୍ରିକେଟ୍ ଖେଳର ବିକାଶ ପାଇଁ ହେବ 'ଓସିଏ ସେଣ୍ଟର ଅଫ୍ ଏକ୍ସଲେସନ୍ସ'। ଏହା ଅଧୀନରେ ଦୁଇଟି ଅନୁଷ୍ଠାନ ପରିଚାଳିତ ହେବ। ପ୍ରଥମଟି ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ଓସିଏର ପ୍ରଥମ ସଭାପତି ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିରେ

## ଓସିଏ ଆପେକ୍ସ କାଉନ୍ସିଲ୍ ବୈଠକ



'ଡକ୍ଟର ହରେକୃଷ୍ଣ ମହତାବ କ୍ରିକେଟ ଫିଡର୍ ସେଣ୍ଟର (ଆବାସିକ କ୍ରିକେଟ୍ ଏକାଡେମି) ଗଠନ ହେବ। ଏହି ଆବାସିକ ଏକାଡେମିରେ ୧୪ବର୍ଷରୁ କମ୍ ୫୦ ଜଣ ବାଳକ ଓ ୩୦ ଜଣ ବାଳିକା ରହିବେ। ଓସିଏ ପକ୍ଷରୁ ଏହି ଅନ୍ତେବାସୀଙ୍କର ଶିକ୍ଷା, କ୍ରିକେଟ୍ ପ୍ରଶିକ୍ଷଣ, ଖାଦ୍ୟ, ସ୍ୱାସ୍ଥ୍ୟ ଆଦି ସର୍ବାଙ୍ଗୀନ ବିକାଶ ଦିଗରେ ଗୁରୁତ୍ୱ ଦିଆଯିବ। ଦ୍ୱିତୀୟରେ ବାରବାଟୀ ଷ୍ଟାଡିୟମ୍ ପରିସରସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌କୁ ରୂପାନ୍ତରିତ କରି 'ସଚିନ ତେନ୍ଦୁଲକର ସ୍ପୋର୍ଟସ୍ ସାଇନ୍ସ ସେଣ୍ଟର୍' ଗଢ଼ାଯିବ। ଏଥିରେ କ୍ରୀଡ଼ା ବିଜ୍ଞାନ ଓ କ୍ରୀଡ଼ା ପ୍ରଯୁକ୍ତିବିଦ୍ୟା ସଂପର୍କିତ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରତିଷ୍ଠା କରାଯିବା ସହ କ୍ରିକେଟ୍ ଖେଳାଳିଙ୍କ ଇଞ୍ଜୁରି ମ୍ୟାନେଜ୍‌ମେଣ୍ଟ୍, ବୈଜ୍ଞାନିକ ତାଲିମ୍ ଆଦି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଜି ଓଡ଼ିଶା କ୍ରିକେଟ୍ ସଂଘ(ଓସିଏ) ଆପେକ୍ସ କାଉନ୍‌ସିଲ୍ ବୈଠକରେ ଚୂଡ଼ାନ୍ତ ହୋଇଛି। 'ଓସିଏ' କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ 'ଓସିଏ' ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ସଂପାଦକ ସଞ୍ଜୟ ବେହେରା, ଯୁଗ୍ମ ସଂପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ପ୍ରତାପଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ 'ଓସିଏ' ପକ୍ଷରୁ ଆଗାମୀ ଦିନରେ ହେବାକୁ ଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ବିଷୟରେ ଆଲୋଚନା ହୋଇଥିଲା। 'ଓସିଏ' ସଂପାଦକଙ୍କ ନେତୃତ୍ୱରେ ଅନୁଷ୍ଠିତ ଆଲୋଚନାରେ ସୌର୍ଯ୍ୟରଞ୍ଜନ ପରିଜା, ସରୋଜ ରଞ୍ଜନ ସାହୁ, ଉପେନ୍ଦ୍ର ଦାଶ, ରବି ଶଙ୍କର ପ୍ରତିହାରୀ, ଶୁବାଶିଷ ସାହୁ ପ୍ରମୁଖ ଭାଗ ନେଇଥିଲେ।

## ଭାରତୀୟଙ୍କ ଚମକ

# ଶ୍ରୀହରିଙ୍କ ଜାତୀୟ ରେକର୍ଡ




**ଭୁବନେଶ୍ୱର, ୧୯।୭ (ସଂଚାର ବ୍ୟୁରୋ):** ଜର୍ମାନିରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ଦଳ ବିଭିନ୍ନ ଶୃଙ୍ଖଳାରେ ବିଜୟ ଜାରି ରଖିଛି। ମୋଟ ୧୪ଟି ଶୃଙ୍ଖଳାରେ ଏହି ପ୍ରତିଯୋଗିତା ହେଉଥିବା ବେଳେ ଭାରତୀୟମାନେ ୫ଟି ଖେଳରେ ଦବ୍‌ଦବା ରଖିଛନ୍ତି। ଟେନିସ୍‌ର ମହିଳା ଏକକରେ ଅଞ୍ଜଳି ରାଠି ୬-୦, ୬-୦ରେ ଉଗାଣ୍ଡାର କ୍ରିଷ୍ଟିଆନାଙ୍କୁ ଏବଂ ବୈଷ୍ଣବ ଆଦକର ମଧ ନେଦର୍‌ଲାଣ୍ଡର ଜୁଲିଏନ୍ ମାରିଆ ଜେନିଆ ଗିଲ୍ସଙ୍କୁ ହରାଇ ରାଉଣ୍ଡ୍ ଅଫ୍ ୩୨କୁ ପ୍ରବେଶ କରିଛନ୍ତି। ପୁରୁଷ ଯୁଗଳରେ ଓଡ଼ିଆ ପୁଅ କବିର ହଂସ ଓ ତାଙ୍କ ସାଥୀ ମାନ କେଶରୱାନୀ ୬-୧, ୬-୧ରେ ଥାଇଲାଣ୍ଡ୍ ଯୋଡ଼ି ତାଡିଓ ମାୟୋଲି ମାଜିଓଲି ଓ ସୁପ୍ରନ୍ୟାସନାଲ୍ ସାଏ-କ୍ୟୁଙ୍କୁ ହରାଇ ପ୍ରିକ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ଡସେଲଡର୍ଫରେ ଖେଳାଯାଉଥିବା ଟେବୁଲ୍ ଟେନିସ୍ ଇଭେଣ୍ଟ୍‌ରେ ଭାରତୀୟ ପୁରୁଷ ଓ ମହିଳା ଦଳ ମଧ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଯାଇଛନ୍ତି। ବ୍ୟାଡ୍‌ମିଣ୍ଟନରେ ଭାରତୀୟ ମିଶ୍ରିତ ଦଳ ମାକାଉକୁ ପରାସ୍ତ କରିଥିବାବେଳେ ମହିଳା ଏକକ, ମହିଳା ଯୁଗଳରେ ମଧ ବିଜୟ ଅଭିଯାନ ଜାରି ରଖିଛି। ସନ୍ତରଣରେ କିନ୍ତୁ ଅଲିମ୍ପିଆନ୍ ଶ୍ରୀହରି ନଟରାଜ ପୁରୁଷ ୨୦୦ ମିଟର୍ ଫ୍ରିଷ୍ଟାଇଲ୍‌ରେ ୧:୪୮.୨୨ ସେକେଣ୍ଡ୍ ସମୟ ସହ ନୂଆ ଜାତୀୟ ରେକର୍ଡ କରିଛନ୍ତି। ଏହି ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ କିଟ୍‌ରୁ ସର୍ବାଧିକ ୪୦ ଜଣ, ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଜଣେ ଲେଖାଏଁ ଭାରତୀୟ ଦଳର ପ୍ରତିନିଧିତ୍ୱ କରୁଛନ୍ତି। ସମସ୍ତଙ୍କୁ କିଟ୍-କିସ୍-କିମ୍ସ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।




# ସମ୍ବଲପୁର, ନବରଙ୍ଗପୁରର ବୃହତ୍ ବିଜୟ

## ସାହାଣୀ କପ୍

କଟକ, ୧୯।୭ (ସଂଚାର ବ୍ୟୁରୋ): ଓଡ଼ିଶାର ୪ଟି ଜୋନ୍‌ରେ ଏକକାଳୀନ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଫୁଟବଲ୍ ପ୍ରତିଯୋଗିତା 'ସାହାଣୀ କପ୍'ର ତୃତୀୟ ଦିବସରେ ବଲାଙ୍ଗୀର, ସମ୍ବଲପୁର, ଭଦ୍ରକ, ଝାରସୁଗୁଡ଼ା, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ନବରଙ୍ଗପୁର, ଭୁବନେଶ୍ୱର ବିଜୟୀ ହୋଇଛନ୍ତି। ବୌଦ୍ଧ ଜୋନ୍‌ରେ ସମ୍ବଲପୁର ୯-୦ ଗୋଲ୍‌ରେ ନୂଆପଡ଼ାକୁ ହରାଇ ବଡ଼ ବିଜୟ ହାସଲ କରିଛି। ପ୍ରଶାନ୍ତ ଓରାମ୍ ଓ ରଂଜନ ମୁଣ୍ଡା ହ୍ୟାଟ୍ରିକ୍ ଅର୍ଜନ କରିଥିଲା ବେଳେ ବିଜୁ ଓରାମ୍ ୨ଟି ଏବଂ ବଣ୍ଟି ମୁଣ୍ଡା ଗୋଟିଏ ଗୋଲ୍ ସ୍କୋର କରିଥିଲେ। ବିଜୁ ଓରାମ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ବଲାଙ୍ଗୀର ୪-୦ ଗୋଲ୍‌ରେ ବୌଦ୍ଧକୁ ହରାଇଛି। ବଲାଙ୍ଗୀରର ନରେଶ ଧାନ ଦୁଇଟି, ରାମ ମାଝୀ ଓ ସୁବ୍ରତ ପାତ୍ର ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ନରେଶ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କେନ୍ଦ୍ରାପଡ଼ା ଜୋନ୍‌ରେ ଭଦ୍ରକ ୨-୦ ଗୋଲ୍‌ରେ ଜଗତସିଂହପୁରକୁ ଏବଂ ଝାରସୁଗୁଡ଼ା ୬-୧ ଗୋଲ୍‌ରେ କେନ୍ଦ୍ରାପଡ଼ାକୁ ହରାଇ। ଭଦ୍ରକ ପକ୍ଷରୁ ଯୁଧିଷ୍ଠିର ଟୁଡୁ ଓ ଶେଖର କୁମାର ନାୟକ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଝାରସୁଗୁଡ଼ାର ସାହିର ସୁନା ଓ କୃଷ୍ଣଚନ୍ଦ୍ର କିଷାନ ଦୁଇଟି ଲେଖାଏଁ ଏବଂ ମନୁ ମହାକୁଡ଼ ଓ ନିର୍ମଳ ମହାନନ୍ଦିଆ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲା ବେଳେ କେନ୍ଦ୍ରାପଡ଼ାର ଶେଖ୍ ସରିଫ ଗୋଟିଏ ଗୋଲ୍ ଶୁଝିଥିଲେ।

କେନ୍ଦୁଝର ଜୋନ୍‌ରେ କେନ୍ଦୁଝର-ଯାଜପୁର ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଥିବା ବେଳେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୪-୩ ଗୋଲ୍‌ରେ ଅନୁଗୁଳକୁ ପରାସ୍ତ କରିଛି। କେନ୍ଦୁଝରର ମଙ୍ଗଳ ମୁଣ୍ଡା, ଅଭିମନ୍ୟୁ ମହାକୁଡ଼ ଏବଂ ଯାଜପୁରର ଅଜୟ ସୋରେନ ଓ ଭଞ୍ଜକିଶୋର ହାଁସ୍‌ଦା ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ରାଉରକେଲାର ସୁରେଶ ଖଡ଼ିଆ ହ୍ୟାଟ୍ରିକ୍ ଓ ରମେଶ ଓରାମ ଗୋଟିଏ ଗୋଲ୍ କରିଥିଲା ବେଳେ ଅନୁଗୁଳର ପାରାଓ ମୁର୍ମୁ ଦୁଇଟି ଏବଂ ଅନ୍ତର୍ଯାମୀ ନାୟକ ଗୋଟିଏ ଗୋଲ୍ ଦେଇଥିଲେ। ବ୍ରହ୍ମପୁର ଜୋନ୍‌ରେ ନବରଙ୍ଗପୁର ୭-୦ ଗୋଲ୍‌ରେ ଗଜପତିକୁ ହରାଇଛି। ବିଜୟୀ ଦଳର ଜଗବନ୍ଧୁ ସାନ୍ତା ଦୁଇଟି, ମୋହନ ଗୁଣ୍ଟ, ସ୍ୱରାଜ ଜାଗିଅର ସୁନା, ଶମ୍ଭୁନାଥ ମାଝୀ, ମିଥୁନ ସାନ୍ତା ଓ ଚମ୍ପୁ ପୂଜାରୀ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅସୀମ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ଗୋଲ୍‌ରେ ଭୁବନେଶ୍ୱର ୧-୦ରେ ଗଞ୍ଜାମକୁ ମାତ୍ ଦେଇଛି।

# ଅନ୍ତଃରାଜ୍ୟ କ୍ରୀଡ଼ା ଅଗଷ୍ଟ ୨୦ରୁ

କଟକ, ୧୯।୭: ୬୪ତମ ଜାତୀୟ ଅନ୍ତଃରାଜ୍ୟ ବରିଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଅଗଷ୍ଟ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଚେନ୍ନାଇରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ଖେଳାଳି ଚୟନ ଶିବିର କଟକର ରିଜର୍ଭ ପୁଲିସ ପଡ଼ିଆରେ ଆସନ୍ତା ଅଗଷ୍ଟ ୨ ତାରିଖ ସକାଳ ୮ଟାରେ ଆରମ୍ଭ ହେବ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ କ୍ରୀଡ଼ାବିତ୍ ନିଜ ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକଙ୍କ ସହ ଯୋଗାଯୋଗ କରି ଜୁଲାଇ ୨୮ ତାରିଖ ପୂର୍ବରୁ ନିଜ ନାମ ପଞ୍ଜୀକରଣ କରିପାରିବେ। କେଉଁ ବିଭାଗରେ ଭାଗନେବାକୁ ଚାହୁଁଛନ୍ତି ଓ ଏଥିରେ ପ୍ରବେଶ କରିବାର ଯୋଗ୍ୟତା ମାନଦଣ୍ଡ କ'ଣ ରହିଛି ସେ ସମ୍ପର୍କରେ ସମସ୍ତ ତଥ୍ୟ ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକଙ୍କ ପାଖରେ ରହିଛି ବୋଲି ସଂଘ ସଂପାଦକ ଅଭିଜିତ ପାଲ ସୂଚନା ଦେଇଛନ୍ତି।

# ଲାରାଙ୍କ ତାଲିକାରେ ବୁମ୍‌ରା 'ଗୋଟ୍', ରୋହିତ 'ଲିଜେଣ୍ଡ୍'



ନୂଆଦିଲ୍ଲୀ, ୧୯।୭: ପୂର୍ବତନ ୱେଷ୍ଟଇଣ୍ଡିଜ୍ ମହାନ ବ୍ରାଏନ୍ ଲାରା ଶୁକ୍ରବାର ନିଜ 'ଗୋଟ୍' (ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍) ତାଲିକା ପ୍ରକାଶ କରିଛନ୍ତି। ଏଥିରେ ଏକମାତ୍ର ଭାରତୀୟ ଭାବେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ସାମିଲ ରହିଛନ୍ତି। ବୁମ୍‌ରାଙ୍କ ସହ ଗ୍ଲେନ୍ ମ୍ୟାକ୍‌ଗ୍ରା, ଜ୍ୟାକ୍ କାଲିସ୍, ଆଡାମ ଗିଲକ୍ରିଷ୍ଟ ବି ଏହି ତାଲିକାରେ ରହିଛନ୍ତି। 'ଷ୍ଟିକ୍ ଟୁ କ୍ରିକେଟ୍' ନାମକ ଏକ ପୋଡ୍‌କାଷ୍ଟ୍‌ରେ ପୂର୍ବତନ ଇଂଲଣ୍ଡ କ୍ରିକେଟର୍ ଫିଲ୍ ଟଫେଲ୍, ଆଲେଷ୍ଟର୍ କୁକ୍, ମାଇକେଲ୍ ଭନ୍ ଓ ଡେଭିଡ୍ ଲୟଡଙ୍କ ସହ ଆଲୋଚନା ବେଳେ ଲାରା ଏହି ଚୟନ କରିଛନ୍ତି। ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା ବୁମ୍‌ରା ସମସ୍ତ ଫର୍ମାଟରେ ୨୦୬ ମ୍ୟାଚ୍ ଖେଳି ୨୦.୭୬ ହାରରେ ୪୫୫ ୱିକେଟ୍ ଦଖଲ କରିସାରିଛନ୍ତି। ୧୭ଟି ୫ ୱିକେଟ୍ ସଫଳତା ଏବଂ ୬/୧୯ ଶ୍ରେଷ୍ଠ ବୋଲିଂ ଚିତ୍ର ରଖିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ସେ ଅଧିକ ପ୍ରଭାବୀ ରହି ୪୭ ମ୍ୟାଚ୍‌ରୁ ୨୧୭ ୱିକେଟ୍ ଦଖଲ କରିଛନ୍ତି ୧୯.୪୮ ହାରରେ। ଲିଜେଣ୍ଡ୍ସ ବର୍ଗରେ ଲାରା ଭାରତୀୟ ବ୍ୟାଟର୍ ରୋହିତ ଶର୍ମାଙ୍କ ସହିତ କ୍ରିସ୍ ଗେଲ୍, ସାହିନ ସାହା ଆଫ୍ରିଦି, କେଭିନ୍ ପିଟରସନ୍, କେନ୍ ୱିଲିୟମ୍‌ସନ୍‌ଙ୍କୁ ବାଛିଛନ୍ତି। ରୋହିତ ୪୯୯ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ୪୨.୧୮ ହାରରେ ୧୯,୭୦୦ ରନ୍ ସଂଗ୍ରହ କରିଛନ୍ତି। ସୀମିତ ଓଭରରେ ଏକାଧିକ ରେକର୍ଡ ତାଙ୍କ ନାମରେ ରହିଥିବା ବେଳେ ସର୍ବାଧିକ ବିଶ୍ୱକପ୍ ଶତକ ଏବଂ ସର୍ବାଧିକ ଟ୍ୱେଣ୍ଟି-୨୦ ଶତକ ରେକର୍ଡ ବି ସାମିଲ ରହିଛି।

# ମାଞ୍ଚେଷ୍ଟର୍‌ରେ ବୁମ୍‌ରାଙ୍କୁ ଖେଳାଇବାକୁ ବାଧ!

ଲଣ୍ଡନ୍, ୧୯ଶ୭: ପାଞ୍ଚ ମ୍ୟାଚ୍ ବିଶିଷ୍ଟ ତେନ୍ଦୁଲକର-ଆଣ୍ଡରସନ୍ ଶୃଙ୍ଖଳାରେ ଭାରତ ୧-୨ରେ ପଛୁଆ ରହିଛି। ଆସନ୍ତା ସପ୍ତାହ ବୁଧବାରଠାରୁ ମାଞ୍ଚେଷ୍ଟର୍‌ରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟ ପାଇଁ ଭାରତୀୟ ଦଳ ମଧ ଗୁରୁବାରଠାରୁ ଅଭ୍ୟାସ ପର୍ବ ଆରମ୍ଭ କରି ଦେଇଛି। କେବଳ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ଆକାଶ ଦୀପ ଓ ଋଷଭ ପନ୍ତ୍ ଅଭ୍ୟାସ ନ କରି ଜିମ୍‌ରେ ସମୟ କାଟିଛନ୍ତି। ପ୍ରତିଥର ଭଳି ଏଥର ମଧ ବୁମ୍‌ରାଙ୍କ କାର୍ଯ୍ୟଭାର ପରିଚାଳନା ବି ଚର୍ଚ୍ଚାକୁ ଆସିଛି। ପୂର୍ବରୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ୍ କହି ସାରିଛନ୍ତି ଏହି ଗସ୍ତରେ ବୁମ୍‌ରା ୩ଟି ଟେଷ୍ଟ ଖେଳିବେ। ସେହି ଦୃଷ୍ଟିରୁ ପରବର୍ତ୍ତୀ ଶେଷ ୨ଟିରୁ ବୁମ୍‌ରା ଗୋଟିଏ ଖେଳିବେ। ଭାରତ ଏବେ ଶୃଙ୍ଖଳାରେ ପଛରେ ପଡ଼ିଥିବାରୁ ବୁମ୍‌ରାଙ୍କୁ ଖେଳାଇବା ଭାରତ ପାଇଁ ବାଧବାଧକତା ପରିସ୍ଥିତି ସୃଷ୍ଟି ହୋଇଛି। ମାଞ୍ଚେଷ୍ଟର୍ ଟେଷ୍ଟ ଆଉ ୪ ଦିନ ଥିବାରୁ ବୁମ୍‌ରା ବି ଲର୍ଡସ କ୍ଲାନ୍ତିରୁ ବାହାରି ସତେଜ ହୋଇଯାଇଥିବେ। ଭାରତୀୟ ବୋଲିଂର ବୁଲେଟ୍ ଭାବେ ବିବେଚିତ ହେଉଥିବାରୁ ବୁମ୍‌ରାଙ୍କୁ ବି କୌଣସି ମତେ ଏହି ଟେଷ୍ଟ ଖେଳିବାର ଆବଶ୍ୟକତା ରହିଛି। "ଆମେ ଜାଣିଛୁ ବୁମ୍‌ରା ଶେଷ ଦୁଇଟିରୁ ଗୋଟିଏ ଟେଷ୍ଟ ଖେଳିବେ। ଶୃଙ୍ଖଳା ଜୀବନ୍ତ ଥିବାରୁ ତାଙ୍କୁ ଖେଳାଇବାକୁ ପଡ଼ିବ" ବୋଲି କହିଛନ୍ତି ଭାରତୀୟ ଦଳ ସହକାରୀ ପ୍ରଶିକ୍ଷକ ର୍ୟାନ୍ ଟେନ୍ ଡସେଟ୍। ଆମେ ସମସ୍ତ ଦିଗକୁ ବି ଦେଖୁଛୁ, ଚତୁର୍ଥ ଟେଷ୍ଟ ପାଇଁ କିଛି ଦିନ ବିରାମ ରହିଛି। ମ୍ୟାଚ୍ ଜିତିବାକୁ ଆମ ନିକଟରେ ଶ୍ରେଷ୍ଠ ସୁଯୋଗ ବି



ରହିଛି। ବୋଲି ସେ ମଧ ପ୍ରକାଶ କରିଥିଲେ। ଭାରତୀୟ ଦଳ ପାଇଁ ଅନ୍ୟତମ ଚିନ୍ତାର କାରଣ ହେଉଛି ରିଜର୍ଭ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଗୁରୁବାର ଅଭ୍ୟାସ ସମୟରେ ନିଜ ହାତରେ ଆଘାତ ପାଇଛନ୍ତି। ତାଙ୍କ ବାମହାତ ଗୁରୁତର ରହିଥିବା ଅନୁମାନ କରାଯାଉଛି। ପ୍ରସିଦ୍ଧ କୃଷ୍ଣ ପ୍ରଥମ ଦୁଇ ଟେଷ୍ଟ୍‌ରେ ରଙ୍ଗହୀନ ଥିବାରୁ ବୁମରାଙ୍କ ବିକଳ୍ପ ଅର୍ଶଦୀପ ଥିଲେ। ଏବେ ବୁମ୍‌ରାଙ୍କ ଉପରେ ଭାରତ ନିର୍ଭର କରିବାକୁ ବାଧ ହେବ। ଆହତ ସମସ୍ୟା ଭିତରେ ରହିଥିଲେ ମଧ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବୋଲିଂ କରିବା ସହ ଇଂଲଣ୍ଡକୁ ଜିତାଇ ପାରୁଛନ୍ତି। ଭାରତୀୟ ଦଳ ସହକାରୀ ପ୍ରଶିକ୍ଷକ ର୍ୟାନ୍ ଟେନ୍ ଡସେଟ୍ କିନ୍ତୁ କହିଛନ୍ତି, ଆମକୁ ଆମ ସାମର୍ଥ୍ୟ ଯୋଜନାରେ ଖେଳିବାକୁ ପଡ଼ିବ, ଅନ୍ୟର ନୁହେଁ। ବୁମ୍‌ରା ଛୋଟ ଛୋଟ ସ୍ପେଲ୍ ବୋଲିଂ କରିବାକୁ ପସନ୍ଦ କରନ୍ତି। ସିରାଜ ଓ ଷ୍ଟୋକ୍ସଙ୍କ ଭଳି ବୋଲର ସପ୍ତମ, ଅଷ୍ଟମ କି ନବମ ଓଭରରେ ବି ଭଲ ପ୍ରଦର୍ଶନ କରିପାରନ୍ତି, ଯାହା ଅନ୍ୟ କେହି କରିପାରି ନଥାନ୍ତି ବୋଲି ମଧ ସେ କହିଥିଲେ। ଲର୍ଡସ ଟେଷ୍ଟ ଅବସରରେ ଆହତ ହୋଇଥିବା ୱିକେଟ୍‌ରକ୍ଷକ ବ୍ୟାଟର୍ ଋଷଭ ପନ୍ତ୍ ମଧ ଖେଳିବେ ବୋଲି ସେ ସୂଚନା ଦେଇଛନ୍ତି। କିନ୍ତୁ ସେ କିପିଂ କରିପାରିବେ କି ନା ଦେଖିବାକୁ ପଡ଼ିବ, ଏଭଳି କ୍ଷେତ୍ରରେ ଧ୍ରୁବ ଜୁରେଲ ବି ଖେଳିପାରନ୍ତି ବୋଲି ସେ କହିଥିଲେ। ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ କିନ୍ତୁ କହିଛନ୍ତି 'ପନ୍ତ୍ ଯଦି କିପିଂ କରିପାରିବେ ନାହିଁ ତେବେ ଖେଳିବା ଉଚିତ ନୁହେଁ'।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦେଶଦ୍ରୋହୀ...

ମତକୁ ନେଇ ଭାରତରେ ରାଜନୈତିକ ଚର୍ଚ୍ଚା ଓ ବାଦବିବାଦ ଆରମ୍ଭ ହୋଇଛି। ଲୋକସଭାରେ ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ୍ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ୍ କରିବାର ସୁଯୋଗ ହାତଛଡ଼ା କରିନାହାନ୍ତି। ଟ୍ରମ୍ପଙ୍କ ଏପରି ମନ୍ତବ୍ୟ ନେଇ ପ୍ରଧାନମନ୍ତ୍ରୀ କାହିଁକି ଚୁପ୍ ରହିଛନ୍ତି ବୋଲି ରାହୁଲ୍ ପ୍ରଶ୍ନ କରିବା ସହ ଏହାର ଅସଲ ରହସ୍ୟ କ'ଣ, ସେନେଇ ଦେଶବାସୀଙ୍କର ଜାଣିବାର ସମସ୍ତ ଅଧିକାର ରହିଛି ବୋଲି କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥ ମନ୍ତ୍ରୀ ପି. ଚିଦାମ୍ବରମ୍ ମଧ୍ୟ ରାହୁଲ୍‌ଙ୍କୁ ସମର୍ଥନ କରିବା ସହ ଟ୍ରମ୍ପଙ୍କ ସଦ୍ୟ ମତାମତ ପରେ ସରକାରଙ୍କ ନୀରବତାକୁ ପ୍ରଶ୍ନ କରିଛନ୍ତି। ତେବେ ବିଜେପି ପକ୍ଷରୁ ରାହୁଲ୍‌ଙ୍କୁ ଏନେଇ କଡ଼ା ସମାଲୋଚନା କରାଯାଇଛି। ଦଳର ଆଇଟି ସେଲ୍ ମୁଖ୍ୟ ଅମିତ ମାଲଭିୟ ଏପରି ମତ ପାଇଁ ରାହୁଲ୍‌ଙ୍କ ଭାରତବିରୋଧୀ ମନୋଭାବକୁ ଦାୟୀ କରିଛନ୍ତି। ସେ 'ଏକ୍ସ'ରେ ଏକ ପୋଷ୍ଟ୍‌ରେ କହିଛନ୍ତି ଯେ ରାହୁଲ୍ ବରାବର ଭାରତ ଓ ପାକିସ୍ତାନ ଯୁଦ୍ଧ ନେଇ ଯେଉଁ ପ୍ରଶ୍ନ ପଚାରିଆସିଛନ୍ତି, ତାହା ତାଙ୍କ ଦେଶଦ୍ରୋହୀ ମାନସିକତାର ପରିଚୟ ଦେଉଛି। ସେ ଏବେ ବି ଏହି ମାନସିକତାରୁ ଉର୍ଦ୍ଧ୍ୱକୁ ଉଠିପାରିନାହାନ୍ତି। ତା'ଛଡ଼ା ଟ୍ରମ୍ପ ନିର୍ଦ୍ଦିଷ୍ଟ ଭାବେ କେଉଁ ଦେଶର ବିମାନ ଖସିଛି, ସେ ନେଇ କିଛି ବି ସ୍ପଷ୍ଟ କରିନାହାନ୍ତି। କିନ୍ତୁ ରାହୁଲ୍ କ'ଣ ପାଇଁ ଏହା ଭାରତର ବିମାନ ହୋଇଥିବ ବୋଲି ଅନୁମାନ କରୁଛନ୍ତି ବୋଲି ଶ୍ରୀ ମାଲଭିୟ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଉକ୍ତ ବିମାନଗୁଡ଼ିକ ପାକିସ୍ତାନର ହୋଇଥାଇପାରେ, ଏହା ରାହୁଲ୍ କାହିଁକି ଭାବୁନାହାନ୍ତି। ସବୁବେଳେ ଦେଶ ବିରୋଧୀ ଚିନ୍ତାଧାରା ପୋଷଣ କରି ରାହୁଲ୍ କ'ଣ ପ୍ରମାଣିତ କରିବାକୁ ଚାହୁଁଛନ୍ତି? ତାଙ୍କର କ'ଣ ପାଇଁ ପାକିସ୍ତାନ ପ୍ରତି ଏତେ ଦରଦ ବୋଲି ଶ୍ରୀ ମାଲଭିୟ ପ୍ରଶ୍ନ କରିଛନ୍ତି।

## କ୍ୟାମ୍ପସରେ...

କେନ୍ଦ୍ରରେ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବେ ଉକ୍ତ କେନ୍ଦ୍ର ପରିଚାଳନା କରିବେ। ଏଥିସହ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା 'ଶକ୍ତି ଅପା' ଭାବେ କାର୍ଯ୍ୟ କରିବେ। ଏମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଓ ମହିଳା କର୍ମଚାରୀମାନଙ୍କ ସୁରକ୍ଷା ଓ ସଶକ୍ତିକରଣ ଦିଗରେ ଏହି ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର କାର୍ଯ୍ୟ କରିବ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଏକ ୬ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବ, ଯେଉଁଥିରେ ଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯିବ। ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ଆଇନଗତ ଅଧିକାର ତଥା ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ।

ସେହିଭଳି 'ଶକ୍ତିଶ୍ରୀ ଆପ୍' ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। କ୍ୟାମ୍ପସରେ ଛାତ୍ରୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବାରେ ଏହା ସହାୟକ ହେବ। ଛାତ୍ରୀମାନଙ୍କର ସଚେତନତା ଓ ଅବଗତି ନିମନ୍ତେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ କଲେଜମାନଙ୍କରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯିବ। ଏଥିସହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଫୋନ୍ ନମ୍ବର ମଧ୍ୟ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଟେକ୍ସ ମେସେଜ, ଅଡିଓ କିମ୍ବା ଭିଡିଓ ମେସେଜ ମାଧ୍ୟମରେ ଆପ୍‌ରେ ପଞ୍ଜିକୃତ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଭିଯୋଗଟି ଆପ୍‌ରେ ପଞ୍ଜିକୃତ ହୋଇ ସାରିବା ପରେ ଏହା ସିଧାସଳଖ ଉକ୍ତ ଛାତ୍ରୀ ପଢୁଥିବା ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରୀଣ କମିଟିର ଅଧ୍ୟକ୍ଷଙ୍କ ନିକଟରେ ପହଂଚିବ। ଛାତ୍ରୀମାନେ ଯଦି ଚାପର ସମ୍ମୁଖୀନ ହୁଅନ୍ତି, ତେବେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ସିଧା ସଳଖ କଥା ହୋଇ ଉପଯୁକ୍ତ ପରାମର୍ଶ ନେଇପାରିବେ। ଏଥିସହ କୌଣସି ଜରୁରୀ ପରିସ୍ଥିତିରେ ଶକ୍ତିଶ୍ରୀ ମୋବାଇଲ ଆପ୍ ରେ ରହିଥିବା ଏସଓଏସ ବଟନକୁ ବ୍ୟବହାର କରି ଛାତ୍ରୀମାନେ, ସିଧାସଳଖ ଶକ୍ତିଶ୍ରୀ ସାଥୀ ଏବଂ ଶକ୍ତିଶ୍ରୀ ସଂଯୋଜିକାଙ୍କ ସହ କଥା ହୋଇପାରିବେ ଓ ତୁରନ୍ତ ସାହାଯ୍ୟ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ଼ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଏହା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଅନଲାଇନ୍ ଟ୍ରେନିଙ୍ଗ ମଡ୍ୟୁଲକୁ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ତଥା ବୃତିଗତ ଏଥିକ୍ସ ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ। ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶକ୍ତିଶ୍ରୀ ଆକ୍ସନ ଫର ଫିମେଲ ଏମପାଓ୍ୱାରମେଣ୍ଟ ବା ସେଫ୍ ନାମକ ଏକ କ୍ୟାମ୍ପେନ୍‌ର ଆୟୋଜନ କରାଯିବ। ଏହି କ୍ୟାମ୍ପେନ୍ ମାଧ୍ୟମରେ ବାର୍ଷିକ ଦୁଇ ଥର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆଦିର ଆୟୋଜନ କରାଯିବ। ଏହା ଛାତ୍ରୀମାନଙ୍କର ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ଶୈକ୍ଷିକ ପରିବେଶ ପ୍ରଦାନ କରିବାରେ ସହାୟକ ହେବ। କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ, ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ମାସ ୩୧ ତାରିଖ ସୁଦ୍ଧା ପ୍ରଦାନ କରିବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ୟାମ୍ପସ ସୁରକ୍ଷାକୁ ନେଇ ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯାଇ ଏହି ରିପୋର୍ଟରେ ସ୍ଥାନିତ କରାଯିବ। ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବ, ଯାହାଦ୍ୱାରା କଲେଜ କ୍ୟାମ୍ପସକୁ ୨୪ ଘଣ୍ଟା ମନିଟର କରାଯାଇପାରିବ। ଏଥିସହ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ରହିବାର ବ୍ୟବସ୍ଥା କରାଯିବ। କଲେଜରେ ରହିଥିବା ଆଭ୍ୟନ୍ତରୀଣ କମିଟି ସଦସ୍ୟ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରାମର୍ଶ ଅନୁଯାୟୀ, ସିସିଟିଭି କ୍ୟାମେରା ଲଗାଇବାର ସ୍ଥାନ ନିରୂପଣ କରାଯିବ। ବିଭିନ୍ନ ଆଇନ ବାବଦରେ ଛାତ୍ରୀଙ୍କୁ ଅନଲାଇନ ପାଠକ୍ରମ ମଧ୍ୟ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକଦିବସୀୟ କର୍ମଶାଳା 'ଶକ୍ତି ସ୍ୱରୂପିଣୀ'ର ଆୟୋଜନ କରାଯିବ। ଏହି କର୍ମଶାଳାରେ ମହିଳାମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାର ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯିବ । ମହିଳାଙ୍କ ସୁରକ୍ଷାକୁ ନେଇ ରହିଥବା ବିଭିନ୍ନ ଦିଗ ସମ୍ବନ୍ଧରେ ସଚେତନ କରାଇବା, ଡିଜିଟାଲ ସୁରକ୍ଷା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବାଠାରୁ ଆରମ୍ଭ କରି ଶକ୍ତିଶ୍ରୀ ମୋବାଇଲ ଆପ୍‌ର ପରିଚାଳନା ପର୍ଯ୍ୟନ୍ତ ସବୁ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

## ନାବାଳିକାଙ୍କୁ...

ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ଓ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ବିଧାନ ଦିଗରେ ଠୋସ୍ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ପୀଡ଼ିତା ଜଣଙ୍କ ଯଦିଓ ଭେଣ୍ଟିଲେଟର୍‌ରେ ନାହାନ୍ତି, କିନ୍ତୁ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ଅଛନ୍ତି। ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଏହା ସେକେଣ୍ଡ ଓ ଥାର୍ଡ ଡିଗ୍ରୀ ବର୍ଣ୍ଣ ବୋଲି ଡା. ବିଶ୍ୱାସ କହିଛନ୍ତି। ସେହିପରି ପୀଡ଼ିତା କଥାବାର୍ତ୍ତା କରୁଥିଲେ ବି ମାନସିକ ଅବସାଦ ଭିତରେ ରହିଛନ୍ତି। ବେଳେବେଳେ ତାଙ୍କ ରକ୍ତଚାପ କମ୍ ହୋଇଯାଉଛି। ଏହି ଦୃଷ୍ଟିରୁ ଆଗାମୀ ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ତାଙ୍କୁ ୪୮ ଘଣ୍ଟା ପାଇଁ ଅବଜର୍ଭେସନ୍‌ରେ ରଖାଯିବ। ସେହିପରି ଚିକିତ୍ସାର ତଦାରଖ ପାଇଁ ଏକ ୧୪ଜଣିଆ ଡାକ୍ତରୀ ଦଳ ଗଠନ କରାଯାଇଛି, ଯେଉଁଥିରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କୁ ନିଆଯାଇଛି। ତେଣୁ ଅବସ୍ଥା ମୋଟାମୋଟି ଭାବେ ଗୁରୁତର ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଅଘଟଣ ନେଇ ଖବର ପାଇବା ପରେ ବଳଙ୍ଗା ଥାନା ପୁଲିସ୍ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଙ୍କର ବୟାନ ରେକର୍ଡ କରାଯାଇଥିବା ବେଳେ ପୁଲିସ୍ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ଛାନଭିନ୍ ଆରମ୍ଭ କରିଛି। ଏହାଛଡ଼ା ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୁରୀ ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ଘଟଣାସ୍ଥଳ ବୁଲି ଦେଖିବା ପରେ କହିଛନ୍ତି ଯେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ଓ ସ୍ପର୍ଶକାତର ହୋଇଥିବାରୁ ଏହାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ ହୋଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। କେବଳ ପଚରାଉଚରା ଚାଲିଛି। ଫୋରେନସିକ୍ ଟିମ୍ ମଧ୍ୟ ଯାଞ୍ଚ ଆରମ୍ଭ କରିସାରିଛି। ଦହନଶୀଳ ସାମଗ୍ରୀ ବ୍ୟବହାର ହୋଇଛି। ମାତ୍ର ତାହା କ'ଣ ସେନେଇ କିଛି ସ୍ପଷ୍ଟ ହୋଇପାରିନାହିଁ। ପ୍ରମାଣ ମିଳିଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି। ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଅଘଟଣ ଘଟିବା ନାରୀମାନଙ୍କ ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରାଧୀମାନେ ଦିନକୁ ଦିନ ନିର୍ଭୟରେ ଅଘଟଣ ପରେ ଅଘଟଣ ଘଟାଇବା ପଛରେ ସରକାରୀ ଉଦାସୀନତାକୁ ଶ୍ରୀ ପଟ୍ଟନାୟକ ଦାୟୀ କରିଛନ୍ତି। ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ଚରମ ସୀମାରେ ପହଞ୍ଚିଥିବା ବେଳେ ଏ ଦିଗରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଲୋକେ ଅପେକ୍ଷା କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ବିରୋଧୀଙ୍କ...

ହେବା ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ରୋଗୀ ସେବାରେ ବ୍ୟାଘାତ ମଧ୍ୟ ସୃଷ୍ଟି ହୋଇଥିଲା। ଏପରିକି ଦୀର୍ଘ ସମୟ ଧରି ବହୁ ରୋଗୀ ହସ୍ପିଟାଲ ଭିତରକୁ ଯାଇନପାରି ବାହାରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଆଜି ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳର ଜଣେ ନାବାଳିକାଙ୍କ ଦେହରେ ଦୁର୍ବୃତ୍ତ ନିଆଁ ଲଗାଇଦେବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଗୁରୁତର ନାବାଳିକାଙ୍କ ଦେହ ପ୍ରାୟ ୭୦ ପ୍ରତିଶତ ପୋଡ଼ିଯାଇଛି। ତାଙ୍କର ଏବେ ଏମ୍ସର ବର୍ଣ୍ଣ ୱାର୍ଡରେ ଚିକିତ୍ସା ଜାରି ରହିଛି। ଆସନ୍ତା ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ପୀଡିତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ରାଜନୈତିକ ଦଳ ପାଇଁ କିନ୍ତୁ ଏମ୍ସ ପରିସର ପାଲଟିଛି ଲଢେଇର କୁରୁକ୍ଷେତ୍ର। ଯେଉଁଥିପାଇଁ ବାଧ୍ୟ ହୋଇ ସନ୍ଧ୍ୟାରେ ପୋଲିସ ଏମ୍ସ ପରିସରରେ ୧୬୩ ଧାରା ଲାଗୁ କରିଥିଲା। ଆଉ ଆନ୍ଦୋଳନରତ ରାଜନୈତିକ ଦଳର ନେତା ଓ କର୍ମୀଙ୍କୁ ହସ୍ପିଟାଲ ପରିସରରୁ ହଟେଇଥିଲା।

## ପେଟ୍ରୋଲ...

ଘଟଣା ଦିନ ଜଣେ ଯୁବତୀ ବ୍ୟାଟେରୀଚାଳିତ ସ୍କୁଟି ଯୋଗେ ଯାଇ ଏକ ବୋତଲରେ ଏକ ଲିଟର ପେଟ୍ରୋଲ ଆଣିଥିବା ସମ୍ପର୍କରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ଯିଏ ପେଟ୍ରୋଲ ଆଣିଥିଲେ, ତାଙ୍କର ଉକ୍ତ ଛାତ୍ରୀଙ୍କ ସହ ସମ୍ପର୍କ କଣ, ସେ ଏବିଭିପି ସହ ଜଡ଼ିତ କି ନାହିଁ, ଏହି ପେଟ୍ରୋଲ କଲେଜକୁ ଯାଇଥିଲା କି ସେ ସମ୍ପର୍କରେ ଏହି ଟିମ୍ ଅନୁଧ୍ୟାନ କରିଛନ୍ତି। ପେଟ୍ରୋଲ ପମ୍ପ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରହିଛି। ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ ଆଜି ସରିଥିବା ବେଳେ କମିଟିର ମୁଖ୍ୟ ତଥା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ରଙ୍କ ସୂଚନା ଅନୁଯାୟୀ ଦ୍ୱିତୀୟ ଦିନରେ ୨୩ ଜଣଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ମୋଟ ୩୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ମିଳିଥିବା ସାକ୍ଷୀ ପ୍ରମାଣକୁ ତର୍ଜମା କରି ଖୁବଶୀଘ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଘଟଣାର ଆହତ ଛାତ୍ରଙ୍କୁ ମଧ୍ୟ ଭେଟିଛନ୍ତି କମିଟି । କଟକରେ ଆହତଙ୍କୁ ଓ ବାପାଙ୍କୁ ଭେଟିଥିବା କହିଛନ୍ତି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ର। ଆଜି ମଧ୍ୟ ୟୁଜିସି ଟିମ ତଦନ୍ତ ଜାରି ରଖିଥିଲା। ଆଜି ଆଇସିସି ମେମ୍ବର, ପ୍ରିନ୍ସିପାଲ ଓ ବହୁ ଛାତ୍ରଛାତ୍ରୀ ତଦନ୍ତର ସାମ୍ନା କରିଥିଲେ । ୟୁଜିସି ଟିମ ଅଧିକାଂଶ ବିଏଡ ପିଲାମାନଙ୍କର ମତାମତ ନେଇଥିଲେ, ଯେଉଁମାନଙ୍କର ସରକାରୀ ସ୍ତରରୁ ଚିଠି ଆସିଥିଲା ସେମାନଙ୍କର ପ୍ରତିକ୍ରିୟା ସଂଗ୍ରହ ହୋଇଛି । ଯେତେ ଶୀଘ୍ର ତଦନ୍ତ ସରିବା ସେତେ ଶୀଘ୍ର ନ୍ୟାୟ ମିଳିବ ବୋଲି ସମସ୍ତେ ଆଶା ରଖିଛନ୍ତି। ବାଲେଶ୍ୱର ଛାତ୍ରୀ ଜଣକ ଗତ ୧୨ ତାରିଖରେ କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ସୋମବାର ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଧ୍ୟକ୍ଷ ଦିଲୀପ ଘୋଷ ଓ ଏଚ୍‌ଓଡି ସମୀର ସାହୁଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦେଶର...

ପ୍ରେରଣା ନେବା ଦରକାର। ଏହି ପ୍ରେରଣା ମାଧ୍ୟମରେ ସେମାନେ ଆଇଆଇଟିର ଐତିହ୍ୟକୁ ବଢ଼ାଇବା ଦରକାର। ସେମାନଙ୍କୁ ଭାରତ ପାଇଁ ନିର୍ଦ୍ଦିଷ୍ଟ ମଡେଲ ସ୍ଥାପନ କରିବା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ନୂତନ ପଥ ସୃଷ୍ଟି କରିବା ଓ ତା'ର ନେତୃତ୍ୱ ନେବାକୁ ହେବ। ଜାତୀୟ ପ୍ରାଥମିକତା ହାସଲ କରିବା ସହ ଭବିଷ୍ୟତର ମାନଚିତ୍ରକୁ ଚିହ୍ନଟ କରିବା ପାଇଁ ଆଇଆଇଟି ଐତିହ୍ୟର ଆଗକୁ ବଢ଼ାଇବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି।

## ଅଗଷ୍ଟ...

ସବୁ ଭଲମନ୍ଦ ପାଇଁ ସାମଗ୍ରୀକ ଭାବେ ସେ ଉତ୍ତରଦାୟୀ ହେଉଥିବା ବେଳେ ବଡ଼ ବଡ଼ ବିଭାଗ ଦାୟିତ୍ୱ ରଖି ମୁଖ୍ୟମନ୍ତ୍ରୀ ମଧ୍ୟ ଚାପରେ ରହୁଛନ୍ତି। ଏହି ଦୃଷ୍ଟିରୁ ସେ ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ଅଦଳବଦଳ ସାଙ୍ଗକୁ ଖାଲିପଡ଼ିଥିବା ଆଉ ୫ ମନ୍ତ୍ରୀପଦକୁ ମଧ୍ୟ ପୂରଣ କରିବେ। ୫ ମନ୍ତ୍ରୀପଦ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ କିଛି ବରିଷ୍ଠ ଓ ଅନୁଭବୀ ବିଧାୟକଙ୍କୁ ସାଙ୍ଗରେ ନେବାକୁ ଚିନ୍ତା କରୁଛନ୍ତି। ସମ୍ବଲପୁର ବିଧାୟକ ଜୟନାରାଣ ମିଶ୍ରଙ୍କ ପରି ପୁରୁଖା ଓ ଅନୁଭବୀ ନେତା ଏଥର ମୋହନଙ୍କ ଟିମରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିସହିତ ସମ୍ପ୍ରସାରଣରେ ୨୧ ଲୋକସଭା କ୍ଷେତ୍ରର ପ୍ରତିନିଧିତ୍ୱ ମଧ୍ୟ ଅନ୍ୟ ଏକ ମାପକାଠି ହେବ। ରାଜ୍ୟର ସବୁ ଲୋକସଭା କ୍ଷେତ୍ରରୁ ଜଣେ ଲେଖାଏଁ ବିଧାୟକ ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରିବା ନେଇ ତାଲିକା ପ୍ରସ୍ତୁତ କରୁଛନ୍ତି ମୁଖ୍ୟମନ୍ତ୍ରୀ। ଯେଉଁମାନେ ମନ୍ତ୍ରିମଣ୍ଡଳରେ ସାମିଲ ହେବନାହିଁ, ସେମାନଙ୍କୁ ନିଗମ ଓ ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯିବ।

# ପୁରୀ ମହାନଗର ନିଗମ ପାଇଁ ପ୍ରକ୍ରିୟା ଆରମ୍ଭ

## ଯୋଡ଼ି ହେବ ୮ଟି ପଞ୍ଚାୟତ

**ପୁରୀ,୧୯।୭ (ସଂଚାର ବ୍ୟୁରୋ) :** ପୁରୀ ମହାନଗର ନିଗମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ପୁରୀ ସହରକୁ ଲାଗିଥିବା ୫ଟି ପଞ୍ଚାୟତର ୪୪ଟି ଗାଁ ନାମକୁ ମହାନଗର ନିଗମରେ ଯୋଡ଼ିବା ପାଇଁ ପୁରୀ ପୌରସଂସ୍ଥା ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି । ଏନେଇ ନଗର ଉନ୍ନୟନ ବିଭାଗ ପ୍ରସ୍ତାବ ପାଇବା ପରେ ପ୍ରକ୍ରିୟା ଆରମ୍ଭ ଆଗକୁ ନେବା ପାଇଁ ଆବଶ୍ୟକ ପଡୁଥିବା ଭିତ୍ତିଭୂମି ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ପୁରୀ ସହର ନିକଟରେ ଥିବା ବୀରହରେକୃଷ୍ଣପୁର, ବାଲିଗୁଆଳି, ଗୋପିନାଥପୁର, ସମଙ୍ଗ, ଶାସନଦାମୋଦରପୁର, ଗୋପାଳପୁର, ବାଲୁଖଣ୍ଡ, କାଶୀହରିପୁର, ଗୋରୁଆଳ ପଞ୍ଚାୟତ ପୁରୀ ପୌରାଞ୍ଚଳରେ ମିଶିବାକୁ ପ୍ରସ୍ତାବ ଦିଆଯାଇଛି ।ପୁରୀକୁ ମହାନଗର ନିଗମ କରିବା ପ୍ରକ୍ରିୟା ଆରମ୍ଭ ହେଇଥିବା ଏନେଇ ଏକ ସ୍ୱତନ୍ତ୍ର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ବାଣୀଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ହେଇଥିବା ବୈଠକରେ ସବୁ ପ୍ରସଙ୍ଗରେ ଆଲୋଚୋନା ହୋଇଛି । ବିଧାନସଭା ସ୍ୱତନ୍ତ୍ର କକ୍ଷରେ ନଗର ଉନ୍ନୟନ ବିଭାଗ ସହ ଜଡ଼ିତ ବିଧାନସଭା କମିଟିର ଅଧ୍ୟକ୍ଷ, ସଦସ୍ୟଗଣ, ନଗର ଉନ୍ନୟନ ବିଭାଗର ସଚିବ, ସ୍ୱତନ୍ତ୍ର ସଚିବ, ଓଡ଼ିଶା ପୌରପାଳିକା ପ୍ରଶାସନିକ ନିର୍ଦ୍ଦେଶକ ଓ କଟକ ମହାନଗର ନିଗମ ଆୟୁକ୍ତ , ବିଡ଼ିଏ ଉପାଧ୍ୟକ୍ଷ ଏବଂ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପୁରୀ ମହାନଗର ନିଗମ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ଅତିକମରେ ୩ ଲକ୍ଷରୁ ଅଧିକ ଜନସଂଖ୍ୟା ଆବଶ୍ୟକ। ଏବେ ପୁରୀ ପୌରାଞ୍ଚଳରେ ପ୍ରାୟ ଅଢେଇ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବା ବଳେ ପୁରୀ ସଦର ବ୍ଲକ ଓ ବ୍ରହ୍ମଗିରୀ ବ୍ଲକର ୮ଟି ପଞ୍ଚାୟତ ଅନ୍ତର୍ଗତ ୪୪ଟି ଗାଁକୁ ପୁରୀ ସହରରେ ମିଶିବା ପରେ ଏହାର ଜନସଂଖ୍ୟା ମହାନଗର ନିଗମ ମାନଦଣ୍ଡ ସହ ସମକକ୍ଷ ହୋଇ ପାରିବ । ପୁରୀ ଉପକଣ୍ଠରେ ଥିବା ସିପସରୁବାଲି ଅଞ୍ଚଳରେ ଶାମୁକା ପ୍ରକଳ୍ପ ଓ ବିମାନ ବନ୍ଦର ପ୍ରକଳ୍ପ କରିବାକୁ ସରକାରଙ୍କ ଯୋଜନା ଥିବାରୁ ଏହି ଅଞ୍ଚଳକୁ ମଧ୍ୟ ମହାନଗର ନିଗମ ଅଞ୍ଚଳ ପରିସରଭୁକ୍ତ କରାଯାଇଛି । ପୁରୀ ସହର ନିକଟରେ ଥିବା ଗ୍ରାମାଞ୍ଚଳ ଗୁଡ଼ିକ ପୁରୀ ସଦରଥାନା, ତାଳ ବଣିଆ ଥାନା ଅଧୀନରେ ଯାଉଛି ।

# 'ଭିଜନ ୨୦୩୬ ଏବଂ ୨୦୪୭' ସଂକ୍ରାନ୍ତ ଉଚ୍ଚସ୍ତରୀୟ କର୍ମଶାଳା




**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଖାରବେଳ ଭବନରେ 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' ବିଷୟବସ୍ତୁ ଉପରେ ଏକ ଉଚ୍ଚସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି ଅଧିବେଶନରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ଭିଜନ ଡକ୍ୟୁମେଣ୍ଟର ରଣନୈତିକ ଜ୍ଞାନ ଅଂଶୀଦାର ମ୍ୟାକକିନସେ ଆଣ୍ଡ କମ୍ପାନୀର ବିଶେଷଜ୍ଞମାନେ ସହଯୋଗ କରିଥିଲେ। ଏହି କର୍ମଶାଳାର ଲକ୍ଷ୍ୟ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ସହ ଓଡ଼ିଶାର ବିକାଶମୂଳକ ରୋଡମ୍ୟାପ୍ ପ୍ରସ୍ତୁତ କରିବା। ଏନେଇ ଦୁଇ ବିଭାଗ ପକ୍ଷରୁ ସବିଶେଷ ଆଲୋଚନା ହୋଇଥିଲା।

ଏହି ଅଧିବେଶନରେ ରାଜ୍ୟର ଦୀର୍ଘକାଳୀନ ଆକାଂକ୍ଷାକୁ ରୂପରେଖା ଦିଆଯାଇଥିଲା, ଯେଉଁଥିରେ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଜିଏସଡିପି ହାସଲ, ଦେଶର ଜିଡିପିରେ ୫ ପ୍ରତିଶତ ଯୋଗଦାନ ଏବଂ ୧ କୋଟିରୁ ଅଧିକ ଅଣକୃଷି ନିଯୁକ୍ତି ସୃଷ୍ଟି ଆଦି ଅନ୍ତର୍ଭୁକ୍ତ। 'ଭିଜନ ୨୦୩୬ ଏବଂ ୨୦୪୭' ୬ଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଧାରିତ। ସେଗୁଡ଼ିକ ହେଲା ଲୋକ, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କ ପାଇଁ ସମୃଦ୍ଧି, ଐତିହ୍ୟ, ପ୍ରଯୁକ୍ତି-ନେତୃତ୍ୱାଧୀନ ଅଭିବୃଦ୍ଧି ଏବଂ ଲୋକକେନ୍ଦ୍ରିକ ଶାସନ। ଏହି ଅବସରରେ '୩୬ ପାଇଁ ୩୬' ପ୍ରମୁଖ କାର୍ଯ୍ୟକ୍ରମର ଉପସ୍ଥାପନା ଏକ ପ୍ରମୁଖ ଆକର୍ଷଣ ଥିଲା, ଯାହା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ଦକ୍ଷତା, କୃଷି ଏବଂ ଜଳବାୟୁ ଭଳି କ୍ଷେତ୍ରଗୁଡ଼ିକରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଛି। କର୍ମଶାଳାରେ ଅଂଶଗ୍ରହଣକାରୀମାନେ ନମୁନା କାର୍ଯ୍ୟକାରୀ ମଡେଲଗୁଡ଼ିକର ସମୀକ୍ଷା କରିଥିଲେ, ଯେଉଁଥିରେ ସମ୍ବଲପୁର ମହାନଗର ନିଗମ ପାଇଁ ଏକ ବିସ୍ତୃତ ଯୋଜନା ଅନ୍ତର୍ଭୁକ୍ତ ଥିଲା, ଯାହା କିପରି ବିଭିନ୍ନ ଦୃଷ୍ଟିକୋଣ ଭୂମିଗତ କାର୍ଯ୍ୟରେ ପରିଣତ ହେବ, ତାହା ଦର୍ଶାଇଥିଲା।

ଶ୍ରୀମତୀ ପାଢ଼ୀ ସମୟୋଚିତ ବିତରଣ ଓ ମାପଯୋଗ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ଦୃଢ଼ ସଂସ୍ଥାଗତ କ୍ଷମତା, ତଥ୍ୟଚାଳିତ ଶାସନ ଏବଂ ବିଭାଗ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ରିଅଲ୍-ଟାଇମ୍ ଡ୍ୟାସବୋର୍ଡ, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଏକ ସମ୍ପୂର୍ଣ୍ଣ-ସରକାରୀ ଆଭିମୁଖ୍ୟ ଭଳି ଯନ୍ତ୍ରପାତିର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଉଭୟ ବିଭାଗକୁ ନିର୍ଦ୍ଦିଷ୍ଟ ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକ (କେପିଆଇ) ପ୍ରଦାନ କରାଯାଇଛି ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। କର୍ମଶାଳାରେ ବାଣିଜ୍ୟ ଓ ପରିବହନ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନେ ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ଏକ ବିକଶିତ ଓ ଅନ୍ତର୍ଭୁକ୍ତ ଓଡ଼ିଶା ଗଠନରେ ଭିତ୍ତିଭୂମି ଏବଂ ସହରାଞ୍ଚଳ ପରିବର୍ତ୍ତନର ଭୂମିକା ଉପରେ ଆଲୋଚନା କରିଥିଲେ।

# ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଲା ବିଜେଡି




**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାକୁ ସପ୍ତାହେ ନପୂରୁଣୁ ଆଜି ପିପିଲି ନିକଟବର୍ତ୍ତୀ ବଳଙ୍ଗାଠାରେ ଜନୈକା ନାବାଳିକାଙ୍କୁ ଜିଅନ୍ତା ଜାଳି ଦେବାକୁ ଉଦ୍ୟମ ହୋଇଥିବା ବେଳେ ଏହି ମାମଲାରେ ବିରୋଧୀ ବିଜେଡି ସରକାରଙ୍କୁ ଘେରିଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଦଳ ପ୍ରଶ୍ନ ଉଠାଇବା ସହ ନାରୀମାନେ ଆଜି ରାଜ୍ୟରେ ପୂରା ଅସୁରକ୍ଷିତ ବୋଲି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଅଭିଯୋଗ କରିଛନ୍ତି। ଶ୍ରୀମତୀ ସାହୁ କହିଛନ୍ତି ଯେ ରାଜଧାନୀଠାରୁ ମାତ୍ର ୫୦ କିମି ଦୂର ଓ ବଳଙ୍ଗା ଥାନାଠାରୁ ମାତ୍ର ୧ କିମି ଦୂରରେ ସ୍ପଷ୍ଟ ଦିବାଲୋକରେ ଏଭଳି ଅଘଟଣ ଘଟିଛି। ଗତ ଶନିବାର ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା ଲୋକଲୋଚନକୁ ଆସିଥିବା ବେଳେ ଆଜି ବଳଙ୍ଗାରେ ସମାନ ଧରଣର ଅଘଟଣ ଘଟିଛି। ଏହା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ସଦ୍ୟତମ ନମୁନା। ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆଜି ଝିଅଟିଏ ଘରୁ ବାହାରିଗଲା ବେଳେ ସୁରକ୍ଷିତ ଭାବେ ଘରକୁ ଫେରିବ କି ନାହିଁ, ସେନେଇ ପରିବାର ଚିନ୍ତାରେ ରହୁଛନ୍ତି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

ସେହିପରି ଶ୍ରୀମତୀ ଦାସ କହିଛନ୍ତି ଯେ ପୁଣିଥରେ ସେଇ ଛାତିଥରା ଦୃଶ୍ୟ ସାମ୍ନାକୁ ଆସିଛି। ପୀଡ଼ିତା ଜଣଙ୍କ ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଦେହର ପ୍ରାୟ ୭୦ରୁ ୭୫ ପ୍ରତିଶତ ପୋଡ଼ିଯାଇଛି। ତାଙ୍କ ସ୍ଥିତି ଅନୁସାରେ ତାଙ୍କୁ ତୁରନ୍ତ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉ। ଏହାଛଡ଼ା ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ବିଧାନ କରିବା ସକାଶେ ସେ ଦାବି କରିଛନ୍ତି।

# ଭୁବନେଶ୍ୱର ଷ୍ଟେସନରେ ପୁନଃବିକାଶ କାର୍ଯ୍ୟର ନିରୀକ୍ଷଣ କଲେ ରେଳ ରାଷ୍ଟ୍ରମନ୍ତ୍ରୀ

## ଓଡ଼ିଶାକୁ ସାଢ଼େ ୧୨ ଗୁଣ ଅଧିକ ବଜେଟ୍ ଆବଣ୍ଟିତ ହୋଇଛି



**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ରେଳ ଓ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଆଜି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ସମ୍ପ୍ରତି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶର ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ ସୁବିଧାରେ ପରିଣତ କରିବାର ଦୃଷ୍ଟିକୋଣକୁ ସ୍ପଷ୍ଟତା ପ୍ରଦାନ କରିବା ଦିଗରେ ଅଗ୍ରଗତି କରୁଛି। ଏହି ଅବସରରେ ଶ୍ରୀ ସୋମନ୍ନା କହିଛନ୍ତି ଯେ 'ଅମୃତ ଭାରତ ଷ୍ଟେସନ ଯୋଜନା'ରେ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ କରାଯାଉଛି ଏବଂ ଏହି କାର୍ଯ୍ୟ ବହୁତ ଭଲ ଗତିରେ ଆଗେଇ ଚାଲିଛି। ରେଳଷ୍ଟେସନ ବିକାଶ କାର୍ଯ୍ୟରେ ଉଚ୍ଚ ଆପ୍ରୋଚ୍ ରୋଡ୍ ଏବଂ ଷ୍ଟେସନ୍‌କୁ ଯାଉଥିବା ଯାତ୍ରୀ ଓ ବାହାରକୁ ଆସୁଥିବା ଯାତ୍ରୀଙ୍କ ଗମନାଗମନକୁ ପୃଥକୀକରଣ ମଧ୍ୟ ସାମିଲ୍। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ। ପୁନଃବିକଶିତ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଅନ୍ୟାନ୍ୟ ଆଧୁନିକ ସୁବିଧାସୁଯୋଗ ମଧ୍ୟରେ ଷ୍ଟେସନ ପ୍ରବେଶର ଉନ୍ନତି, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷା ହଲ୍, ଶୌଚାଳୟ, ଲିଫ୍ଟ/ଏସ୍କେଲେଟର, ପରିଷ୍କାର ପରିଚ୍ଛନ୍ନତା, 'ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ଦିବ୍ୟାଙ୍ଗଙ୍କ ପାଇଁ ସୁବିଧା, ସ୍ଥାୟୀ ଓ ପରିବେଶ ଅନୁକୂଳ ସମାଧାନ, କାର୍ଯ୍ୟନିର୍ବାହୀ ଲାଉଞ୍ଜ, ବାଣିଜ୍ୟିକ ବିକାଶ ବୈଠକ ପାଇଁ ମନୋନୀତ ସ୍ଥାନ, ଭୂଦୃଶ୍ୟ ଇତ୍ୟାଦି ସୁବିଧା ରହିବ।

# ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ମହିଳା କଂଗ୍ରେସ



**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ଆଜି ଦିନଦ୍ୱିପ୍ରହର ସମୟରେ ପିପିଲି ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ମହିଳା କଂଗ୍ରେସର ବିକ୍ଷୋଭ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାସଭବନ ଘେରିଲା ମହିଳା କଂଗ୍ରେସ। ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଘେରିଲା କଂଗ୍ରେସ। ଟମାଟୋ ମାଡ଼ କରି ପ୍ରତିବାଦ କରୁଥିବା ସମୟରେ ଦଳର ନେତ୍ରୀମାନଙ୍କୁ ପୁଲିସ୍ ଉଠାଇନେଇଥିବା ଜଣାପଡ଼ିଛି। ଏହି ଘେରାଉନେଇ ଶ୍ରୀମତୀ ବାହିନୀପତି କହିଛନ୍ତି ଯେ ରାଜ୍ୟରେ ଗୋଟିକ ପରେ ଗୋଟିଏ ହୃଦୟ ବିଦାରକ ଘଟଣାରେ ଛାତ୍ରୀମାନେ ନିଆଁରେ ପୋଡିବା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି। 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ବିଜେପି ସରକାରଙ୍କ ଶାସନରେ ମହିଳା, ଛାତ୍ରୀମାନେ ସବୁଠାରୁ ଅସୁରକ୍ଷିତ। ଏଫ୍‌ଏମ୍ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ସେ ଆତ୍ମାହୁତି ଦେଲେ। ତାଙ୍କୁ ନ୍ୟାୟ ଦେବା ପାଇଁ ସାରା ଓଡ଼ିଶାରେ ଆନ୍ଦୋଳନ ମୁଣ୍ଡ ଟେକିଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ନାରୀକୁ ନ୍ୟାୟ ଦେବା ପାଇଁ ଯେଉଁ ଅଭିଯାନ ଆରମ୍ଭ ହୋଇଛି ତାହାକୁ ଆଗକୁ ନେଇ ଆଜି ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ଏଫ୍‌ଏମ୍ କଲେଜ ଅଘଟଣ ପରେ ଏବେ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଅଧୀନସ୍ଥ ବଳଙ୍ଗାଠାରେ ଜନୈକା ଯୁକ୍ତ ଦୁଇ ଛାତ୍ରୀଙ୍କୁ କେତେକ ଦୁର୍ବୃତ୍ତ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ, ଯାହାକି ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିର ଶୋଚନୀୟ ଅବସ୍ଥାକୁ ପ୍ରମାଣିତ କରିଛି। ପରିସ୍ଥିତି ଏପରି ହୋଇଛି ଯେ ଏବେ ମହିଳାମାନେ ଘରୁ ବାହାରିବା ବି କଷ୍ଟକର ହୋଇପଡ଼ିଛି। ତେଣୁ ଏପରି ସ୍ଥିତିରେ ସରକାରଙ୍କର ଗାଦିରେ ବସିବାର ନୈତିକ ଅଧିକାର ନାହିଁ ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି।

● ନିମାପଡ଼ା ଛାତ୍ରୀ ପୋଡ଼ି ଘଟଣା

# ପୀଡ଼ିତାଙ୍କୁ ଭେଟିଲା ପିସିସି ତଥ୍ୟ ଅନୁଧ୍ୟାନ କମିଟି

**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁର୍ବୃତ୍ତମାନଙ୍କ ଦ୍ୱାରା ହୋଇଥିବା ଛାତ୍ରୀକୁ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ଘଟଣାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଅତ୍ୟନ୍ତ ଉଦ୍‌ବେଗ ପ୍ରକାଶ କରିବା ସହ ଏଭଳି ସ୍ପର୍ଶକାତର ଘଟଣାର ତଥ୍ୟ ଅନୁଧ୍ୟାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟି ତତ୍କାଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କୁ ଭେଟିବା ସକାଶେ ଶ୍ରୀ ଦାସ ଦାୟିତ୍ୱ ଦେଇଥିଲେ। ତଦନୁଯାୟୀ ଉକ୍ତ କମିଟି ଖୁବଶୀଘ୍ର ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍ସରେ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସେହିପରି କମିଟିର ସଦସ୍ୟମାନେ ତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଆଜିର ଏହି ତଥ୍ୟ ଅନୁଧ୍ୟାନ ସମୟରେ କମିଟି ଅଧ୍ୟକ୍ଷ ଶ୍ରୀକାନ୍ତ ଜେନାଙ୍କ ସମେତ ସଭ୍ୟ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି, ୟାସିର ନୱାଜ, ରଞ୍ଜିତ ପାତ୍ରଙ୍କ ସମେତ ବିଧାୟିକା ସୋଫିଆ ଫିର୍‌ଦୋସ, ସୋନାଲି ସାହୁ, ମନୀଷା ଦାସ ପଟ୍ଟନାୟକ ଓ ଉଦିତ ପ୍ରଧାନ ହସ୍ପିଟାଲରେ ପହଞ୍ଚିଥିଲେ।

## ମହିଳା କମିଶନର ପଦବୀ ପୂରଣ ଦାବି

# ବିଜୁ ମହିଳା ଜନତା ଦଳର ଧାରଣା



## ରାଜ୍ୟରେ ମହିଳା ଓ ଶିଶୁମାନେ ଅସୁରକ୍ଷିତ ଅଭିଯୋଗ

**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁମାନେ ଅସୁରକ୍ଷିତ ମନେ କରିବା ସହ ନିର୍ଯାତନା ଓ ଦୁଷ୍କର୍ମ ହାର ବୃଦ୍ଧି ପାଇବାରେ ଲାଗିଛି। ଏପରି ସ୍ଥିତିରେ ରାଜ୍ୟରେ ବିଜେପି ସରକାର ଆସିବାର ୧୪ ମାସ ବିତିଗଲା ପରେ ମଧ୍ୟ ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ପଦବୀ ପୂରଣ ହୋଇପାରିନାହିଁ। ଏହା ପ୍ରତିବାଦରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟାଏ କାଳ ଗଣଧାରଣା ଦିଆଯାଇଥିଲା। ଗୋଟିଏ ନାରୀ ଉପରେ ଅତ୍ୟାଚାର ହେଲେ ପ୍ରଥମେ ସେ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥାଏ। କିନ୍ତୁ ଏବେ ଏହି ପଦବୀ ଖାଲି ପଡ଼ିଥିବାରୁ ମହିଳାମାନେ ନିଜକୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ତେଣୁ ସରକାର ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ପୂରଣ ଦିଗରେ ପଦକ୍ଷେପ ନ ନେଲେ ବିଜୁ ମହିଳା ଜନତା ଦଳ କମିଶନ ଅଫିସରେ ତାଲା ପକାଇବା ସହ ଘେରାଉ କରିବ ବୋଲି ଚେତାବନୀ ଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ ହେବାରୁ ରାଜ୍ୟର ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିବା ମହିଳା ଓ ଶିଶୁ ନିଜ ନିଜର ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଧାରଣାରେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କସ୍ତୁରୀ ମହାପାତ୍ର, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରଞ୍ଜିତା ସାହୁ, ମୁଖପାତ୍ର ଇପ୍ସିତା ସାହୁ, ଇଲା ସ୍ୱାଇଁ, ଲୋରା ମହାପାତ୍ର, ଭାରତୀ ସିଂ, ପ୍ରୀତିନନ୍ଦା ରାଉତରାୟ, ସୁମିତ୍ରା ଜେନା, ମାନସୀ ସୁନ୍ଦରାୟ, ରଞ୍ଜୁଲତା ରାୟ, ପୁଷ୍ପାଞ୍ଜଳି ସେଠୀ, ପୁଷ୍ପା ରାଉତ, ପଦ୍ମଜା ପ୍ରିୟଦର୍ଶିନୀ, ରୁନୁ ଜେନା, କିରଣବାଳା ମାଝୀ, ଶ୍ରମିତା ମହାନ୍ତି, ତିଲୋତ୍ତମା ଚୌଧୁରୀ, ସ୍ମିତା ସ୍ୱାଇଁ, ଅନସୂୟା ରାୟ, ପୂଜା ମହାରଣା, ମୋନାଲିସା ବେହେରାଙ୍କ ସମେତ ବହୁ ନାରୀନେତ୍ରୀ ଯୋଗ ଦେଇଥିଲେ।

# ପ୍ରସଙ୍ଗ ଏକ, ତଦନ୍ତ ଅନେକ

**ଭୁବନେଶ୍ୱର,୧୯।୭:** ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଗୋଟିଏ ପ୍ରସଙ୍ଗ ହୋଇଥିବା ବେଳେ ତଦନ୍ତ କିନ୍ତୁ ଅନେକ। କେଉଁ ତଦନ୍ତର ଦିଗ କୁଆଡ଼େ ଯିବ ଏବଂ ବିଭିନ୍ନ ତଦନ୍ତ ରିପୋର୍ଟରେ ବିରୋଧାତ୍ମକ ତଥ୍ୟ ଆସିଲେ ଅଭିଯୁକ୍ତଙ୍କୁ ତାହା ସୁହାଇବ କି ନାହିଁ, ସେଥିଘେନି ସାଧାରଣ ଲୋକଙ୍କଠାରୁ ଆଇନ୍ ବିଶାରଦମାନେ ପ୍ରଶ୍ନ ଉଠାଉଛନ୍ତି।

ବାଲେଶ୍ୱର ଦୁର୍ଘଟଣାରେ କୁହାଯାଉଛି, ପ୍ରସଂଗ ଏକ- ତଦନ୍ତ ଅନେକ। ଏହି ଅପରାଧିକ ଘଟଣା ସମ୍ପର୍କରେ ଆତ୍ମାହୁତି ଦେବା ପୂର୍ବରୁ ଫକୀର ମୋହନ ସ୍ୱୟଂଶାସିତ କଲେଜର ପୀଡ଼ିତା ଛାତ୍ରୀ ପୁଲିସ ନିକଟରେ ଗୁହାରୀ କରିଥିଲେ। ପୁଲିସ ସେ ସମୟରେ କ'ଣ ତଦନ୍ତ କରିଥିଲା କି ନାହିଁ ତାହା ଏକ ପ୍ରଶ୍ନବାଚୀ। ପୁଲିସ କାର୍ଯ୍ୟାନୁଷ୍ଠାନ ଦାବି କରି ଉଚ୍ଚ ପଦାଧିକାରୀଙ୍କ ନିକଟରେ ମଧ୍ୟ ବିକ୍ଷୋଭ କରାଯାଇଥିଲା। ଏହାର କ'ଣ ଫଳାଫଳ ହେଲା ଜଣାନାହିଁ। ଏବେ ଛାତ୍ରୀଙ୍କ ମୃତ୍ୟୁ ପରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଛି ଏବଂ କ୍ରାଇମବ୍ରାଞ୍ଚର ଅଭିଜ୍ଞ ଅଧିକାରୀମାନେ ମଧ୍ୟ ତଦନ୍ତକୁ ଜୋରଦାର କରୁଛନ୍ତି। ତେବେ ଏହି ସମ୍ବେଦନଶୀଳ ଆତ୍ମାହୁତି ଘଟଣାରେ ତଦନ୍ତ ଭାର ସିବିଆଇକୁ ଦେବା ଏବଂ ଆଇନ୍ ଅଦାଲତ ଏହାର ତଦାରଖ କରିବା ପାଇଁ ଦାବି ହେଉଥିବା ବେଳେ ଏହି ପ୍ରସଙ୍ଗର ବିଚାର ବିଭାଗୀୟ ତଦନ୍ତ ହାଇକୋର୍ଟର କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା କରାଇବା ଲାଗି ମଧ୍ୟ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି।

ଏହି ଘଟଣା ସମ୍ପର୍କରେ କଲେଜ୍‌ର ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆଦିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କିଏ ଏ ପ୍ରସଙ୍ଗରେ କି ପଦକ୍ଷେପ ନେଇଛନ୍ତି, ତାହା ଜଣାପଡୁନଥିବାରୁ ଏସବୁକୁ ବି ତଦନ୍ତ ପରିସରଭୁକ୍ତ କରିବା ଲାଗି ଦାବି ହେଉଛି।



ଓଡ଼ିଶାରେ ମହିଳା କମିଶନ ଅଚଳ ହୋଇ ପଡିଥିବା ବେଳେ ଜାତୀୟ ମହିଳା କମିଶନ ଏହି ବ୍ୟାପାରରେ ଓଡ଼ିଶା ସରକାରଙ୍କୁ ନୋଟିସ କରିଛନ୍ତି। ଜାତୀୟ ମହିଳା କମିଶନଙ୍କ ରିପୋର୍ଟ ଉପରେ ବି ଲୋକଙ୍କ ନଜର ରହିଛି।

ବିଳମ୍ବରେ ହେଲେ ମଧ୍ୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଢ଼ାଯାଇ କଲେଜ କର୍ତ୍ତୃପକ୍ଷ ଯେଉଁ ତଦନ୍ତ କରିଥିଲେ, ତା'ର ରିପୋର୍ଟକୁ ସେଠାକାର ସାଂସଦ 'ସମୀର ଚାଳିଶା' କହି ତାଚ୍ଛଲ୍ୟ କରିଛନ୍ତି। ଏହି କମିଟି ଅଭିଯୁକ୍ତ ଅଧ୍ୟାପକଙ୍କୁ ବିଭାଗୀୟ ମୁଖ୍ୟ ଦାୟିତ୍ୱରୁ ହଟାଇବା ପାଇଁ ବିଳମ୍ବରେ ସୁପାରିସ କରିଥିବା ବେଳେ ତାହା କାହିଁକି କାର୍ଯ୍ୟକାରୀ କରାନଗଲା ଏବଂ ଉପସ୍ଥାନ କମ୍ ଥିବା କାରଣରୁ ୯ ଜଣ ଛାତ୍ରଛାତ୍ରୀଙ୍କ ନାମ ନୋଟିସ ବୋର୍ଡରେ ପ୍ରକାଶ ପାଇଥିବା ବେଳେ ୮ ଜଣଙ୍କୁ ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯାଇ କାହିଁକି ପୀଡ଼ିତା ଛାତ୍ରୀଙ୍କ ପ୍ରତି ପାତରଅନ୍ତର କରାଗଲା, ସେ ସଂକ୍ରାନ୍ତରେ ତଦନ୍ତ ରିପୋର୍ଟ କହିବ।

ଆତ୍ମାହୁତି ଘଟଣା ପରେ ଓଡ଼ିଶା ସରକାର ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି, ଯେଉଁଥିରେ ଜଣେ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ବିଜେବି କଲେଜର ଅଧ୍ୟକ୍ଷା ସଦସ୍ୟା ଅଛନ୍ତି। ଏହି କମିଟିର ରିପୋର୍ଟ ଆସିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ବିଶ୍ୱବିଦ୍ୟାଳୟ ଆନୁଦାନ ଆୟୋଗ (ୟୁଜିସି) ଅନ୍ୟ ଏକ କମିଟି ଗଠନ କରିଛି ଏବଂ ଉକ୍ତ କମିଟି ମଧ୍ୟ ବାଲେଶ୍ୱରରେ ପହଞ୍ଚି ସରଜମିନ ତଦନ୍ତ କରୁଛି। ୟୁଜିସି ଓ ରାଜ୍ୟ ସରକାର ଦୁଇଟି ସମାନ୍ତରାଳ କମିଟି ଗଢ଼ିଥିବାବେଳେ କିଏ କ'ଣ ରିପୋର୍ଟ ଦେଉଛି, ତା' ଉପରେ ବି ନଜର ଅଛି। ଏହାଛଡ଼ା ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି। ଏହି ଉଭୟ ଘଟଣାରେ କାହାର ତଦନ୍ତ କେଉଁ ଦିଗକୁ ଯିବ, ତା' ମଧ୍ୟ ଏବେଠାରୁ କହିବା ମୁସ୍କିଲ୍। ପ୍ରସଙ୍ଗ ଏକ ଓ ତଦନ୍ତ ଅନେକ ହୋଇଥିବାରୁ ବିଭିନ୍ନ ରିପୋର୍ଟ ମଧ୍ୟରେ ତାଳମେଳ ନ ରହିଲେ ତାହା ଅଭିଯୁକ୍ତଙ୍କୁ ସୁହାଇପାରେ ବୋଲି ଆଇନ୍ ବିଶେଷଜ୍ଞ ଓ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ମତ ଦେଉଛନ୍ତି। (ତଥ୍ୟ)

# ଧନ୍ଦାମୂଳକ କନିଷ୍ଠ ଅଧ୍ୟାପକଅଧ୍ୟାପିକାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ୫୪ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କନିଷ୍ଠ ଅଧ୍ୟାପକଅଧ୍ୟାପିକାଙ୍କ ପାଇଁ ଏକ ୪ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସେଞ୍ଚୁରିଅନ ୟୁନିଭର୍ସିଟି (ସିୟୁଟିଏମ୍) ଜଟଣୀ ଓ ପାରଳାଖେମୁଣ୍ଡିଠାରେ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣରେ ଜଟଣୀଠାରେ ୬ଟି କର୍ମବିଦ୍ୟା ଯଥା ଟୁରିଜମ୍ ଆଣ୍ଡ୍ ହସ୍ପିଟାଲିଟି, ଏସ୍‌ପିଇଏଫ୍‌ଏଲ୍, ସିଆର୍‌ଏମ୍, ଇନସ୍ୟୁରାନ୍ସ, ଓଏମ୍, ବିଏଫ୍‌ଏସ୍‌ଆଇର ଅଧ୍ୟାପକଅଧ୍ୟାପିକାମାନେ ପ୍ରଶିକ୍ଷଣ ଗ୍ରହଣ କରିଥିବା ବେଳେ ପାରଳାଖେମୁଣ୍ଡିଠାରେ ହର୍ଟିକଲଚର, ସେରିକଲଚର ଓ ଇନଲାଣ୍ଡ ଫିସରିଜ୍‌ର ଅଧ୍ୟାପକଅଧ୍ୟାପିକାମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଆଜିଏହି ଚତୁର୍ଦ୍ଦିବସୀୟ ପ୍ରଶିକ୍ଷଣ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅପରାହ୍ନ ଅଧିବେଶନରେ ଉପନିର୍ଦ୍ଦେଶକ ମଧୁସୂଦନ ମଲ୍ଲିକ, ଓଆଇସି ଏଏସପି ଡ. ଜ୍ୟୋତି ପ୍ରକାଶ ରଥ, ସେଞ୍ଚୁରିଅନ୍ ୟୁନିଭର୍ସିଟିର କୁଳପତି ଡ. ଅଜୟ କୁମାର ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ରଥ ଶିକ୍ଷାର ମାନ ବୃଦ୍ଧି ଓ ସମାଜ ପରିବର୍ତ୍ତନରେ ଶିକ୍ଷକର ଗୁରୁଦାୟିତ୍ୱ ସମ୍ପର୍କରେ ବହୁମୂଲ୍ୟ ମତାମତ ଦେବା ସହ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେହିପରି ଡ. ନାୟକ ଧନ୍ଦାମୂଳକ ଶିକ୍ଷାରେ ଦକ୍ଷତା ବିକାଶର ଭୂମିକା ବିଷୟରେ ମତାମତ ଉପସ୍ଥାପନ କରିଥିଲେ। ପରିଶେଷରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଗବେଷଣା ସହାୟିକା ସ୍ମିତାରେଖା ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ଜୟ ଓଡ଼ିଶା'ର ଏକାଦଶ ରକ୍ତଦାନ ଶିବିର




**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ 'ଜୟ ଓଡ଼ିଶା' ପକ୍ଷରୁ ଚାଲିଥିବା ରକ୍ତ ସଂଗ୍ରହ ଅଭିଯାନରେ ଆଜି ଏହାର ଏକାଦଶ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜଣାଶୁଣା ଆଇଟି କମ୍ପାନୀ 'ତତ୍ତ୍ୱ ଟେକ୍ନୋଲୋଜିଜ୍' ସହଯୋଗରେ ଆୟୋଜିତ ଏହି ଶିବିର ପରିଚାଳନାରେ ଉକ୍ତ କମ୍ପାନୀର ସହପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତପେନ୍ଦ୍ର ସେନାପତି ସହଯୋଗ କରିଥିଲେ। ଶିବିରରେ ବହୁ ମାତ୍ରାରେ କର୍ମଚାରୀ ରକ୍ତଦାନ କରିଥିଲେ। ଶିବିରରେ କମିଶନରେଟ ପୁଲିସ ଡେପୁଟି କମାଣ୍ଡାଣ୍ଟ ଲଲାଟେନ୍ଦୁ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଆଇଟି କମ୍ପାନୀର କର୍ମଚାରୀମାନେ ଦୀର୍ଘ ବର୍ଷ ପରେ ରକ୍ତଦାନର ସୁଯୋଗ ପାଇଥିବାରୁ ଏଥିସକାଶେ ଜୟ ଓଡ଼ିଶା ସଙ୍ଗଠନକୁ ଧନ୍ୟବାଦ ଦେଇଥିଲେ। ଆଗାମୀ ସପ୍ତାହରେ ଦ୍ୱାଦଶ ଶିବିର ଘାଟିକିଆର ଟ୍ରାଇଡେଣ୍ଟ ଗାଲାକ୍ସିଠାରେ ଅନୁଷ୍ଠିତ ହେବ ବୋଲି ଜୟ ଓଡ଼ିଶା ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି।

ଭୁବନେଶ୍ୱର ରବିବାର ୧୯ ଜୁଲାଇ ୨୦୨୫ ସଂଚାର THE SANCHAR

# ଏନ୍‌ଡିଡିବି-ଓମ୍‌ଫେଡ୍ ଚୁକ୍ତି: ବଢ଼ିବ ଦୁଗ୍ଧ ଉତ୍ପାଦନ

- କର୍ମଚାରୀଙ୍କ ପାଇଁ ୬୨ଟି କ୍ୱାର୍ଟର୍ସ ଉଦ୍‌ଘାଟିତ
- ଦୁଗ୍ଧ ଚାଷୀ ସଙ୍ଘଙ୍କୁ ୨୨ ଦୁଗ୍ଧ ଟ୍ୟାଙ୍କର ପ୍ରଦାନ
- ସମୃଦ୍ଧ ହେବ ରାଜ୍ୟ 'ଗୋ ଅର୍ଥନୀତି': ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ଓଡ଼ିଶାରେ ଶ୍ୱେତ ବିପ୍ଳବର କର୍ଣ୍ଣଧାର ହେଉଛି ଓମ୍‌ଫେଡ୍। ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ଓମ୍‌ଫେଡ୍ ଡ୍ରାଇଭିଙ୍ଗ୍ ଫୋର୍ସ ସାଜିଛି। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ନେଇ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି ।ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦିଆଯାଇ ରାଜ୍ୟର ଗୋ ଅର୍ଥନୀତିକୁ ସମୃଦ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କଟକ ଠାରେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ (ଏନ୍‌ଡିଡିବି) ଏବଂ ଓମ୍‌ଫେଡ ମଧ୍ୟରେ ଅନୁଷ୍ଠିତ ଚୁକ୍ତିନାମା ସ୍ୱାକ୍ଷର ଅବସରରେ କହିଛନ୍ତି।

ଏହି ଚୁକ୍ତିନାମା ଜରିଆରେ ଏନ୍‌ଡିଡିବି ଓଡ଼ିଶାର ଦୁଗ୍ଧ ଚାଷୀଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର୍, ସହିୱାଲ୍ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଈ ଯୋଗାଇଦେବ। ଏଥିସହ ଆଗାମୀ ଦିନରେ ବୋର୍ଡ ସହାୟତାରେ ରାଜ୍ୟରେ ଏକ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାଢ଼େ ୭ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟର ବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘମାନଙ୍କୁ ପ୍ରଦାନ କରିବା ସହ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନୋଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ନିଆଯାଇଥିବା ପଦକ୍ଷେପ ଦ୍ୱାରା ଚାଷୀଙ୍କଠାରୁ ଯଥେଷ୍ଟ ଅଧିକ ପରିମାଣର ଦୁଗ୍ଧ ସଂଗ୍ରହ କରାଯାଇପାରିବ। ଏବେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୭୨ ଲକ୍ଷ ଲିଟର ରହିଛି। କିନ୍ତୁ ୨୦୩୬ ସୁଦ୍ଧା ଏହାକୁ ୧୬୫ ଲକ୍ଷ ଲିଟର ଓ ୨୦୪୭ ସୁଦ୍ଧା ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ ଟନ ଘିଅ ଯୋଗାଇ ଦେବାକୁ ଓମ୍‌ଫେଡ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି। ଏନ୍‌ଡିଡିବି ସହଯୋଗରେ ଓମ୍‌ଫେଡ୍ ପକ୍ଷରୁ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରିବାର ଯୋଜନା ରଖାଯାଇଛି। ଗୋବରରୁ ଗ୍ୟାସ ଉତ୍ପାଦନ କରି ନିଜେ ବ୍ୟବହାର କରିବା ସହ ବଳକା ଗ୍ୟାସ ମଧ୍ୟ ବିକ୍ରି କରିପାରିବେ। ଗୋବରରୁ ବାୟୋଗ୍ୟାସ ବାହାରିବା ପରେ ଗୋବର ମଣ୍ଡକୁ ଚାଷ ଜମିରେ ବ୍ୟବହାର କରି ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି କରାଯାଇପାରିବ। ଏହା ଦ୍ୱାରା ରାଜ୍ୟର ଗୋ-ପାଳକମାନେ ଗୋବରରୁ ମଧ୍ୟ ଆୟ କରିପାରିବେ। ଏହାଦ୍ୱାରା ରାଜ୍ୟର ଗୋ -ଅର୍ଥନୀତି ସମୃଦ୍ଧ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ଏବଂ ଲୋକାଭିମୁଖୀ ଯୋଜନା ଫଳରେ ଦେଶରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ ୪୭୧ ଗ୍ରାମ ରହିଛି। ଯାହା ବିଶ୍ୱର ହାରାହାରି ଉପଲବ୍ଧତାଠାରୁ ଢେର ଅଧିକ। ରାଜ୍ୟ ସରକାର ମଧ୍ୟ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀ ମାନଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୧୫ ଲକ୍ଷ ଗୋପାଳକ ଉପକୃତ ହୋଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡ୍ ଡେରୀ ପ୍ଲାଣ୍ଟର କର୍ମଚାରୀଙ୍କ ପାଇଁ ୬୨ଟି କ୍ୱାର୍ଟର୍ସକୁ ମଧ୍ୟ ଉଦ୍‌ଘାଟନ କରିବା ସହ ସେଠାରେ ନୂତନ ଦୁଗ୍ଧ ଟ୍ୟାଙ୍କର ଓ ମିଲ୍କ ପାଉଡର ପ୍ୟାକିଙ୍ଗ ମେସିନର ଉଦଘାଟନ କରଥିଲେ। ଏଥିସହ ଓମ୍‌ଫେଡ୍ କେନ୍ଦ୍ର ବୈଠକ ଗୃହରେ ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଟକ ସାଂସଦ ଭର୍ତ୍ତୃହରି ମହତାବ, ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେରୀ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, ପରିଚାଳନା ସମିତି ସଦସ୍ୟ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧ୍ୟକ୍ଷ ମଧ୍ୟ ଉପସ୍ଥିତ ଥିଲେ।

## ସ୍ୱାମୀ ଗୁଳି ମାଡ଼ରେ ସ୍ତ୍ରୀ ଗୁରୁତର



**ବଲାଙ୍ଗୀର,୧୯।୭ (ସଂଚାର ବ୍ୟୁରୋ) :** ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଚୁଲୁଦା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀର ଗୁଳି ମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ୩୫ ବର୍ଷୀୟ ପ୍ରହଲ୍ଲାଦ ମଲ୍ଲିକ ସ୍ତ୍ରୀ ନୀର ମଲ୍ଲିକଙ୍କୁ ଚଢେଇ ମରା ବନ୍ଧୁକରେ ଫାୟାରିଂ କରିଥିଲେ। ଫଳରେ ଗୁଳି ନୀରଙ୍କ ଛାତିରେ ବାଜି ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ଏବଂ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସେ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଛାତିରେ ଗୁଳି ବାଜିଥିବାରୁ ଅପରେଶନ କରି ଗୁଳି କାଢ଼ାଯିବ ବୋଲି ସୂଚନା ମିଳିଛି। ପାରିବାରିକ କଳହରୁ ସ୍ୱାମୀ ପ୍ରହଲ୍ଲାଦ ମଦ ପିଇ ନିଶାସକ୍ତ ଅବସ୍ଥାରେ ଗୁଳିକାଣ୍ଡ କରିଥିବା ଜଣାପଡିଛି। ଅନ୍ୟପକ୍ଷେ ପାଟଣାଗଡ଼ ପୋଲିସ ସ୍ୱାମୀ ପ୍ରହଲ୍ଲାଦଙ୍କୁ ଗିରଫ କରିଛି। ବନ୍ଧୁକରେ ଗୁଳି ଭର୍ତ୍ତି କରୁଥିବା ସମୟରେ, ଫାୟାର ହୋଇ ସ୍ତ୍ରୀଙ୍କ ଛାତିରେ ବାଜିଥିବା ଗିରଫ ସ୍ୱାମୀ ପ୍ରହଲ୍ଲାଦ କହିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ପୁରୀ ଦଳଚକଟା ମୃତ୍ୟୁ ମାମଲା

## ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ବୟାନ ଗ୍ରହଣ କଲେ ଡିସି



**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ରାଜ୍ୟ ଉନ୍ନୟନ କମିଶନର (ଡିସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଗତ ମାସ ୨୯ ତାରିଖରେ ଘଟିଥିବା ଦଳାଚକଟାଜନିତ ୩ ଭକ୍ତଙ୍କ ମୃତ୍ୟୁ ମାମଲାର ତଦନ୍ତ କରୁଥିବା ବେଳେ ଗତକାଲି ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ବୟାନ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ଦାୟିତ୍ୱରେ ଥିବା ୫ ଜଣ ବରିଷ୍ଠ ପୁଲିସ୍ ଅଧିକାରୀ ଗତକାଲି ସ୍ଥାନୀୟ ଲୋକସେବା ଭବନସ୍ଥିତ ଯୋଜନା ଓ ସଂଯୋଜନ ବିଭାଗ କାର୍ଯ୍ୟାଳୟଠାରେ ଉନ୍ନୟନ କମିଶନରଙ୍କ ଶୁଣାଣି ନେଇ ସାକ୍ଷାତ କରିଥିଲେ। ପରେ ଡିସି ଶ୍ରୀମତୀ ଗର୍ଗ ସେମାନଙ୍କ ବୟାନ ରେକର୍ଡ କରିଥିଲେ।

### ବଢ଼ିବାରେ ଲାଗିଛି ବନ୍ୟା ବିପ୍ଳାତ

## ୩ ଦିନ ଧରି କାହା ଘରେ ଜଳିନି ଚୁଲି



**କେନ୍ଦ୍ରାପଡ଼ା,୧୯।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଧିରେ ଧିରେ ବଢ଼ିବାରେ ଲାଗିଛି ବନ୍ୟା ବିପ୍ଳାତ। ପଟ୍ଟାମୁଣ୍ଡାଇ, ଆଳି ବ୍ଲକ ବିଶେଷ ଭାବେ ଅଧିକ ପ୍ରଭାବିତ ହୋଇଛି। ଗଲା ୩ ଦିନ ଧରି କାହା ଘରେ ଚୁଲି ଜଳିନି। ଆଣ୍ଠୁଏ ଉଚ୍ଚ ପାଣିରେ ଲୋକେ ଯାଆସ କରୁଛନ୍ତି। ପାଣିର ସୁଅ ବଢ଼ିବା ସହ ଲୋକଙ୍କ ଚିନ୍ତା ବି ବଢ଼ିବାରେ ଲାଗିଛି। ଏସବୁ ଭିତରେ କୁମ୍ଭୀର ଭଡ଼ ବଢ଼ି ଯାଇଛି। ଗାଁ ଗାଁରେ ଏବେ କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଛି। ଏନେଇ ଅଧିକ ସୂଚନା ଦେଉଛନ୍ତି ଆମ ପ୍ରତିନିଧି ପ୍ରବୀର ନାୟକ। ଏପଟେ ଗାଁରେ ବନ୍ୟାଜଳ ପଶିବା ପରେ, ବର୍ଦ୍ଧିତ ସାମ୍ରାଜ୍ୟର ନିରୀକ୍ଷଣ କରୁଛନ୍ତି ମଗର ମହାରାଜ। କେତେବେଳେ ଟହଲ ମାରୁଛନ୍ତି, ପୁଣି କେତେବେଳେ ଶିକାର ଖୋଜୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଚଉଦକୁଳାଟ ଅଞ୍ଚଳ। ବ୍ରାହ୍ମଣୀରେ ବଢ଼ି ଆସିବା ପରେ, ଘାଗରା, ଅଳପୁଆ, ବଲୁରିଆ, ପେଣ୍ଠପାଳ, କୂଳସାହି ଆଦି ଗାଁ ଗାଁରେ କୁମ୍ଭୀର ଆତଙ୍କ।କେନ୍ଦ୍ରାପଡ଼ାର ଅନେକ ଅଞ୍ଚଳରେ ବନ୍ୟା ବେଳେ ଡବଲ୍ କଷ୍ଟ। କଥାରେ ନାହିଁ, ପାଣିରେ ଘର କରି କୁମ୍ଭୀର ସାଙ୍ଗେ ବାଦ। ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀ କୂଳ ଲଂଘିବା ପରେ ଆଳି, ରାଜକନିକା ଓ ପଟ୍ଟାମୁଣ୍ଡାଇ ବାସୀଙ୍କର ଏବେ ସେଇ ଅବସ୍ଥା। ଖାଲି କୁମ୍ଭୀର ନୁହେଁ, ସାପ, ବିଛା ଆଦି ସରିସୃପ, ତା ସାଙ୍ଗକୁ ଶିଆଳ-ବିଲୁଆ। ଜମି ବାଡ଼ି, ବଣବୁଦା ଚାରିଆଡ଼େ ପାଣି ଭରିଯାଇଥିବାରୁ, ଉଚ୍ଚା ଜାଗାକୁ ଆଶ୍ରୟ ପାଇଁ ପଳାଇ ଆସୁଛନ୍ତି ଜନ୍ତୁଜୁନ୍ତା। ଘରେ ପଶିଯିବା ଭୟରେ ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ତେଣୁ ସଞ୍ଜ ନଇଁଲେ ଟର୍ଚ୍ଚ ଓ ଠେଙ୍ଗା ଧରି ବିଭିନ୍ନ ସ୍ଥାନରେ ପହରା ଦେଉଛନ୍ତି ଲୋକେ। ଯେଉଁଠି ରାସ୍ତାରେ ପାଣି...ଶୋଇବା ଘରରେ ପାଣି...ଚୁଲି ମୁଣ୍ଡରେ ପାଣି...ଗୁହାଳ ଭିତରେ ପାଣି...। ସେଠି ଲୋକମାନେ କେତେ ଯେ ହୀନସ୍ତା ହେଉଥିବେ, ତାର କଳନା କେବଳ ବନ୍ୟା ପୀଡ଼ିତ ଲୋକ ହିଁ ଜାଣିବେ। ଆଳିର ଧୋୟା ଅଞ୍ଚଳ, ପାଖାପାଖି ୧୦ଟି ପଞ୍ଚାୟତ। କାହା ଘରେ ଚୁଲି ଜଳୁନି, ତ ଆଉ କିଏ ଅନ୍ଧାର ରାତିରେ ଉଚ୍ଚ ଜାଗା ଦେଇ ଆଶ୍ରୟ ନେଇଛି ଗୃହପାଳିତ ପଶୁଙ୍କ ସହ।

### ଶିକ୍ଷା ମନ୍ଦିରରେ ପୁଣି ପାପାଚାର

## ଆଉ ଜଣେ ଅଧ୍ୟାପକଙ୍କ ନାଁରେ ଅଭିଯୋଗ

**ବାରିପଦା,୧୯।୭ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀ ମାନେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର କିଛି ନିର୍ଦ୍ଦିଷ୍ଟ ଅଧ୍ୟାପକଙ୍କ ନାମରେ ଏଭଳି ଅଭିଯୋଗ ଆଣିଥିବାବେଳେ ଉଭୟ ଅଧ୍ୟାପକ ଏବଂ ଜିଲାପାଳ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ଆଗକୁ ଏନେଇ ତଦନ୍ତ କରି ନିହାତି ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ମାନେ ପୁଣି କଲେଜ କ୍ୟାମ୍ପସକୁ ଫେରିଥିଲେ। ପୁଣି ଅଧ୍ୟାପକଙ୍କ ବିରୋଧରେ ଛାତ୍ରଛାତ୍ରୀଙ୍କ ଅଭିଯୋଗ। ଆନ୍ଦୋଳନ କଲେ ଫେଲ୍ କରିଦେବାର ଧମକ । ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିବାଦ ଥମି ନଥିବା ବେଳେ ଆଉ ଏକ ପ୍ରତିଷ୍ଠିତ ସରକାରୀ କଲେଜରୁ ଆସିଛି ସମାନ ଅଭିଯୋଗ । ବାରିପଦାର ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପଚାଶରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗତକାଲି କଲେଜରୁ ଚାଲି ଚାଲି ଯାଇ ଏ ସମ୍ପର୍କରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କର ପରୀକ୍ଷା ଠିକ୍ ସମୟରେ ହେଉନି। ପରୀକ୍ଷା ସରିବାର ୮ ମାସ ପରେ ବି ଫଳ ପ୍ରକାଶ ପାଉନି। ଏନେଇ ସେମାନେ ପ୍ରିନ୍ସିପାଲଙ୍କୁ ଜଣାଇବା ପରେ ମଧ୍ୟ କୈଣସି ସୁଫଳ ମିଳୁନାହିଁ । ବରଂ ବିଭାଗୀୟ ମୁଖ୍ୟମାନେ ଛାତ୍ରଛାତ୍ରୀଙ୍କୁ ଧମକ ଦେଉଛନ୍ତି ।

## ବିପିଏନ୍‌ଏସ୍‌ଆଇ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର ଦାବି

### ମୁଖ୍ୟମନ୍ତ୍ରୀଙ୍କ ସମେତ ବରିଷ୍ଠ ପଦାଧିକାରୀଙ୍କୁ ପ୍ରଫୁଲ୍ଲ ଘଡ଼ାଇଙ୍କ ଚିଠି



**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଗତ ୨୦୦୧ରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ) ଭଳି ଜାତୀୟ ସ୍ତରୀୟ ସଂସ୍ଥା ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ୨୦୦୪ ଫେବୃୟାରୀ ୨୮ ତାରିଖରେ ଏହା କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରି ପୁରୀଠାରେ କାର୍ଯ୍ୟକ୍ଷମ ହୋଇଥିଲା। ଏଠାରୁ ପ୍ରତିବର୍ଷ ଦେଶ ତଥା ରାଜ୍ୟର ଶିକ୍ଷିତ ଯୁବକଯୁବତୀ ଏବଂ ବିଭିନ୍ନ ଇସ୍ପାତ କାରଖାନାର କର୍ମଚାରୀ ଦକ୍ଷତା ବିକାଶ ଟ୍ରେନିଂ ନେଇ ରାଜ୍ୟ ତଥା ଦେଶରେ ଇସ୍ପାତ ଉତ୍ପାଦନରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି। ଓଡ଼ିଶା ଏବେ ଦେଶରେ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ବେଳେ ଯାଜପୁର ଜିଲ୍ଲା କଳିଙ୍ଗନଗର ଦେଶର ଷ୍ଟିଲ୍ ହବ୍ ଭାବେ ପରିଚିତ ଲାଭ କରିଛି। ଏହା ରାଜ୍ୟରେ ଇସ୍ପାତ ଓ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାଣର ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇସାରିଛି। କାରଣ ଏଠାରେ ଟାଟା, ଭିସା, ମେସ୍କୋ, ଇମ୍ଫା ଏବଂ ଜିନ୍ଦଲ ଭଳି ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ପ୍ରକଳ୍ପ ପ୍ରତିଷ୍ଠା କରିବା ସହ ଅନେକ ଛୋଟ ବଡ଼ ଶିଳ୍ପ ସଂସ୍ଥା ମଧ୍ୟ କାରଖାନା ସ୍ଥାପନ କରିଛନ୍ତି। ତେଣୁ କଳିଙ୍ଗନଗରର ଗୁରୁତ୍ୱକୁ ଉପଲବ୍ଧି କରି ଗତ ୨୦୨୧ ମାର୍ଚ୍ଚରେ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ବିପିଆଇଏସ୍‌ଆଇ)କୁ ପୁରୀରୁ କଳିଙ୍ଗନଗରକୁ ସ୍ଥାନାନ୍ତର କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପାଇବା ପରେ ରାଜ୍ୟ ସରକାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇଡକୋ ଦ୍ୱାରା ଏକ ଗୃହ ପ୍ରଦାନ କରିବା ପରେ ସେଠାରେ ଏହି ଜାତୀୟ ସଂସ୍ଥା ନିଜର କାର୍ଯ୍ୟ ଚାଲୁ ରଖିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କଳିଙ୍ଗନଗରଠାରେ ଏହାର ମୁଖ୍ୟ କ୍ୟାମ୍ପସ ନିର୍ମାଣ କରିବା ପାଇଁ ୨୫ ଏକର ଜମି ଏବଂ ଏହାର ସିଟି ସେଣ୍ଟର ନିର୍ମାଣ ପାଇଁ ଭୁବନେଶ୍ୱରର ବାଲିଅନ୍ତାଠାରେ ୫ ଏକର ସରକାରୀ ଜମି ପ୍ରଦାନ କରିଛନ୍ତି। ମାତ୍ର ନିକଟରେ କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ବିପିଏନ୍‌ଏସ୍‌ଆଇକୁ କଳିଙ୍ଗନଗରରୁ ରାଉରକେଲାକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ସରକାର ସ୍ଥାନୀୟ ଜନତାଙ୍କ ଭାବନାକୁ ଆଘାତ ଦେବା ସହ କଳିଙ୍ଗନଗରର ଗୁରୁତ୍ୱକୁ ଅଣଦେଖା କରିଛନ୍ତି। ତେଣୁ ଏହି ପ୍ରତିଷ୍ଠାନକୁ ସ୍ଥାନାନ୍ତର ନିଷ୍ପତ୍ତିକୁ ବାତିଲ୍ କରିବା ସହ ରାଜ୍ୟ ସରକାର ଆବଶ୍ୟକୀୟ ଅର୍ଥ ପ୍ରଦାନ କରି କଳିଙ୍ଗନଗରଠାରେ ଏହାର ଭିତ୍ତିଭୂମି ବିକାଶ କରିବା ସକାଶେ ପୂର୍ବତନ ଅର୍ଥ ମନ୍ତ୍ରୀ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କେନ୍ଦ୍ର ଇସ୍ପାତ ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଏ ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରିଛନ୍ତି।

## ରୋଗୀଙ୍କୁ ନୂଆ ଜୀବନ ଦେଲା ସୁନ୍ଦରଗଡ଼ ମେଡିକାଲ୍ କଲେଜ



- କୃତଜ୍ଞତା ଜଣାଇଲେ ପରିବାରବର୍ଗ
- ଗୁରୁତର ଅବସ୍ଥାରେ ହୋଇଥିଲେ ଭର୍ତ୍ତି
- ଅପରେସନ୍ ପରେ ସୁସ୍ଥ ହେଉଛନ୍ତି

**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲ ସର୍ଜରୀ ବିଭାଗଙ୍କ ସମୟୋଚିତ ଓ ସଠିକ୍ ଚିକିତ୍ସା ହେତୁ ଜଣେ ଅତି ଗୁରୁତର ରୋଗୀ ନୂଆ ଜୀବନ ପାଇଛନ୍ତି। ବିଭାଗର ତ୍ୱରିତ ଓ ଉଚ୍ଚମାନର ସେବା ପାଇଁ ରୋଗୀଙ୍କ ପରିବାରବର୍ଗ ଅପରେସନ ଦାୟିତ୍ୱ ନେଇଥିବା ଟିମ୍, ଡାକ୍ତର, ଷ୍ଟାଫ୍ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

ମିଳିଥିବା ସୂଚନାନୁସାରେ, ଗତ ୧୬ ତାରିଖ ରାତି ପ୍ରାୟ ୯ଟା ସମୟରେ କିଞ୍ଜିରିକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ଗୁରୁତର ଅବସ୍ଥାରେ ପହଞ୍ଚିଥିଲେ। ତାଙ୍କ ତଳିପେଟରେ ଛୁରୀରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଚିକିତ୍ସା ଯୋଗାଇଦିଆଯାଇଥିଲା। ପରେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଛୁରୀ ଆଘାତରେ ତାଙ୍କ ଅନ୍ତନଳୀର କିଛି ଅଂଶ ବାହାରକୁ ଚାଲିଆସଥିଲା। ଗତ ୧୭ ତାରିଖରେ ସେ ସୁନ୍ଦରଗଡ଼ ମେଡିକାଲ୍‌କୁ ଆସିଥିବା ବେଳେ ତୁରନ୍ତ ପରୀକ୍ଷାନିରୀକ୍ଷା କରାଯାଇ ଉକ୍ତ ଦିନ ହିଁ ଅପରେସନ ଯୋଜନା କରାଯାଇଥିଲା। କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ତୁରନ୍ତ ବିଶେଷଜ୍ଞ ସର୍ଜରୀ ଟିମ୍ ଗଠନ କରାଯାଇଥିଲା, ଯେଉଁଥିରେ ଆସୋସିଏଟ ପ୍ରଫେସର ଡା. ରବି ନାରାୟଣ ଗୁରୁ, ସହକାରୀ ପ୍ରଫେସର ଡା. ଅରବିନ୍ଦ ଝା, ବରିଷ୍ଠ ଆବାସିକ ଡାକ୍ତର ଅଭିଜିତ, ନିଶ୍ଚେତକ ଡା. ମିନାକ୍ଷୀ ପାଣ୍ଡେଙ୍କୁ ସ୍ଥାନ ଦିଆଯାଇଥିଲା। ପ୍ରଫେସର ପିକେ ଦଳେଇ ଓ ଅତିରିକ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସର୍ଜରୀ ଯୋଜନା ପ୍ରସ୍ତୁତ ହୋଇଥିଲା। ପାଖାପାଖି ୨ ଘଣ୍ଟା ଧରି ଅପରେସନ୍ ଚାଲିଥିଲା ଓ ଶେଷରେ ଏହା ସଫଳ ହେବାରୁ ରୋଗୀ ଜଣଙ୍କ ନୂଆ ଜୀବନ ପାଇଥିଲେ। ଏବେ ସେ ୱାର୍ଡରେ ଅଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଡାକ୍ତରମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ମଧ୍ୟ କ୍ରମଶଃ ସୁଧାର ଆସୁଥିବା ଡାକ୍ତର କହିଛନ୍ତି। ଏ ନେଇ ପ୍ରଫେସର ପାଢ଼ୀ କହିଛନ୍ତି ଯେ ସମ୍ପୃକ୍ତ ରୋଗୀଙ୍କୁ ସପ୍ତାହକ ଭିତରେ ଡିସ୍‌ଚାର୍ଜ କରାଯିବ ଓ ଏହାର ୭ ଦିନ ପରେ ଅବସ୍ଥାରେ ପୁନଃ ନିରୀକ୍ଷଣ କରାଯିବ। ଅର୍ଥାତ୍

## ୨୧ରୁ ରାଜଧାନୀରେ ଏନ୍‌ଏଚ୍‌ଆର୍‌ସିଙ୍କ ଶିବିର

### ରାଜ୍ୟରେ ବିଚାରାଧୀନ ମାମଲାଗୁଡ଼ିକର ଶୁଣାଣି କରିବେ

**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ମାନବାଧିକାର ଉଲ୍ଲଂଘନ ଅଭିଯୋଗ ମାମଲାଗୁଡ଼ିକର ଶୁଣାଣି ପାଇଁ ଦେଶର ଜାତୀୟ ମାନବାଧିକାର କମିଶନ (ଏନଏଚଆରସିଙ୍କ ପକ୍ଷରୁ ଆସନ୍ତା ୨୧ରୁ ଏକ ଦୁଇଦିନିଆ ଶିବିର ଏଠାରେ ଆୟୋଜିତ ହେବ। କମିଶନ୍ ଅଧ୍ୟକ୍ଷ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ ଓ ସଦସ୍ୟ ଜଷ୍ଟିସ୍ (ଡ.) ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ବିଜୟା ଭାରତୀ ସାୟାନି ଓ ପ୍ରିୟଙ୍କ କାନୁନଗୋ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୦ଟାରୁ ରାଜ୍ୟ ଅତିଥି ଭବନରେ ମାମଲାଗୁଡ଼ିକର ଶୁଣାଣି କରିବେ। କମିଶନ୍ ମହାସଚିବ ଭାରତ ଲାଲ, ରେଜିଷ୍ଟ୍ରାର ଜୋଗିନ୍ଦର ସିଂହ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଶିବିର ବୈଠକ ଓ ଖୋଲା ଶୁଣାଣିରେ ଯୋଗଦେବେ। ମାମଲାଗୁଡ଼ିକର ଶୁଣାଣି ବ୍ୟତୀତ ମାନବାଧିକାର ଉଲ୍ଲଂଘନର ପୀଡିତ ଓ ପୀଡ଼ିତାମାନଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରି ମାନବାଧିକାର ଉପରେ କର୍ତ୍ତୃପକ୍ଷଙ୍କୁ ସଚେତନ କରିବା ଶିବିରର ଲକ୍ଷ୍ୟ। କମିଶନ ନାଗରିକ ସମାଜ ସଂଗଠନ, ଏନଜିଓ ଓ ମାନବାଧିକାର ରକ୍ଷାକାରୀ (ଏଚଆରଡି) ପ୍ରତିନିଧିମାନଙ୍କ ସହ ମଧ୍ୟ ଆଲୋଚନା କରିବେ। ଏହି ମାମଲାଗୁଡ଼ିକର ଶୁଣାଣିରେ ରାଜ୍ୟ ଅଧିକାରୀ ଓ ସମ୍ପୃକ୍ତ ଅଭିଯୋଗକାରୀମାନଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି, ଯାହାଦ୍ୱାରା ଘଟଣାସ୍ଥଳରେ ତୁରନ୍ତ ବିଚାର ସହ ନିଷ୍ପତ୍ତି ନିଆଯାଇପାରିବ। ଶୁଣାଣି ହେବାକୁ ଥିବା ମାମଲାଗୁଡ଼ିକ ମଧ୍ୟରେ ସାମ୍ପ୍ରଦିକ, ମାନବାଧିକାର ରକ୍ଷାକାରୀ (ଏଚଆରଡି) ଏବଂ ସେମାନଙ୍କ ପରିବାର ଉପରେ ହେଉଥିବା ଆକ୍ରମଣ; ମହିଳା ବିରୋଧୀ ଅପରାଧ; ପୋକସୋ ସମେତ ନାବାଳକ ଅପରାଧ; ସାପ କାମୁଡ଼ା ଏବଂ ଚିକିତ୍ସା ସହାୟତା ଅଭାବରୁ ମୃତ୍ୟୁ; ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୫ରୁ ଅଧିକ ପରିବାର ସମ୍ମୁଖୀନ ହେଉଥିବା ବନ୍ୟା ସମସ୍ୟା; କଳାଯାଦୁ ଓ ଗୁଣିଗାରେଡ଼ି ଆଦି ଅଭିଯୋଗ ଯୋଗୁଁ ମାନବାଧିକାର ଉଲ୍ଲଂଘନ ଏବଂ କୋଭିଡ୍-୧୯ ସମୟରେ କନ୍ୟା ସନ୍ତାନ ଚାଲାଣ ଆଦି ଅନ୍ତର୍ଭୁକ୍ତ।

## ଶଙ୍ଖ ଛାଡ଼ି ପଦ୍ମ ଧରିଲେ ଇଂ.ଦୀନେଶ ରାଉତ



**ଭବାନୀପାଟଣା,୧୯।୭ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ବିଜେଡିକୁ ଶକ୍ତ ଝଟ୍‌କା ଲାଗିଛି। ଶନିବାର ଶଙ୍ଖ ଛାଡି ପଦ୍ମ ଧରିଛନ୍ତି ସ୍ଥାନୀୟ ବୃନ୍ଦାବାହାଲ ସରପଞ୍ଚ ତଥା ଅଞ୍ଚଳର ଟାଣୁଆ ନେତା ଇଂ.ଦୀନେଶ ରାଉତ। ଭବାନୀପାଟଣା ଟାଉନ ହଲଠାରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦିନେଶଙ୍କ ନେତୃତ୍ୱରେ ପଞ୍ଚାୟତର ସମିତିସଭ୍ୟ ଗୋରେଖ ବିଶି, ସମସ୍ତ ୱାର୍ଡ ମେମ୍ବରଙ୍କ ସମେତ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଭାଜପାର ସାମିଲ ହୋଇଛନ୍ତି। ଗୋଲାମୁଣ୍ଡା ବ୍ଲକରେ ଦିନେଶ ବିଜେଡିର ଜଣେ ଆଗ ଧାଡି ନେତା ରହିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ମଧ୍ୟ ରହିଥିଲେ। ଏପରିକି ବ୍ଲକରେ ସ୍ଥାନୀୟ ବିଧାୟକଙ୍କ ସବୁଠୁ ବିଶ୍ୱସ୍ତ ଅନୁଗତ ମଧ୍ୟ ରହିଥିଲେ। ହେଲେ ବିଧାୟକଙ୍କ କାର୍ଯ୍ୟରେ ଅସନ୍ତୋଷ ହୋଇ ସେ ବିଜେଡି ଛାଡି ଥିବା ପ୍ରକାଶ କରିଛନ୍ତି।

### ନିବନ୍ଧନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଓ କର୍ମଶାଳା ଉଦ୍‌ଘାଟିତ

# ଉତ୍ତରଦାୟିତ୍ୱ ସହ ସ୍ୱଚ୍ଛ ପଞ୍ଜିକରଣକୁ ଗୁରୁତ୍ୱ



**ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ):** ସରକାର ରାଜ୍ୟରେ ପଞ୍ଜିକରଣ ବ୍ୟବସ୍ଥାରେ ପ୍ରଯୁକ୍ତି ବିଦ୍ୟା, ପ୍ରଣାଳୀଗତ ପ୍ରକ୍ରିୟାର ପୁନର୍ଗଠନ ଓ ସେବା ପ୍ରଦାନ ପଦ୍ଧତିରେ ଆନ୍ତରିକତା ଓ ସ୍ୱଚ୍ଛତାର ସହ ଏକ ଉତ୍ତମ ରାଜସ୍ୱ ପ୍ରଶାସନର ଯୁଗ ଆରମ୍ଭ କରିଛନ୍ତି। ପୂର୍ବରୁ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ପଞ୍ଜିକରଣ ପାଇଁ ଆସୁଥିବା ସାଧାରଣ ଲୋକଙ୍କ ପ୍ରତିକ୍ରିୟା ସନ୍ତୋଷଜନକ ନଥିଲା ଓ ମିଳୁଥିବା ସେବାର ଗୁଣବତ୍ତା ନେଇ ସେମାନେ ନିରାଶ ହେଉଥିଲେ। ତେଣୁ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସଂସ୍କାର ଓ ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହେଲା। ବର୍ତ୍ତମାନର ବ୍ୟବସ୍ଥା ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରିଛି। ପରିବର୍ତ୍ତନ ଉପରେ ଆଧାରିତ ନିବନ୍ଧନ ବ୍ୟବସ୍ଥା ସାଧାରଣ ଜନତାଙ୍କ ମତାମତ ଦୃଷ୍ଟିକୋଣରୁ ସନ୍ତୋଷଜନକ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆୟୋଜିତ ନିବନ୍ଧନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଓ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ରାଜ୍ୟର ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକ, ଉପନିବନ୍ଧକମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଲୋକଙ୍କ ସରକାରର ପ୍ରୟାସ ହେଉଛି ଜନସାଧାରଣଙ୍କୁ ସୁଶାସନ ଯୋଗାଇବା। ଏପରି ସ୍ଥିତିରେ ରାଜସ୍ୱ ଅଧିକାରୀମାନେ ମୌଳିକ ସେବା ଯୋଗାଇବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବା ଦରକାର। ସମ୍ପ୍ରତି ରାଜ୍ୟରେ ସମସ୍ତ ପଞ୍ଜୀକରଣ କାର୍ଯ୍ୟ ଅନ୍‌ଲାଇନରେ କରାଯାଉଛି। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଫିଡ୍‌ବ୍ୟାକ ନିଆଯାଉଛି। ସାରା ରାଜ୍ୟରେ ନିବନ୍ଧନ କାର୍ଯ୍ୟରେ ଜନସାଧାରଣ ୮୮ ପ୍ରତିଶତ ଅନୁକୂଳ ମତ ଦେଇଥିବା ବେଳେ ମାତ୍ର ୧୨ ପ୍ରତିଶତ ନକାରାତ୍ମକ ମତ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲା ମଧ୍ୟରୁ ପଞ୍ଜୀକରଣ କାର୍ଯ୍ୟରେ ଦେବଗଡ଼ ଓ ସୁବର୍ଣ୍ଣପୁରରେ ଜନସାଧାରଣଙ୍କ ଫିଡ୍‌ବ୍ୟାକ ଆଧାରରେ ସନ୍ତୋଷ ହାର ଶତପ୍ରତିଶତ ଥିବା ବେଳେ ବୌଦ୍ଧ, ସୁନ୍ଦରଗଡ଼, ନୟାଗଡ଼. ନବରଙ୍ଗପୁର, କଳାହାଣ୍ଡି, ଢେଙ୍କାନାଳ, ଜଗତସିଂହପୁର, ଝାରସୁଗୁଡା, ସମ୍ବଲପୁର ଓ କେନ୍ଦ୍ରାପଡାରେ ଏହି ହାର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ରହିଛି। କିନ୍ତୁ ଆମକୁ ଆଗାମୀ ଦିନରେ ସମସ୍ତ ଜିଲ୍ଲାର ଜନସାଧାରଣଙ୍କୁ ଶତପ୍ରତିଶତ ସନ୍ତୋଷଜନକ ସେବା ଯୋଗାଇଦେବାକୁ ପଡ଼ିବ। ଜିଲ୍ଲାର ରେଜିଷ୍ଟ୍ରାରମାନେ ଏସବୁ କାର୍ଯ୍ୟର ସଠିକ ତଦାରଖ କରିବା ଉଚିତ। ସମସ୍ତ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର କମ୍ପ୍ୟୁଟରୀକରଣ କରାଯିବ ଓ ସେସବୁକୁ ପଦୋନ୍ନତି ସମୟରେ ଗୁରୁତ୍ୱ ଦିଆଯିବ। ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଅବହେଳା ଓ ଅନିୟମିତତାକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଉଦ୍ଦେଶ୍ୟମୂଳକ ଭାବେ ଆଇନ ବହିର୍ଭୂତ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଚେତାବନୀ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୃହ ନିର୍ମାଣ, ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଲୋକଙ୍କ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ, ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପବଦ୍ଧ। ରାଜସ୍ୱ ଅଧିକାରୀମାନେ ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ଦୂର କରି ଶାସନର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ବ୍ରତୀ ହେବା ଉଚିତ। ସରକାର ଏବେ ସବ୍-ପ୍ଲଟ୍ ରେଜିଷ୍ଟ୍ରେସନ୍ ପାଇଁ ନୂଆ ନିୟମ ଆଣିଛନ୍ତି। ସେହିପରି ରେରା ପ୍ରତିଷ୍ଠା ହେବା ପୂର୍ବରୁ ପ୍ରତିଷ୍ଠିତ ଆପାର୍ଟମେଣ୍ଟ ପଞ୍ଜିକରଣ କ୍ଷେତ୍ରରେ ଯେଉଁ ଅସୁବିଧା ଥିଲା, ସେସବୁ ଦୂର କରାଯାଉଛି। ଆମେ ଲୋକମାନଙ୍କ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେବା ଦରକାର। ଆଇନର ପରିଧିରେ ରହି ଆମକୁ ପଞ୍ଜିକରଣ ସେବାକୁ ସୁଦୂରପ୍ରସାରୀ କରିବାକୁ ପଡ଼ିବ ବୋଲି ଡଃ ମହାପାତ୍ର କହିଛନ୍ତି। ପ୍ରାରମ୍ଭରେ ମହାନିବନ୍ଧକ ସୁବ୍ରତ ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ ଆଜି ପଞ୍ଜିକରଣ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇପାରିଥିବା ବେଳେ ଆମକୁ ଜନସାଧାରଣଙ୍କ ସେବାକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଛନ୍ତି। ପରିଶେଷରେ ବିଭାଗୀୟ ଅତିରିକ୍ତ ସଚିବ ଦିଗନ୍ତ ରାଉତରାୟ ଧନ୍ୟବାଦ ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଏମ୍‌ଏସ୍‌ଏମ୍‌ଇକୁ ଷ୍ଟାମ୍ପ ଡ୍ୟୁଟି ଛାଡ଼

# ପ୍ରକ୍ରିୟା ସରଳ, ସମୟ କମିଲା

**ଭୁବନେଶ୍ୱର, ୧୯।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ପକ୍ଷରୁ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି ୨୦୨୨ ଅଧୀନରେ ଷ୍ଟାମ୍ପ ଡ୍ୟୁଟି ଛାଡ଼ ଓ ଫେରସ୍ତ ପାଇଁ ରହିଥିବା ପରିଚାଳନା ମାର୍ଗଦର୍ଶିକାରେ ସଂଶୋଧନ କରାଯାଇଛି। ଉଦ୍ୟୋଗୀମାନଙ୍କ ପାଇଁ ଶିଳ୍ପ ସ୍ଥାପନକୁ ସରଳ ଓ ସୁଗମ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ସଂଶୋଧିତ ମାର୍ଗଦର୍ଶିକା ଅନୁସାରେ କାରଖାନା ଓ ମେସିନ୍‌ରେ ହୋଇଥିବା ନିବେଶ ଯଦି ୧୦ କୋଟି ଟଙ୍କା ମଧ୍ୟରେ ରହିଥିବ, ତେବେ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି)ର ମହାପ୍ରବନ୍ଧକ ପ୍ରକଳ୍ପକୁ କେତେ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରାଯିବ ତାହାର ନିଷ୍ପତ୍ତି ନେଇପାରିବେ ଏବଂ ଇଡ୍‌କୋ କିମ୍ବା ଅନ୍ୟ ଯେକୌଣସି ସଂସ୍ଥା ସହ ହୋଇଥିବା ବିକ୍ରି ରାଜିନାମା (ସେଲ୍ ଡିଡ୍)ରେ ତାହା



ଉଲ୍ଲେଖ କରିପାରିବେ। ତିନି ଦିନ ମଧ୍ୟରେ ସେ ଏହି କାର୍ଯ୍ୟ କରିବେ ବୋଲି ବିଭାଗ ଉଲ୍ଲେଖ କରିଛି। ତେବେ, କାରଖାନା ଓ ମେସିନ୍‌ରେ ହୋଇଥିବା ନିବେଶ ଯଦି ୧୦ କୋଟି ଟଙ୍କାରୁ ଅଧିକ, କିନ୍ତୁ ୫୦ କୋଟି ଟଙ୍କାରୁ କମ୍ ହୋଇଥିବ, ସେଭଳି ସ୍ଥଳରେ ଡିଆଇସି ମହାପ୍ରବନ୍ଧକ ସେଲ୍ ଡିଡ୍‌କୁ ଶିଳ୍ପ ନିର୍ଦ୍ଦେଶକଙ୍କ ପାଖକୁ ପଠାଇବେ। ସେହି ପ୍ରସ୍ତାବକୁ ଶିଳ୍ପ ନିର୍ଦ୍ଦେଶକ ଯାଞ୍ଚ କରିବେ ଏବଂ ଯଦି ସେଥିରେ ସନ୍ତୁଷ୍ଟ ହେବେ ତେବେ ସେଲ୍ ଡିଡ୍‌ରେ ସ୍ୱାକ୍ଷର କରି ତାହାକୁ ସେ ଡିଆଇସି ମହାପ୍ରବନ୍ଧକଙ୍କ ପାଖକୁ ପଠାଇଦେବେ। ସଂଶୋଧିତ ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଛି ଯେ ଯେଉଁ ସଂସ୍ଥାଗୁଡ଼ିକ ଏକକାଳୀନ ଷ୍ଟାମ୍ପ ଡ୍ୟୁଟି ଦାଖଲ କରିବାକୁ ପସନ୍ଦ କରିବେ, ସେମାନଙ୍କୁ କେବଳ ଷ୍ଟାମ୍ପ ଡ୍ୟୁଟି ଫେରସ୍ତ ସୁବିଧା ମିଳିବ। ଶିଳ୍ପ ସଂସ୍ଥା ଆବେଦନ କରିବାର ୩୦ ଦିନ ଭିତରେ ଡିଆଇସି ମହାପ୍ରବନ୍ଧକ ଷ୍ଟାମ୍ପ ଡ୍ୟୁଟି ଫେରସ୍ତ ସୁବିଧା ପ୍ରଦାନ କରିବେ। ଆବେଦନ ମଞ୍ଜୁର ହେବା ୧୫ ଦିନରେ ଡିଆଇସି ମହାପ୍ରବନ୍ଧକ ଷ୍ଟାମ୍ପ ଡ୍ୟୁଟି ଫେରସ୍ତ ରାଶିକୁ ଶିଳ୍ପ ସଂସ୍ଥା ବ୍ୟାଙ୍କ ଖାତାରେ ଜମା କରିବେ। ଏ ସମ୍ପର୍କରେ ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ୍ ଆଣ୍ଡ୍ ମିଡିୟମ୍ ଏଣ୍ଟରପ୍ରାଇଜେସ୍‌ର ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି ଯେ ଏକ ଶିଳ୍ପ ସ୍ଥାପନ କରିବା ଲାଗି ସମୟ ଲାଗିଥାଏ। ସମୟ କିଭଳି କମ୍ ହୋଇପାରିବ ସେଥିପାଇଁ ପଦକ୍ଷେପ ନେବାକୁ ଆମେ ସରକାରଙ୍କୁ ଅନୁରୋଧ କରିଥିଲୁ। ପରିଚାଳନା ମାର୍ଗଦର୍ଶିକାରେ ସଂଶୋଧନ କରି ସେହି ସମୟକୁ କମ୍ କରାଯାଇଛି। ସେଥିପାଇଁ ଆମେ ସରକାରଙ୍କୁ କୃତଜ୍ଞତା ଜଣାଇବାକୁ ଚାହୁଁଛୁ। ଷ୍ଟାମ୍ପ ଡ୍ୟୁଟି ଛାଡ଼ ଓ ଫେରସ୍ତ ଆବେଦନ ପ୍ରକ୍ରିୟାରେ ଗୋଟିଏ ସୋପାନ କମ କରିବାକୁ ଚାରି ପାଞ୍ଚ ମାସ ପୂର୍ବେ ଓସ୍‌ମି ପକ୍ଷରୁ ସରକାରଙ୍କୁ କୁହାଯାଇଥିଲା। ପୂର୍ବରୁ ଏଥିପାଇଁ ଡିଆଇସି ସ୍ତରରେ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହା ଦୂର ହୋଇଥିବା ସେ କହିଛନ୍ତି।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଲାଭ ୭୬.୫% ବୃଦ୍ଧି




ଭୁବନେଶ୍ୱର, ୧୯।୭: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏହାର ପ୍ରଥମ ତ୍ରୟମାସିକ ଫଳାଫଳ ପ୍ରକାଶ କରିଛି । ପୂର୍ବବର୍ଷ ତୁଳନାରେ ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୟମାସରେ କମ୍ପାନିର ଲାଭ ୭୬.୫% ବଢ଼ିଛି । ନେଟ୍ ଲାଭ ରହିଛି ରେକର୍ଡ ୩୦୭୮୩ କୋଟି ଟଙ୍କା । କମ୍ପାନିର ମୋଟ ଆୟ ପୂର୍ବ ବର୍ଷ ସମାନ ତ୍ରୈମାସ ତୁଳନାରେ ୬% ବୃଦ୍ଧି ସହିତ ୨,୭୩,୨୫୨ କୋଟି ଟଙ୍କା ହୋଇଛି । ଜିଓ, ରିଟେଲ ଏବଂ ତୈଳରୁ ରସାୟନ କ୍ଷେତ୍ରରେ ଲାଭରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ ହୋଇଛି । ଅନ୍ୟାନ୍ୟ ଆୟ ମଧ୍ୟରେ ଏସିଆନ ପେଣ୍ଟ୍‌ସରେ ନିବେଶର ବିକ୍ରିରୁ ୮୯୨୪ କୋଟି ଟଙ୍କା ହାସଲ ହୋଇଛି। ଜିଓ ପ୍ଲାଟଫର୍ମସ ଲିମିଟେଡ୍‌ର ପ୍ରଥମ ତ୍ରୈମାସିକ ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ୨୫% ବୃଦ୍ଧି ପାଇ ୭୧୧୦ କୋଟି ଟଙ୍କା ହୋଇଛି। ଜିଓ ପ୍ଲାଟ୍‌ଫର୍ମସର ତ୍ରୈମାସିକ ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୮.୮% ବୃଦ୍ଧି ପାଇ ୪୧୦୫୪ କୋଟି ଟଙ୍କା ହୋଇଛି। ଏହି ତ୍ରୈମାସରେ ୯୯ ଲକ୍ଷ ଗ୍ରାହକ ଯୋଡ଼ିବା ସହିତ ଜିଓ ଉପଭୋକ୍ତାଙ୍କ ମୋଟ ସଂଖ୍ୟା ୪୯.୮୧ କୋଟିରେ ପହଞ୍ଚିଛି।

**ନେଟ୍ ଲାଭ ରେକର୍ଡ ୩୦୭୮୩ କୋଟି ଟଙ୍କା**

## ବିକ୍ରି ହେଲା ଭିଆଇପି ସୁଟକେଶ କମ୍ପାନୀର ୩୨% ଶେୟାର

ନୂଆଦିଲ୍ଲୀ, ୧୯।୭: ଭାରତର ସର୍ବବୃହତ ଲଗେଜ୍ କମ୍ପାନୀ ଭିଆଇପି ଇଣ୍ଡଷ୍ଟ୍ରିଜ୍‌ର ଚେୟାର ମ୍ୟାନ୍ ଦିଲୀପ ପିରାମଲ୍ କମ୍ପାନୀରେ ତାଙ୍କର ୩୨% ଅଂଶଧନ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଂଶଧନକୁ ପ୍ରାଇଭେଟ୍ ଇକ୍ୱିଟି ଫାର୍ମ ମଲ୍ଟିପଲ୍ସ ଏବଂ ଅନ୍ୟାନ୍ୟ ନିବେଶକମାନଙ୍କୁ ୧,୭୬୩ କୋଟି ଟଙ୍କାରେ ବିକ୍ରି କରାଯିବ। ଏନେଇ ଖୋଦ ପିରାମଲ ସୂଚନା ଦେଇଛନ୍ତି। ପିରାମଲ କହିଛନ୍ତି ଯେ ତାଙ୍କ ପରବର୍ତ୍ତୀ ପିଢ଼ି ବ୍ୟବସାୟ ଚଳାଇବାକୁ ଆଗ୍ରହୀ ନୁହଁନ୍ତି। ତେଣୁ ସେ ଏହି ପଦକ୍ଷେପ ନେଇଛନ୍ତି। ଭିଆଇପି ଇଣ୍ଡଷ୍ଟ୍ରିଜ୍ ୫୩ ବର୍ଷ ଧରି ସୁଟକେସ୍ ଏବଂ ବ୍ୟାଗ୍ ତିଆରି ବ୍ୟବସାୟରେ ରହିଛି। ଦେଶରେ କମ୍ପାନୀର ଭଲ ନାଁ ବି ରହିଛି। କିନ୍ତୁ ଗତ ୫ ବର୍ଷ ଧରି କମ୍ପାନୀର ବଜାର ଅଂଶ କ୍ରମାଗତ ଭାବରେ ହ୍ରାସ ପାଉଛି। କମ୍ପାନୀର ବଜାର ମୂଲ୍ୟ ୬,୮୩୦ କୋଟି ଟଙ୍କାକୁ ଖସି ଆସିଛି। ଦିଲୀପ ପିରାମଲ ୫୩ ବର୍ଷ ଧରି ଭାରତର ସର୍ବବୃହତ ସୁଟକେସ୍ ଏବଂ ବ୍ୟାଗ୍ ବ୍ରାଣ୍ଡ, ଭିଆଇପି ଇଣ୍ଡଷ୍ଟ୍ରିଜର ନେତୃତ୍ୱ ନେଇଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କର ତିନି ଝିଅ - ରାଧିକା, ଅପର୍ଣ୍ଣା ଏବଂ ପ୍ରିୟଦର୍ଶିନୀ ଏହି ବ୍ୟବସାୟରେ ଆଗ୍ରହୀ ନୁହଁନ୍ତି। ଏନେଇ ପିରାମଲ କହିଛନ୍ତି "ଆମର ଏକ ପାରିବାରିକ ବ୍ୟବସାୟ ଅଛି, କିନ୍ତୁ ପରବର୍ତ୍ତୀ ପିଢ଼ି ଏହାକୁ ଚଳାଇବାକୁ ଚାହୁଁ ନାହାଁନ୍ତି। ଏହା ବ୍ୟତୀତ, କମ୍ପାନୀ ଗତ ପାଞ୍ଚ ବର୍ଷ ଧରି ମାର୍କେଟ ଶେୟାର ହରାଉଛନ୍ତି ଏବଂ ଗତ ବର୍ଷର ସମସ୍ତ ଚାରିଟି ତ୍ରୈମାସିକରେ କ୍ଷତି ହୋଇଛି।" ଏନଡିଟିଭି ପ୍ରଫିଟ୍‌କୁ ପ୍ରତିକ୍ରିୟା ଦେଇ ଏପରି କହିଛନ୍ତି ପିରାମଲ। ଏନ୍‌ଡିଟିଭି ପ୍ରଫିଟର ରିପୋର୍ଟ ଅନୁସାରେ, ଭିଆଇପି ଇଣ୍ଡଷ୍ଟ୍ରିଜର ୩୨% ଅଂଶଧନ ମଲ୍ଟିପଲ୍ସ ପ୍ରାଇଭେଟ୍ ଇକ୍ୱିଟି, ଆକାଶ ବଂଶାଲି ଏବଂ କ୍ୟାରେଟଲେନ୍ ପ୍ରତିଷ୍ଠାତା ମିଥୁନ ସଚେତିଙ୍କୁ ୧୭୬୩ କୋଟି ଟଙ୍କାରେ ବିକ୍ରି କରାଯାଉଛି। ସେୟାର ମୂଲ୍ୟ ୩୮୮ ଟଙ୍କା ସ୍ଥିର କରାଯାଇଥିଲା।

## ହିରୋର ନୂଆ 'ଭିଡା ଭିଏକ୍ସ୨'

ଭୁବନେଶ୍ୱର, ୧୯।୭: ହିରୋ ମୋଟୋକର୍ପର ଇଲେକ୍ଟ୍ରିକ୍ ଯାନ ବ୍ରାଣ୍ଡ୍ ଭିଡା ପକ୍ଷରୁ କଟକର ତେଲେଙ୍ଗା ବଜାରରେ ଥିବା ପ୍ରିମିଆ ସୋ'ରୁମ୍ ଓ ଶିଖରପୁରର ଏସେନ୍ ହିରୋରେ ନୂଆ ଭିଡା ଭିଏକ୍ସ୨କୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଏସେନ୍ ଅଟୋମୋବାଇଲ୍‌ସର ତତ୍ତ୍ୱାବଧାୟକ ହେମନ୍ତ କୁମାର ଠକର ଓ ସୌରଭ ଠକର ଏବଂ ଭିଡାର ଟେରିଟୋରି ସେଲ୍ସ ମ୍ୟାନେଜର ଶୁଭ୍ରୋ ବାନାର୍ଜୀ ଓ ଟେରିଟୋରି ସେଲ୍ସ ଅଫିସର ଅମର ଶର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ହେମନ୍ତ କହିଥିଲେ ଯେ ଭିଡା ଭିଏକ୍ସ୨ର ମୁଖ୍ୟ ଆକର୍ଷଣ ହେଉଛି ଏହାର ରିମୁଭେବଲ୍ ବ୍ୟାଟେରି ଓ ବିସ୍ତୃତ ଚାର୍ଜିଂ ନେଟ୍‌ୱର୍କ। ଭିଏକ୍ସ୨ ଗୋ ମଡେଲ୍‌ରେ ଦୁଇଟି ବାହାର କରି ହେଉଥିବା ଲିଥିଅମ୍-ଆୟନ ବ୍ୟାଟେରି ରହିଛି ଯାହାକୁ ଯେକୌଣସି ସ୍ଥାନରେ ଚାର୍ଜ କରିହେବ। ଏହାର ଭିଏକ୍ସ୨ ମଡେଲ୍‌ର ରେଞ୍ଜ ୧୪୨ କିମି, ଭିଏକ୍ସ୨ ଗୋର ୯୨ କିମି ରହିଛି। ଡିସି ଚାର୍ଜରରେ ଏହାର ବ୍ୟାଟେରି ମାତ୍ର ୬୦ ମିନିଟ୍‌ରେ ୦-୮୦ ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ ହୋଇଯିବ। ଏଥିରେ ୪.୩ ଇଞ୍ଚ ଟିଏଫ୍‌ଟି ଡିସ୍‌ପ୍ଲେ, ସ୍ମାର୍ଟଫୋନ୍ ସଂଯୋଗ, ୬ କିଲୋୱାଟ୍‌ର ପିଏମ୍‌ଏସ୍ ମୋଟର୍ ରହିଛି। ବ୍ୟାଟେରି ସର୍ଭିସ୍ ସୁବିଧା ମଧ୍ୟ ଉପଲବ୍ଧ କରାଯାଇଛି। ଭିଡା ଭିଏକ୍ସ୨ ଗୋର ଦାମ୍ ୫୯,୪୯୦ ଟଙ୍କା ଓ ପ୍ଲସ୍‌ର ଦାମ୍ ୬୪,୯୯୦ ଟଙ୍କା ରହିଛି।




## ଏନ୍‌ଏସ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟର 'ଅନ୍ୱେଷା ୨.୦'

ଭୁବନେଶ୍ୱର, ୧୯।୭: ଜାତୀୟ ନମୁନା ସର୍ବେକ୍ଷଣ (ଏନ୍‌ଏସ୍‌ଓ)ର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଏସ୍‌ଏନ୍‌ଏଲ୍ ଭବନରେ କୁଇଜ୍ ପ୍ରତିଯୋଗିତା 'ଅନ୍ୱେଷା ୨.୦' ଆୟୋଜନ କରାଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାର ୨୫ରୁ ଅଧିକ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ କାର୍ଯ୍ୟାଳୟର ଡିଡିଜି ଅନୁପମ ଲାହିରି, ଉତ୍କଳ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ମୁଖ୍ୟ ଡ. ପ୍ରିୟ ରଞ୍ଜନ ଦାଶ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ମୁଖ୍ୟ ଡ. ଅନିମା ବାଭ ଓ ସହକାରୀ ନିର୍ଦ୍ଦେଶକ (ଅବସରପ୍ରାପ୍ତ) ବଂଶୀଧର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବିକାଶ ରଥ ଆତ୍ରେୟ ଓ ସାତ୍ତ୍ୱିକ ରାଉତ କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।




## କେଲ୍‌ଭିନେଟର୍‌କୁ କିଣିଲା ରିଲାଏନ୍ସ

ମୁମ୍ବାଇ, ୧୯।୭: ଦେଶର ସବୁଠୁ ବଡ଼ ଧନୀ ମୁକେଶ ଅମ୍ବାନୀଙ୍କ ଝିଅ ଇଶା ଅମ୍ବାନୀଙ୍କ ଅଧୀନରେ ପରିଚାଳିତ ହେଉଥିବା ରିଲାଏନ୍ସ ରିଟେଲ୍ ଫ୍ରିଜ୍ ଜଗତର ଅନ୍ୟତମ ପରିଚିତ ବ୍ରାଣ୍ଡ୍ କେଲ୍‌ଭିନେଟର୍‌କୁ କିଣିଛି। ଏଥିସହିତ କଞ୍ଜ୍ୟୁମର ଡ୍ୟୁରେବଲ୍ ବଜାରରେ କମ୍ପାନି ଏହାର ସ୍ଥିତିକୁ ଆହୁରି ଦୃଢ଼ କରିପାରିଛି। ତେବେ କେତେ ଟଙ୍କାରେ ଏହି ଡିଲ୍ ହୋଇଛି ତାହା ଘୋଷଣା କରାଯାଇନାହିଁ। ଏ ସମ୍ପର୍କରେ ଇଶା କହିଛନ୍ତି ଯେ କେଲଭିନେଟର୍‌କୁ ଆମେ ପୁଣି ଥରେ ଲୋକପ୍ରିୟ କରିବୁ। ଏହି ଅଧିଗ୍ରହଣ ଜରିଆରେ ଆମେ ଦେଶର ଘରେ ଘରେ ବିଶ୍ୱସ୍ତରୀୟ ନବସୃଜନ ପହଞ୍ଚାଇବୁ। ୧୯୬୩ରେ କେଲ୍‌ଭିନେଟର୍ ଭାରତରେ ପ୍ରବେଶ କରିଥିଲା। ୧୯୭୦-୮୦ ବେଳକୁ ଗୋଦରେଜ୍ ଓ ଆଲ୍‌ଭିନ୍ ଭଳି ସଂସ୍ଥା ସହଯୋଗରେ ଏହା ରେଫ୍ରିଜରେଟର୍ ବଜାରରେ ଅଗ୍ରଣୀ ସ୍ଥାନ ହାସଲ କରିଥିଲା। କିନ୍ତୁ ନବେ ଦଶକରେ ଉଦାରୀକରଣ ପରେ ଏଲ୍‌ଜି ଓ ସାମସଙ୍ଗ୍ ଭଳି ବ୍ରାଣ୍ଡ୍ ଭାରତ ଆସିବା ପରେ କେଲ୍‌ଭିନେଟର୍ ଧୀରେ ଧୀରେ ଚମକ ହରାଇଥିଲା। ଏହା ପରେ ଇଲେକ୍ଟ୍ରୋଲକ୍ସଠାରୁ ଆରମ୍ଭ କରି ହ୍ୱିର୍ଲପୁଲ୍ ପର୍ଯ୍ୟନ୍ତ ବିଭିନ୍ନ ସଂସ୍ଥାର ମାଲିକାନାରେ ତାହା ପରିଚାଳିତ ହୋଇଥିଲା। ଫଳରେ ଏହାର ଚମକ ଆହୁରି ଫିକା ହୋଇଥିଲା। କିନ୍ତୁ ସତୁରି ଓ ଅଶି ଦଶକରେ ଏହା ହେଉଛି ଲୋକପ୍ରିୟତା ହାସଲ କରିଥିଲା ତାହା ଏବେବି ଅନେକ ବ୍ରାଣ୍ଡ୍ ପାଇଁ ଆକାଂକ୍ଷା ହୋଇରହିଛି।



## ଭିଏତଜେଟ୍ ଏୟାରର ଜବରଦସ୍ତ ଫେଷ୍ଟିଭ୍ ଅଫର୍

# ମାତ୍ର ୧୧ ଟଙ୍କାରେ ଭାରତରୁ ଭିଏତନାମ ଯାତ୍ରା

ନୂଆଦିଲ୍ଲୀ, ୧୯।୭: ବିମାନରେ ଉଡ଼ିବା ପାଇଁ ସମସ୍ତଙ୍କର ସ୍ୱପ୍ନ ଥାଏ। ଖାସ୍ କରି ଭାରତ ଭଳି ଦେଶର କୋଟି କୋଟି ଲୋକ ବିମାନ ଯାତ୍ରା କରିବାକୁ ବହୁତ ପସନ୍ଦ କରନ୍ତି। କିନ୍ତୁ ଫ୍ଲାଇଟ୍ ଟିକେଟ୍ ଦାମ ଅଧିକ ଥିବାରୁ କିଛି ଯାତ୍ରୀ ବାହାର ଦେଶକୁ ଯିବାର ସ୍ୱପ୍ନକୁ ଭୁଲି ଯାଆନ୍ତି। ଯଦି ଆପଣ ବିଦେଶ ଯିବାକୁ ଚାହୁଁଛନ୍ତି ଆଉ ଆପଣଙ୍କ ବଜେଟ୍ କମ୍ ଅଛି ତେବେ ଏହି ଖବର ଖାସ୍ ଆପଣଙ୍କ ପାଇଁ। ଆପଣଙ୍କ ସ୍ୱପ୍ନ ସାକାର ହେବ ମାତ୍ର ୧୧ ଟଙ୍କାରେ। ଭିଏତନାମର ବିମାନ କମ୍ପାନୀ ଭିଏତଜେଟ୍ ଏୟାର ଏକ ଜବରଦସ୍ତ ଫେଷ୍ଟିଭ୍ ଅଫର୍ ଆରମ୍ଭ କରିଛି। ଏହି ସ୍କିମ୍ ଅନୁଯାୟୀ ଭାରତ ଏବଂ ଭିଏତନାମ ମଧ୍ୟରେ ଯାତ୍ରା ପାଇଁ ଫ୍ଲାଇଟ୍ ଟିକେଟ୍ ମାତ୍ର ୧୧ ଟଙ୍କାରେ ଉପଲବ୍ଧ। କିନ୍ତୁ ଟ୍ୟାକ୍ସ ଏବଂ ଅନ୍ୟାନ୍ୟ ଶୁଳ୍କ ଅଲଗା ରହିବ। ଭିଏତନାମର ବିମାନ କମ୍ପାନୀ ଭିଏତଜେଟ୍ ଏୟାରର




ଏହି ୧୧ ଟଙ୍କିଆ ଅଫର୍ ପ୍ରତି ଶୁକ୍ରବାର ଉପଲବ୍ଧ ହେବ। ଏହି ଅଫରର ବୈଧତା ବିଷୟରେ କହିବାକୁ ଗଲେ ଏହା ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ। ଭିଏତନାମ ଏୟାରଲାଇନ୍ସ କହିଛି ଯେ ଭାରତ ଏବଂ ଭିଏତନାମ ମଧ୍ୟରେ ସମସ୍ତ ସିଧାସଳଖ ବିମାନର ଇକୋନୋମି କ୍ଲାସ ଭଡ଼ା ମାତ୍ର ୧୧ ଟଙ୍କା ରୁ ଆରମ୍ଭ ହେବ। କିନ୍ତୁ ଟ୍ୟାକ୍ସ ଏବଂ ଅନ୍ୟାନ୍ୟ ଶୁଳ୍କର ଚାର୍ଜ ଯାତ୍ରୀଙ୍କ ଠାରୁ ନିଆଯିବ। ଏହି ଅଫରରେ ଟିକେଟ ବୁକିଂ ଭିଏତଜେଟର ଅଫିସିଆଲ୍ ୱେବସାଇଟ୍ (www.vietjetair.com) ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ କରାଯାଇପାରିବ। କମ୍ପାନୀ ଅନୁଯାୟୀ ଏହି ପ୍ରମୋସନାଲ୍ ଟିକେଟଗୁଡ଼ିକ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଯାତ୍ରା ପାଇଁ ବୈଧ। ନିଶ୍ଚିତ ଭାବରେ ଖରା ଦିନିଆ ଛୁଟି କିମ୍ବା ଶୀତକାଳୀନ ଛୁଟି ପାଇଁ ଏହି ଅଫର ଦେଉଛି କମ୍ପାନୀ। ଯଦି ଆପଣ ୨୦୨୬ ଆରମ୍ଭରେ ଭିଏତନାମ ଯାତ୍ରା କରିବାକୁ ଚାହାଁନ୍ତି, ତେବେ ଡେରି ନକରି ଏବେ ଠାରୁ ହିଁ ଟିକେଟ୍ ବୁକ୍ କରି ନିଅନ୍ତୁ। ଭିଏତଜେଟ୍ ଭାରତ ଏବଂ ଭିଏତନାମ ମଧ୍ୟରେ ସପ୍ତାହରେ ୭୮ଟି ଫ୍ଲାଇଟ୍ ଅପରେଟ୍ କରେ। ଏହି ଫ୍ଲାଇଟ୍ ଗୁଡ଼ିକ ଭାରତର ନୂଆଦିଲ୍ଲୀ, ମୁମ୍ବାଇ, ଅହମ୍ମଦାବାଦ, ହାଇଦ୍ରାବାଦ, ବେଙ୍ଗାଲୁରୁ ଏବଂ କୋଚିକୁ ଦକ୍ଷିଣ-ପୂର୍ବ ଏସିଆର ସୁନ୍ଦର ଗନ୍ତବ୍ୟସ୍ଥଳ ଯେପରିକି ହନୋଇ, ହୋ ଚି ମିନ୍ ସିଟି ଏବଂ ଭିଏତନାମର ଡା ନାଙ୍ଗ ସହିତ ସଂଯୋଗ କରେ। ଭିଏତଜେଟର ବ୍ୟାପକ ନେଟୱାର୍କ ଦ୍ୱାରା ଭାରତୀୟ ଯାତ୍ରୀମାନେ ଭିଏତନାମ ଦେଇ ବାଲି, ଜାକର୍ତ୍ତା, ବେଜିଂ, ସାଂଘାଇ, ଗୁଆଙ୍ଗଝୁ କିମ୍ବା ଅଷ୍ଟ୍ରେଲିଆ, ଜାପାନ ଏବଂ ଦକ୍ଷିଣ କୋରିଆର ପ୍ରମୁଖ ସହରଗୁଡ଼ିକୁ ଯାଇ ପାରିବେ। ଭିଏତନାମର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଏହାର ଐତିହ୍ୟ କେବଳ ଭାରତ ନୁହେଁ ବରଂ ସାରା ବିଶ୍ୱର ଲୋକଙ୍କୁ ଆକର୍ଷିତ କରେ। ଭିଏତଜେଟର ଶସ୍ତା ଟିକେଟ୍ ଦ୍ୱାରା ଆପଣ ଡା ନାଙ୍ଗ, ନହା ଟ୍ରାଙ୍ଗ ଏବଂ ଫୁ କ୍ୱିକ୍ ର ଚମତ୍କାର ବେଳାଭୂମିକୁ ଉପଭୋଗ କରିପାରିବେ। ଆପଣ ହନୋଇ, ହୁଏ ଏବଂ ନିନ୍ ବିନ୍ ଯାଇ ଏଠାକାର ଐତିହାସିକ ଆକର୍ଷଣରେ ନିଜକୁ ହଜାଇ ପାରିବେ।

## ଉଠାଣି ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୦.୦୪୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୭୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୦,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୧୯୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ର ୧, ୦୦,୦୪୦ ଓ ୯୧ ହଜାର ୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬ ,୦୦୦ ଟଙ୍କା ହୋଇଛି।

## ଉଠାଣି ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।

# ଶିକ୍ଷକ ନିଯୁକ୍ତି ଦାବି ନେଇ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



**ଫୁଲବାଣୀ,୧୯।୭ (ସଂଚାର ବ୍ୟୁରୋ):** ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ ଓ ଗ୍ରାମବାସୀ । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅଧୀନରେ ଥିବା ଦଳକି ପଞ୍ଚାୟତ ର ବେଣାକେରା ଗାଁ ରେ । ସୂଚନା ଅନୁସାରେ ଏହି ବେଣାକେରା ଗାଁ ରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଞ୍ଚଳର ଏକ ପୁରାତନ ବିଦ୍ୟାଳୟ ଓ ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଯାଏ ଥିବା ବେଳେ ପ୍ରାୟ ପଚାଶ ଜଣ ଛାତ୍ରଛାତ୍ରୀ ମଧ୍ୟ ରହିଛନ୍ତି । କିଛି ମାସ ତଳେ ବିଦ୍ୟାଳୟଟି ଠିକ ଠାକ ଚାଲୁରହିଥିଲା । କିନ୍ତୁ ଗତ ମେ ମାସରୁ ବିଦ୍ୟାଳୟରେ କାର୍ଯ୍ୟରତ ତିନିଜଣ ଶିକ୍ଷକ ଙ୍କ ମଧ୍ୟରୁ ଜଣେ ଅବସର ଗ୍ରହଣ କରିଥିବା ବେଳେ ଅନ୍ୟ ଦୁଇଜଣ ଶିକ୍ଷକ ଙ୍କୁ ଅନ୍ୟତ୍ର ବଦଳି କରାଯାଇ ଥିବାରୁ ବର୍ତ୍ତମାନ ବିଦ୍ୟାଳୟରେ ମାତ୍ର ଦୁଇଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଯାହାଫଳରେ ବିଦ୍ୟାଳୟରେ ପାଠ ପଢା ଠପ ହୋଇଯାଇଥିବା ବେଳେ ବିଦ୍ୟାଳୟ ପରିଚାଳନାରେ ମଧ୍ୟ ଅଚଳବସ୍ଥା ଦେଖାଦେଇଛି। ଅନ୍ୟପଟେ ବିର୍ଯ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଓ ଅଭିଭାବକ ମାନେ ଗତ ତିନିମାସ ହେଲେଣି ଦାବି କରିଆସୁଥିବା ବେଳେ ବିଭାଗୀୟ ଅଧିକାରୀ ଗ୍ରାମବାସୀ ଙ୍କ ଅଭିଯୋଗ କୁ କର୍ଣ୍ଣପାତ କରୁନଥିବାରୁ ବାଧ୍ୟ ହୋଇ ଶନିବାର ଛାତ୍ରଛାତ୍ରୀ ଙ୍କ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ର ଫାଟକ ସମ୍ମୁଖରେ ଛାତ୍ର ଛାତ୍ରୀ ଙ୍କୁ ଧରି ଧାରଣାରେ ବସି ରହିଛନ୍ତି । ସେପଟେ ବିଦ୍ୟାଳୟ ରେ ଶିକ୍ଷକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି କହିଛନ୍ତି ଆନ୍ଦୋଳନ କାରି ଅଭିଭାବକ ଓ ଗ୍ରାମବାସୀ ମାନେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ



**କୋଲନରା,୧୯।୭(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର କୋଲନରା ବ୍ଲକ୍ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଶନିବାର ଦିନ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସବୁ ବିଭାଗର ବିଶେଷଜ୍ଞ ଡାକ୍ତର ମାନେ ଯୋଗଦେଇଥିଲେ। ଉକ୍ତ ଶିବିରରେ ମୋଟ ୧୭୬ ଜଣ ବିଭିନ୍ନ ଭିନ୍ନକ୍ଷମ ବ୍ୟକ୍ତି ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଡାକ୍ତରୀ ପରୀକ୍ଷା ପରେ ୭୬ ଜଣ ଅସ୍ଥିଶଲ୍ୟ, ୨୨ ଜଣ ଦୃଷ୍ଟି ବାଧିତ, ୩୧ ଜଣ ଶ୍ରାବଣ ବାଧିତ, ୨୭ ଜଣ ମାନସିକ ଅନଗ୍ରସର, ୦୫ ଜଣ ମସ୍ତିଷ୍କ ପକ୍ଷାଘାତ, ୦୯ ଜଣ ସିକ୍କିଲ୍ ଏହିପରି ମୋଟ ଚିହ୍ନଟ ହୋଇଥିଲେ। ଏଥିସହ ଭିନ୍ନକ୍ଷମ ମାନଙ୍କ ମଧ୍ୟରୁ ବସ ପାସ୍ ୧୮ ଜଣଙ୍କୁ, ଚକଲଗା ଚୌକି ୩ ଜଣଙ୍କୁ, ଆଶାବାଡି ୨ ଜଣଙ୍କ, ଲୋଜୁ ଗୋଟିଏ ଜଣଙ୍କୁ ପ୍ରଦାନ କରାଯାଇଥିଲା। କୋଲନରା ବିଡିଓ ଶ୍ରୀମତୀ ରିନା ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଆକାଉଣ୍ଟ ଅଫିସର ଶ୍ରୀ ଗଣେଶ୍ୱର ଭଞ୍ଜଙ୍କ ଅଧ୍ୟକ୍ଷତାରେ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାତ କୁମାର ଶବର ଓ ପିଏ ରାଜଶେଖର ପେଦିନ୍ ପରିଚାଳନା କରିଥିଲେ। ଯେଉଁଥିରେ ଗ୍ରାମପଞ୍ଚାୟତ ପିଇଓ ଜେ. ବେଣୁ, ଖେତପଡ଼ା ଗ୍ରାମପଞ୍ଚାୟତ ପିଇଓ ଲିଙ୍ଗରାଜ ତାଡିଙ୍ଗି ସମସ୍ତ ଏଡିଇଓ, ଯୋଗାଣ ସହାୟକ ଙ୍କ ସମତେ ବହୁ କର୍ମଚାରୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ଜିଲ୍ଲାରେ ଚାଷୀ ପଞ୍ଜିକରଣ ଆରମ୍ଭ



**ସୁବର୍ଣ୍ଣପୁର,୧୯।୭ (ସଂଚାର ବ୍ୟୁରୋ):** ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀଙ୍କ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ଚାଷୀ ପଞ୍ଜିକରଣ ଆରମ୍ଭ ନେଇ ପ୍ରେସ ଇସ୍ତାହାର ମାଧ୍ୟମରେ ଅବଗତ କରଯାଇଛି। ସରକାରଙ୍କ ପତ୍ର ସଂଖ୍ୟା ୧୨୩୩୧/ ତା୧୬/୦୭ ଅନୁଯାୟୀ ଜୁଲାଇ ୧୯ ତାରିଖ ଠାରୁ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଷୀ ଭାଇ ଓ ଭଉଣୀ ମାନେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସଂସ୍ଥା (ପିଏସିଏସ୍) ରେ ନିଜ ନିଜର ପଞ୍ଜିକରଣ କରିବାକୁ ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ଅନୁରୋଧ କରିଛନ୍ତି। ଚଳିତ ବର୍ଷ ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କ ଆଧାର ଭିତ୍ତିକ ଇ-କେଓ୍ୱାସି ଓ ବ୍ୟାଙ୍କ ଏକାଉଣ୍ଟ ଗୁଡ଼ିକର ଆଧାର ସଂଯୋଗୀ କରଣ ବାଧ୍ୟତାମୂଳକ କରାଯାଇଥିବା ବେଳେ ଏଥର ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କ ପୁନଃ ନବୀକରଣ ନ ହୋଇ ନୂତନ ଭାବେ ପଞ୍ଜିକରଣ କରାଯିବା ନେଇ ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି।

## କାଇସକନ୍ଦାରେ ଗଜବନ୍ଧ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



**ସୁବର୍ଣ୍ଣପୁର,୧୯।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ କାଇସକନ୍ଦା ପ୍ରାଥମିକ ବିଦ୍ୟାଳୟ ରେ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଚୁମକି ବିଶି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ସଂଯୋଜନା କରିଥିଲେ। ନଅ ଟି ବିଦ୍ୟାଳୟ ରୁ ୧୬ ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଦିବଂଗତ ପ୍ରାକ୍ତନ ସରପଞ୍ଚ ବଲ୍ଲଭ ଖେତୀ ଙ୍କ ଅମର ଆତ୍ମା ର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଚଳିତ ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଏକାଡେମିକ କ୍ୟାଲେଣ୍ଡର, ନମୁନା ପାଠ୍ୟ ଯୋଜନା, ଲକ୍ଷ୍ୟ ପୋଷ୍ଟର, ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ର ବହୁ ଶ୍ରେଣୀ ଶିକ୍ଷଣ ପରିଚାଳନା, ପରିସୀମା ଓ କ୍ଷେତ୍ରଫଳ ମାପିବା ପାଇଁ ଜିଓ ବୋର୍ଡ ର ବ୍ୟବହାର, ବିଦ୍ୟାଳୟ ସମୟ ସାରଣୀ, ସ୍ଥାନୀୟ ବିଦ୍ୟାଳୟ ର ଅଭିନବ କାର୍ଯ୍ୟ, ଶିଶୁବାଟିକା କାର୍ଯ୍ୟପୁସ୍ତିକା ଓ ଶିକ୍ଷକ ସହାୟକ ପୁସ୍ତିକା, କମ୍ପ୍ୟୁଟର ଟାବଲେଟ ର ବ୍ୟବହାର, ଶିକ୍ଷଣ ଉପକରଣ, ମୋ ଡାଏରୀ, ମୋ ଖାତା, ଗଣିତ ଖାତା, ଚିତ୍ରାଙ୍କନ ଖାତା, କାର୍ଯ୍ୟ ପୁସ୍ତିକା ର ବ୍ୟବହାର, ସମୟାନୁବର୍ତ୍ତିତା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ସାମ୍ବାଦିକ କିଶନ ଅଗ୍ରୱାଲ ଯୋଗଦେଇ ବିଦ୍ୟାଳୟ ବିକାଶ ଯୋଜନା ଓ ବିଦ୍ୟାଳୟ ସୁରକ୍ଷା ଯୋଜନା ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ କୈଳାଶ ଚନ୍ଦ୍ର ରଣା, ନନ୍ଦକିଶୋର ବିଶି, ରଘୁନାଥ ବାଘ, ମୋହନ ଚରଣ ନାଏକ, ତୁଳସୀରାମ ଭୋଇ, ଅଭିରାମ ପରାଭୂଏ, ଦିବାକର ବଢ଼େଇ, ବିକାଶ ଭରାସାଗର, ଶିକ୍ଷୟିତ୍ରୀ ମାନିନୀ ବାଘ, କଳ୍ପନା ସେଠୀ, ରଶ୍ମିତା କୁଅଁର, ମାନସୀ ନାଗ, ଲଳିତା ଭୁଏ ସହଯୋଗ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ପ୍ରକୃତିମିତ୍ର ପୁରସ୍କାର ପାଇ ଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଚୁମକି ବିଶି ଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷକ ଗୋକୁଳାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଞ୍ଚକତା କରି ହିତାଧିକାରୀଙ୍କ ଜମା ଖାତାରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ

**ଯାଜପୁର,୧୯।୭(ସଂଚାର ବ୍ୟୁରୋ):** ବ୍ୟାଙ୍କରେ ଜାଲିଆତି । ଚଞ୍ଚକତା କରି ଜମା ଖାତାରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ। ହଡ଼ପର ଶିକାର ହୋଇଛନ୍ତି ଅନେକ ହିତାଧିକାରୀ। ନିଜର କଷ୍ଟ ଉପାର୍ଜିତ ଧନକୁ ହିତାଧିକାରୀ ମାନେ ସାଇତି ରଖିଥିଲେ ବ୍ୟାଙ୍କରେ। ଏପଟେ ବ୍ୟାଙ୍କରେ କାର୍ଯ୍ୟରତ ବିସି ବା ବ୍ୟାଙ୍କ କରେସପଣ୍ଡେନ୍ସ ଚଞ୍ଚକତା କରି ସେମାନଙ୍କ ଜମା ଖାତାରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରି ଫେରାର ହୋଇ ଯାଇଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ। ଏପରିକି ନକଲି ଫିକ୍ସ ଡିପୋଜିଟ ବଣ୍ଡ ଦେଇ ଟଙ୍କା ଲୁଟ୍ କରାଯାଇଛି। ଜାଣିବା ପରେ ହିତାଧିକାରୀଙ୍କ ମୁଣ୍ଡ କାମ କରୁନାହିଁ। ଫଳରେ ହିତାଧିକାରୀମାନେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେଇଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ଜାରକା ସ୍ଥିତ ଧର୍ମଶାଳା ୟୁକୋ ବ୍ୟାଙ୍କ ଶାଖାରୁ । ଧର୍ମଶାଳା ବ୍ଲକ ଅଭୟପୁର ଗାଁର ୟୁକୋ ବ୍ୟାଙ୍କ ଗ୍ରାହକ ହେଉଛନ୍ତି ଶିବ ପ୍ରଧାନ । ତାଙ୍କ ଜମା ଖାତାରେ ୧୨ ଲକ୍ଷ ୩୦ ହଜାର ଟଙ୍କା ସମେତ ପତ୍ନୀ ସୁମିତ୍ରା ପ୍ରଧାନଙ୍କ ବ୍ୟାଙ୍କ ଖାତାରୁ ୫୫ ହଜାର ଓ ଝିଅ ବର୍ଷାଙ୍କ ଖାତାରୁ ୫୦ ହଜାର ଠକେଇ ହୋଇଥିବା ନେଇ ଶିବ ଅଭିଯୋଗ କରିଛନ୍ତି । ଅଭୟପୁର ଗାଁର ପ୍ରକାଶ ରଣା ଏହି ବ୍ୟାଙ୍କରେ ବ୍ୟାଙ୍କ ବିସି ଭାବରେ କାର୍ଯ୍ୟ କରନ୍ତି। ଶିବ ତାଙ୍କୁ ବିଶ୍ୱାସ କରି ଗତ ବର୍ଷ ଅକ୍ଟୋବର ମାସରେ ଫିକ୍ସଡ ଡିପୋଜିଟ ପାଇଁ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ପ୍ରକାଶ ଏହାକୁ ନିଜେ ହଡ଼ପ କରି ଏକ ନକଲି ଫିକ୍ସ ଡିପୋଜିଟ ବଣ୍ଡ ତାଙ୍କୁ ଦେଇଥିବା ଦେଖିବାକୁ ମିଳିଛି । ଏହି ବଣ୍ଡଟି ହାତ ଲେଖା ସହ ଜାଲ ଆକାଉଣ୍ଟ୍ ନମ୍ବର ଓ ଦସ୍ତଖତ ରହିଛି। କିନ୍ତୁ ବ୍ୟାଙ୍କର ଅରିଜିନାଲ କ୍ରମିକ ନମ୍ବର ଓ ବ୍ୟାଙ୍କ ଷ୍ଟାମ୍ପ ମରାଯାଇଛି । ଏହି ଟଙ୍କା ହଡ଼ପ ଘଟଣାରେ ବ୍ୟାଙ୍କର କେହି ସାମିଲ ଥିବା ସେ ଗୁରୁତର ଅଭିଯୋଗ ଆଣିଛନ୍ତି । ଖାଲି ସେତିକି ନୁହେଁ, କେଓ୍ୱାଇସି ଓ ମୋବାଇଲ ଲିଙ୍କ କରିବା ପାଇଁ ତାଙ୍କ ଠାରୁ ଦସ୍ତଖତ ନିଆଯାଇଥିଲା । ଏକ ଏଟିଏମ୍ ଆବେଦନ କରି ଟଙ୍କା ଉଠାଯାଇଥିବା ମଧ୍ୟ ଶିବ ପ୍ରଧାନ ଅଭିଯୋଗ କରିଛନ୍ତି । ଏହି ଟଙ୍କା ହଡ଼ପରେ ବ୍ୟାଙ୍କର ତତ୍କାଳୀନ ଶାଖା ପରିଚାଳକଙ୍କ ପ୍ରଚ୍ଛନ୍ନ ହାତ ଥିବା ଦର୍ଶାଇ ସେମାନଙ୍କ ନାମରେ ଧର୍ମଶାଳା ଥାନା ଓ ସାଇବର ଥାନାରେ ସେ ଅଭିଯୋଗ କରିଛନ୍ତି।

# ଖଣିରେ ଅସୁରକ୍ଷିତ ଶ୍ରମିକ, ଦୁର୍ଘଟଣାକୁ ଚାପିବାକୁ ଉଦ୍ୟମ

**ଯୋଡ଼ା,୧୯।୭ (ସଂଚାର ବ୍ୟୁରୋ):** ଟାଟାଷ୍ଟିଲ ପୂର୍ବ ଯୋଡ଼ା ଲୁହାପଥର ଖଣିରେ କାର୍ଯ୍ୟରତ ଜଣେ ଲୋଡର ଅପରେଟର ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ନେଇ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ରାଜ୍ୟ ଆଦିବାସୀ ସେଲ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯସବନ୍ତ ନାରାୟଣ ସିଂ ଲାଗୁରୀ। ଆଜି ଯୋଡ଼ା ଠାରେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ଯେ, ଯୋଡ଼ା ଖଣି ଅଞ୍ଚଳରେ ଅଧିକାଂଶ ଖଣି ଗୁଡିକରେ ଶ୍ରମିକ ମାନେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି। ଦୁର୍ଘଟଣା ଘଟିଲେ ଖଣି କର୍ତ୍ତୃପକ୍ଷ ଦୁର୍ଘଟଣାର ଭିନ୍ନ ରୂପ ଦେଇ ଅସଲ ଘଟଣାକୁ ଚପାଇ ଦେଉଛନ୍ତି। ନିକଟରେ ପୂର୍ବ ଯୋଡ଼ା ଲୌହ ପଥର ଖଣିରେ ଏକ ଲୋଡର ମେସିନ ଓଲଟିବ ଯୋଗୁଁ ରାଜେଶ କୁମାର ନାୟକ ନାମକ ଶ୍ରମିକ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ରାଜେଶଙ୍କୁ ଗୁରୁତର ଦର୍ଶାଇ ଜାମସେଦପୁର ଟାଟା ମେନ୍ ହସ୍ପିଟାଲକୁ ନେଇ ୮ ଦିନ ପରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଖଣି କାର୍ଯ୍ୟ ବନ୍ଦ ହେବା ଭୟରେ ଘଟଣା ଦିନ ଶ୍ରମିକଙ୍କୁ ଗୁରୁତର ଦର୍ଶାଇଥିବା ସେ ଅଭିଯୋଗ କରିବା ସହିତ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ଲାଗୁରୀ ଦାବି କରିଛନ୍ତି।

## ଉପକାରାଗାରରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



**ବୀରମହାରାଜପୁର,୧୯।୭(ସଂଚାର ବ୍ୟୁରୋ):** ବୀରମହାରାଜପୁର ଉପକାରାଗାରରେ ଏକ ଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଷ୍ଟାଙ୍ଗ ଯୋଗ ମାଧ୍ୟମରେ ବୈଜ୍ଞାନିକ ଉପାୟରେ କିପରି ମନକୁ ପରିବର୍ତ୍ତନ କରି ଜଣେ ବ୍ୟକ୍ତିତ୍ୱର ବିକାଶ କରି ପାରିବ ସେ ସଂପର୍କରେ ଅନ୍ତରୀଣ ଅନ୍ତେବାସୀମାନଙ୍କୁ ମାର୍ଗ ଦର୍ଶନ କରାଯାଇଥିଲା । କାରାଗାରରେ ଥିବା ବନ୍ଦୀମାନେ ମୁକ୍ତ ହେଲାପରେ କିପରି ଏକ ସୁସ୍ଥ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନ ଜିଇଁବାକୁ ସକ୍ଷମ ହେବେ ସେଥିପାଇଁ ସେମାନଙ୍କୁ ଯୋଗ ମାଧ୍ୟମରେ ଜ୍ଞାନ ବିଜ୍ଞାନର ପଥ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଶିବିରରେ ମୋଟ ୩୪ଜଣ ଶିବିରାର୍ଥୀ ଯୋଗ ଦେଇଥିଲେ । ମାର୍ଗ ଦର୍ଶନ କରିଥିଲେ ପତଂଜଳି ଯୋଗପୀଠ ହରିଦ୍ୱାରର ଆଜୀବନ ସଭ୍ୟ ଯୋଗବିଦ୍ ଗୋରେଖନାଥ ସାହୁ ଏବଂ ଏଥିରେ ଅଧ୍ୟକ୍ଷତା କରିଥିଲେ କାରାପାଳ କାଳିନ୍ଦୀ ଚରଣ ନାୟକ ଓ ଶିବିର ପରିଚାଳନାରେ ସହଯୋଗ କରିଥିଲେ ସହକାରୀ କାରାପାଳ ତପନ କୁମାର ପଧାନ, ମୁଖ୍ୟ କାରାରକ୍ଷୀ ପ୍ରକାଶ ଖମାରୀ, କାରାରକ୍ଷୀ ତାପସ ରଂଜନ ମିଶ୍ର, ଦିବ୍ୟ କୁମାର ଏବଂ ଗୌରବ କୁମାର ପ୍ରମୁଖ ଓ ଶେଷରେ ତପନ କୁମାର ପଧାନ ଧନ୍ୟବାଦ ଦେଇଥିଲେ ।

## ବିଭିନ୍ନ ଦୋକାନରେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଯାଞ୍ଚ



**ନୀଳଗିରି,୧୯।୭ (ସଂଚାର ବ୍ୟୁରୋ):** ପୁଣ୍ୟ ଶ୍ରାବଣମାସରେ ଓଡିଶାର ବିଭିନ୍ନ ଶୈବପୀଠ ମାନଙ୍କରେ କାଉଡ଼ିଆ ମାନଙ୍କର ଜଳାଭିଷେକ ଚାଲିଥିବା ବେଳେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବାପଞ୍ଚଲିଙ୍ଗେଶ୍ୱରରେ ଆସନ୍ତା ସୋମବାର ୨ୟପାଳି ଅବସରରେ ଭକ୍ତଙ୍କର ଅହେତୁକ ଭିଡ଼ ରହିବାର ସୂଚନା ଥିବାବେଳେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଖାଦ୍ୟ ନିରାପତ୍ତା ଅଧିକାରୀ ଶଶୀକାନ୍ତ ବେହେରା, ଏମଟିଏସ ଗଣେଶ କିଙ୍କର ଦାସ ଏବଂ ଅନ୍ୟ ସହଯୋଗୀମାନେ ପଞ୍ଚଲିଙ୍ଗେଶ୍ୱର ପୀଠରେ ପହଞ୍ଚି ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଦୋକାନରେ ଖାଦ୍ୟ, ଭୋଗ, ପାଣି, ଚା, ବିସ୍କୁଟ ସମେତ ଚାଟ, ଗୁପଚୁପ, ଟିଫିନ, ଦହିବରା ଆଦି ବିଭିନ୍ନ ପ୍ରକାରର ଖାଦ୍ୟସାମଗ୍ରୀର ମାନ ଯାଞ୍ଚ କରିବା ସହିତ ସମସ୍ତ ଦୋକାନୀମାନଙ୍କୁ ଆସନ୍ତା ୭ଦିନ ମଧ୍ୟରେ ଖାଦ୍ୟ ନିରାପତ୍ତା ସାର୍ଟିଫିକେଟ ପଞ୍ଜିକୃତ କରିବାପାଇଁ ସମୟ ସୀମା ଦେଇଛନ୍ତି। ଏହାକୁ ଉଲ୍ଲଙ୍ଘନକଲେ ଆଗାମୀ ସମୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହାବାଦ ଦୀର୍ଘ ୩ବର୍ଷଧରି ପୀଠ ନିକଟରେ ମିଶନଶକ୍ତି କାଫେ ଖୋଲାଯାଇଥିବା ବେଳେ କାଫେ ମଧ୍ୟ ଖାଦ୍ୟନିରାପତ୍ତା ସାର୍ଟିଫିକେଟ ପ୍ରାପ୍ତ କରିନଥିବାରୁ ତୁରନ୍ତ ସାର୍ଟିଫିକେଟ କରାଇନେବା ପାଇଁ କାଫେର ପରିଚାଳିକାମାନଙ୍କୁ ତାଗିଦ କରିଥିଲେ। ଏନେଇ ଖାଦ୍ୟସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ବେହେରା ଯାତ୍ରୀ ସୁରକ୍ଷା ଏବଂ ଦୋକାନୀ ସଙ୍ଘର ସଭାପତି ସୁରେନ୍ଦ୍ର ଦାସଙ୍କ ସହିତ ଆଲୋଚନା କରିଥିଲେ। ସଭାପତି ଶ୍ରୀଯୁକ୍ତ ଦାସ ପୀଠରେ ବହୁଦିନ ଧରି ପାନୀୟଜଳ ସମସ୍ୟା ସହିତ ଶୌଚାଳୟର ସମସ୍ୟା ରହିଥିବାରୁ ଜିଲ୍ଲାପାଳଙ୍କୁ ଅବଗତି କରିବାକୁ ଅଧିକାରୀଙ୍କୁ ନିବେଦନ କରିଥିଲେ ।

# ପଞ୍ଚାୟତ ସମିତି ଦଶମ ସାଧାରଣ ଅଧିବେଶନ




**ନୟାଗଡ଼,୧୯।୭(ସଂଚାର ବ୍ୟୁରୋ):** ନୟାଗଡ଼ ପଞ୍ଚାୟତ ସମିତି ଦଶମ ସାଧାରଣ ଅଧିବେଶନ ହୋହାଲ୍ଲାରେ ଆରମ୍ଭ ହୋଇ ହୋହାଲ୍ଲାରେ ଶେଷ ହୋଇଛି। ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସରୋଜ କୁମାର ରଣସିଂ, କ୍ଷୀରୋଦ ମହାପାତ୍ର, ସୁବାଷ ଚନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ରହିଥିଲେ। ନୟାଗଡ଼ ବିଡିଓ ଐଶୋର୍ଯ୍ୟା ଭୂୟାଁ ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ୟା ନେଇ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଥିବା ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ନେଇ ଆଲୋଚନା ହୋଇଥିଲା। ଏହା ସହିତ ଅନ୍ତୋଦୟ ଗୃହ ଯୋଜନାରେ ହିତାଧିକାରୀମାନେ ଦ୍ୱିତୀୟ କିସ୍ତି ଟଙ୍କା ପାଉନଥିବାରୁ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ବନବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ବନଷ୍ଟନ କରାଯାଇଥିବା ଚାରାକୁ ନେଇ ଉଦବେଗ ପ୍ରକାଶ ପାଇଥିଲା। ବିଧାୟକ ଡ. ସାହୁ ଏକ କମିଟି ଗଠନ କରି ବନବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ବ୍ଲକକୁ ଆସୁଥିବା ବିଭିନ୍ନ ଅନୁଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। କିଭଳି ଏହାକୁ ସୁବିନିଯୋଗ କରାଯିବ ତାହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

## ନାଳରେ ବୁଡ଼ି ମହିଳା ଓ ଶିଶୁ ମୃତ

**ଫୁଲବାଣୀ,୧୯।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପସରା ପଞ୍ଚାୟତ ଅନ୍ତର୍ଗତ ପଖାଳ ଖିଆ ନିକଟ ଖଉମୁଣ୍ଡା ଜଙ୍ଗଲରେ ପ୍ରବାହିତ ଏକ ନାଳରୁ ମାଆ ଓ ଶିଶୁ ପୁତ୍ରଙ୍କ ଶବ ଦେଖିବାକୁ ମିଳିଥିଲା। ମୃତକ ହେଲେ କଇନ୍ତା ଭୋଇ (୪୫) ଓ ନାବାଳକ ପୁତ୍ର ଆରତ(୫)। ଗୁରୁବାର ଦିନ କଇନ୍ତା ପୋଢ଼ ଚରେଇବାକୁ ଯାଇ ଫେରି ନଥିଲେ। ପୋଢ଼ ଗୁଡ଼ିକ ପହଞ୍ଚି କାଇନ୍ତାଙ୍କ ଅନୁପସ୍ଥିତି ଦେଖି ସ୍ୱାମୀ ଖୋଜିବାକୁ ଯାଇଥିଲେ। ଏକ ନାଳରୁ ସ୍ତ୍ରୀ ଓ ପୁଅର ଶବ ଭାସୁଥିବାର ଦେଖିବାକୁ ପାଇଥିଲେ। ପରେ ପରେ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ଓ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଚକାପାଦ ଥାନା କେସ ନଂ ୦୫/୨୦୨୫ ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇ ଘଟଣାର ତଦନ୍ତ ଚାଲିଥିବା ତଦନ୍ତ ଅଧିକାରୀ ଏ ଏସ ଆଇ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ୬ ଛାତ୍ରାଛାତ୍ରୀ ଅସୁସ୍ଥ ଘଟଣା
## ଟିକା ନୁହେଁ, ଭୁତାଣୁ ଜନିତ ଜ୍ୱର

**ଦାରିଙ୍ଗବାଡ଼ି,୧୯।୭(ସଂଚାର ବ୍ୟୁରୋ):** ଦାରିଙ୍ଗବାଡି ବ୍ଲକ୍ କିରିକୁଟି ପଞ୍ଚାୟତ ପାଟାଙ୍ଗି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ୬ଜଣ ଛାତ୍ରୀଛାତ୍ର ଅସୁସ୍ଥ ଘଟଣାରେ ରାଜ୍ୟ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶକ୍ରମେ ଜିଲା ଅତିରିକ୍ତ ସ୍ୱାସ୍ଥ୍ୟଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ ତଦନ୍ତ କରିବାକୁ ପାଟାଙ୍ଗି ବିଦ୍ୟାଳୟ ସମେତ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଛନ୍ତି। ସେ ବିଦ୍ୟାଳୟରେ ଅସୁସ୍ଥ ଥିବା ଛାତ୍ରୀଛାତ୍ରଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରି କହିଥିଲେ। ସେମାନଙ୍କୁ ଭୁତାଣୁ ଜନିତ ଜ୍ୱର, ଥଣ୍ଡା, କାଶ, ବ୍ୟଥା ଆଦି ରହିଥିବା ସେ କହିଛନ୍ତି। ଟିକା ଯୋଗୁ କୌଣସି ହାନି ହୋଇନାହିଁ। ଏହାସହ ଛାତ୍ରୀଛାତ୍ରଙ୍କ ମ୍ୟାଲେରିଆ ମଧ୍ୟ ପରୀକ୍ଷା କରାଯାଇଥିଲା। କିନ୍ତୁ ସେଭଳି କିଛି ସମସ୍ୟା ନାହିଁ। ଅଞ୍ଚଳରେ ବର୍ଷା ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଥଣ୍ଡା ଜ୍ୱର ରହିଛି।

## ଘରେ ପଶି ତଣ୍ଟି କାଟି ହତ୍ୟା

**ଦେବଗଡ଼,୧୯।୭(ସଂଚାର ବ୍ୟୁରୋ):** ଥାନା ନୂଆଗାଁରେ ଚାଞ୍ଚଲ୍ୟ । ଘର ଭିତରେ ଜଣେ ବ୍ୟକ୍ତିଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ନୂଆଗାଁ ଗ୍ରାମର ରତନ ପ୍ରଧାନ । ହତ୍ୟାକାରୀ ହେଲେ ସେହି ଗାଁର ପଞ୍ଚାନନ ସୁହୁଲା । ଦୁହିଁଙ୍କର ବୟସ ୫୦ ବର୍ଷ । ତେବେ ପଞ୍ଚାନନ ରତନକୁ ହତ୍ୟା କରିବା ପରେ ମୃତଦେହକୁ ଘରେ ତାଲା ପକାଇ ଥାନାରେ ଆତ୍ମସମର୍ପଣ କରିଛି । ଘର ଭିତରେ ବଳି ଦେଇଥିବା ଅଭିଯୋଗ କରି ବନ୍ଦ ଘରକୁ ଭାଙ୍ଗିଛନ୍ତି ଉତ୍ୟକ୍ତ ଗ୍ରାମବାସୀ । ଘଟଣା ସ୍ଥଳରେ ପୋଲିସ ପହଂଚି ବୁଝାବୁଝା କରିଛି । ତେବେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି ।

# ପୋଖରୀବନ୍ଧ-କନେର ରାସ୍ତା ପାଲଟିଛି ମରଣଯନ୍ତା

- ଲାଭ ନେଇ ଠିକାଦାର ଚମ୍ପଟ୍
- ଅବଧି ସରିବା ପୂର୍ବରୁ ଉଜୁଡିଗଲା ରାସ୍ତା



**ଲାଞ୍ଜିଗଡ଼,୧୯।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ରାସ୍ତାରେ ରହିଛି ମୁକୁନ୍ଦପୁର ଛକ। ଏହି ରାସ୍ତାର ବାମପଟ ଦେଇ ୩ କି.ମି ଗଲେ ପଡେ ମେଲଘୁଟୁ ଗାଁ ଆଉ ସେଇଠୁ ଦକ୍ଷିଣ ପଟକୁ ୨ କିମି ଗଲେ କନେର ଗାଁ। ପକ୍କା ଓ ସ୍ଥାୟୀ ସଡ଼କ ଯୋଗାଯୋଗ ନଥିବା ଏହି ଗାଁକୁ ଗତ ପାଞ୍ଚବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଥିଲା। ଟେଣ୍ଡର ପାଇଥିବା ଠିକାଦାର ଜଣକ ରାସ୍ତା ବି ତିଆରି କଲେ। କିନ୍ତୁ ଧିର ମନ୍ଥର ଗତିରେ କାମ ସାଙ୍ଗକୁ ଅତି ନିମ୍ନମାନର କାମ କରିବା ଯୋଗୁଁ ରାସ୍ତା ନିର୍ମାଣ ଶେଷ ନ'ହେଉଣୁ ରାସ୍ତା ଉଜୁଡିବାକୁ ଲାଗିଲା।ଏପରିକି ପାଞ୍ଚବର୍ଷ ଗ୍ୟାରେଣ୍ଟି ଅବଧି ରହିଥିଲେ ହେଁ ଠିକାଦାର ସବୁତକ ଲାଭ ନେଇ ଚମ୍ପଟ ମାରିଲେ ସିନା ଥରୁଟିଏ ବି ରକ୍ଷଣାବେକ୍ଷଣ କିମ୍ବା ମରାମତି ଦାୟିତ୍ୱ ହାତକୁ ନେଲେ ନାହିଁ। ଓଲଟା କାମ ସରିଯିବା ପରେ ରାସ୍ତାକୁ ଭୁଲିଗଲେ। ଫଳରେ ରାସ୍ତା ସଂପୂର୍ଣ୍ଣ ଭାବେ ଉଜୁଡିଯିବା ସହିତ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ ଶୁଣାଣୀରେ ବାରମ୍ବାର ଅଭିଯୋଗ କରି କରି ଥକିଗଲେଣି କିନ୍ତୁ କୌଣସି ସୁଫଳ ମିଳୁନାହିଁ।ଏବେ ବର୍ଷାଋତୁ ଆସିଥିବାବେଳେ ପୋଖରୀବନ୍ଧ ପଞ୍ଚାୟତର ଇର୍କୁଲି, କରଲାକୁପା, ବିନାୟକପୁର, କନେର, ଇସାରବାରୁ, ମେଲଘୁଟୁ, ପୁଡାଉମେର, ବୁଢ଼ାଉମେର, ଉମେର, ପୋଖରୀପଦର, ମୁକୁନ୍ଦପୁର, ବେଢ଼ାଲଖମନ, ଭେଜିପଦର ଆଦି ଗାଁର ପାଞ୍ଚ ହଜାର ଉର୍ଦ୍ଧ୍ୱ ଲୋକେ ନିର୍ଭର କରୁଥିବା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହେବା ଆଶଙ୍କା ଦେଖାଦେଇଛି।ଏନେଇ ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ, ନାଏବ ସରପଞ୍ଚ ପବିତ୍ର ବିଭାର, ବୁଦା ମାଝୀ, ମହେଶ୍ୱର ବେହେରା, ଦେବାର୍ଚ୍ଚନ ବେହେରା, ସଂକୀର୍ତ୍ତନ ବେହେରା, ସାଲେଶ କରୁଆଁ, ଚନ୍ଦ୍ରମଣି ବେହେରା, ଶୁକ୍ରୁ ମାଝୀ, ତାଡି ମାଝୀଙ୍କ ସମେତ ଅଞ୍ଚଳବାସୀ ତୁରନ୍ତ ରାସ୍ତା ନିର୍ମାଣ କରାଯିବାକୁ ଦାବି କରିଛନ୍ତି। ନଚେତ ରାସ୍ତା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଭଗବାନ ଗଉଡ଼ଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ଅବଧି ସହିତ ରକ୍ଷଣାବେକ୍ଷଣ ଓ ମରାମତି ଅବଧି ଗତ ମଇ ମାସରେ ଶେଷ ହୋଇଛି। ଏହି ରାସ୍ତା ନିର୍ମାଣ ଓ ମରାମତି ପାଇଁ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଅନୁଦାନ ମଞ୍ଜୁର ହେଲେ କାମ ହେବ ବୋଲି ସେ କହିଛନ୍ତି।

# ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ବୁଲିଲେ ସାଂସଦ ବୈଜୟନ୍ତ



## ମେଗା ପାନୀୟ ଜଳ ପ୍ରକଳ୍ପର କଲେ ସମୀକ୍ଷା

**କେନ୍ଦ୍ରାପଡ଼ା,୧୯।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସାଂସଦ ଆଜି ଆଳି ଗସ୍ତରେ ଆସି ମେଗା ପାନୀୟ ଜଳ ପ୍ରକଳ୍ପ ସହ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପୂର୍ବାହ୍ନ ୯ ଘଟିକା ସମୟରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ପ୍ରଥମେ ଆଳି ବିଧାନସଭା ଅନ୍ତର୍ଗତ ଆଳି ବ୍ଲକ ନିଆଳ ସ୍ଥିତ ଜାଭିଅର ସ୍କୁଲ ଠାରେ ପହଁଞ୍ଚିଥିଲେ । ପରେ ପ୍ରାୟ ୧୦ ଘଟିକା ସମୟରେ କଳସପୁର ସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପର ନିକଟରେ ପହଞ୍ଚି ସେଠାରେ ପ୍ରକଳ୍ପ ର କାର୍ଯ୍ୟ ସମୀକ୍ଷା କରିଥିଲେ । ସେଠାରେ ସେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବା ହେତୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସାଂସଦ ଶ୍ରୀ ପଣ୍ଡା ଏହି ପ୍ରକଳ୍ପ ଟିକୁ ଯଥାଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ଏହାକୁ ଡିସେମ୍ବର ମାସ ସୁଦ୍ଧା ସାରିବାକୁ ପ୍ରତିଶୃତି ଦେଇଥିଲେ। ଏହି ପ୍ରକଳ୍ପ ପରିଦର୍ଶନ ସଙ୍ଗେସଙ୍ଗେ ମାନପୁର ଘୋସରା ଠାରେ ପହଞ୍ଚି କିଛି ସମୟ ସେଠାରେ ଉପସ୍ଥିତ ରହି ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ।

ଏହି ପରିପ୍ରେକ୍ଷୀରେ ଆଳି ଧୋୟାଞ୍ଚଳ ୧୦ ପଞ୍ଚାୟତ ବିକାଶ ପରିଷଦଙ୍କ ତରଫରୁ ସୁରେନ୍ଦ୍ର କୁମାର ପରିଡ଼ା ଓ ସରୋଜ କରଙ୍କ ନେତୃତ୍ୱରେ ପ୍ରତିବର୍ଷ ସାମାନ୍ୟ ବନ୍ୟାରେ ବୁଡ଼ି ଯାଉଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମାନପୁର-ଗୋବିନ୍ଦପୁର ଘୋସରା ଡ଼ିମିରିପାଳ ମଠ ପର୍ଯ୍ୟନ୍ତ ରାସ୍ତାର ସ୍ଥାୟୀ ସମାଧାନ ପାଇଁ ସାଂସଦଙ୍କୁ ଲିଖିତ ପତ୍ର ମାଧ୍ୟମରେ ଜଣାଇଥିଲେ । ଏହାପରେ ମଧ୍ୟାହ୍ନ ୧୨ ଘଟିକା ସମୟରେ ଆଳି ବଜାର ସ୍ଥିତ ଡାକବଙ୍ଗଳାସ୍ଥିତ ଠାରେ ପହଞ୍ଚି ଆଳି ପ୍ରଶାସନ ସହ ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ। ଆଜିର ଏହି ଗସ୍ତରେ ସାଂସଦ ଶ୍ରୀ ପଣ୍ଡାଙ୍କ ସହ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠି, ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟାୟତ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠି, ଆଳି ବିଜେପି ବିଧାୟକ ପାର୍ଥି କୃଷ୍ଣ ଚନ୍ଦ୍ର ପଣ୍ଡା, ରାଜନଗର ବିଜେପି ବିଧାୟକ ପାର୍ଥି ଲଳିତ ବେହେରା, ଜିଲ୍ଲା ସମ୍ପାଦକ ଅନୁରାଧା ସାମଲ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଙ୍କ ସହ ଶତାଧିକ ବିଜେପି କାର୍ଯ୍ୟକର୍ତା ଓ ସାଧାରଣ ଲୋକ ଉପସ୍ଥିତ ଥିଲେ ।



## ସୋଆରେ ଚତୁର୍ଦ୍ଦଶ ଏମ୍‌ଏସ୍ ସ୍ୱାମୀନାଥନ ସ୍ମାରକୀ ବକ୍ତୃତାମାଳା

**ଭୁବନେଶ୍ୱର,୧୯।୭ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ରେ ବୁଧବାର ଚତୁର୍ଦ୍ଦଶ ସ୍ୱାମୀନାଥନ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବକ୍ତୃତାମାଳାରେ ଉତରବଙ୍ଗ କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା କୃଷି ସମ୍ପ୍ରସାରଣ ବିଜ୍ଞାନୀ ଭାବେ ପରିଚୟ ସୃଷ୍ଟି କରିଥିବା ଓଡ଼ିଆ ବୈଜ୍ଞାନିକ ପ୍ରଫେସର ଡକ୍ଟର କୌଶିକ ପ୍ରଧାନ ମୁଖ୍ୟ ଆଲୋଚକ ଓ ବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ ମଣିଷ ସମାଜର ବ୍ୟକ୍ତିଗତ ଓ ପାରିବାରିକ ଜୀବନ ପରିବେଶ ପରିବର୍ତନ ଦ୍ୱାରା ପ୍ରଭାବିତ। ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ବ୍ୟବହାର, କ୍ରୋଧ, ଶାନ୍ତ ସ୍ୱଭାବ ଇତ୍ୟାଦି ପରିବେଶ ଓ ବିଶ୍ୱ ତାପନ ଦ୍ୱାରା କିଛି ମାତ୍ରାରେ ନିୟନ୍ତ୍ରିତ ହେଉଛି ବୋଲି ସେ କହିଛନ୍ତି। ପ୍ରଫେସର ପ୍ରଧାନ ଭାରତୀୟ କୃଷି ସମ୍ପ୍ରସାରଣ ବିଜ୍ଞାନ ତଥା ପରିବେଶ ପରିବର୍ତନ ଭିତିକ କୃଷି ବିଷୟରେ ବକ୍ତବ୍ୟ ରଖିଥିଲେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବକ୍ତୃତାମାଳାର ସଂଯୋଜକ ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଦେଇଥିଲେ। ଡ. ରାଜୀବ କୁମାର ବେହେରା ଉତ୍ସବ ପରିଚାଳନା କରିଥିଲେ।

## ଲୋକସଭା ସାଂସଦଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

**ବଲାଙ୍ଗିର,୧୯।୭ (ସଂଚାର ବ୍ୟୁରୋ):** ଗତକାଲି ସାର୍କିଟ ହାଉସ ଠାରେ ରେଳ ଉପଭୋକ୍ତା ସଂଘ ଲୋକସଭା ସାଂସଦ ସଂଗିତା କୁମାରୀ ସିଂଦେଓ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛି। ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଭୁବନେଶ୍ୱରକୁ ପ୍ରତିଦିନ ଯିବା ଆସିବା କରିଲା ପରି ଏକ ସକାଳୁଆ ଟ୍ରେନ ଚଳାଚଳ ପାଇଁ ଅନୁରୋଧ ରଖିଥିଲେ। ତତ୍ ସହ ସ୍ମାରକପତ୍ର ରେ ଷ୍ଟେସନରେ ୫ମ ରେଲ ଲାଇନ, ଚତୁର୍ଥ ପ୍ଲାର୍ଟଫର୍ମର ନିର୍ମାଣ, ଚତୁର୍ଥ ପ୍ଲାର୍ଟଫର୍ମକୁ ଯିବା ପାଇଁ ତୃତୀୟ ପ୍ଲାର୍ଟଫର୍ମରେ ଲିଫ୍ଟର ସୁବିଧା, ୧ନମ୍ବର ପ୍ଲାର୍ଟଫର୍ମରେ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ରୋଗୀମାନଙ୍କ ଯାତାୟତ କରିବା ପାଇଁ ସୁବିଧା ସର୍ବୋପରି ଦିଲ୍ଲୀ ବା ପ୍ରୟାଗରାଜ ଓ ଗ୍ୱାଲିଟିୟରକୁ ସିଧାସଳଖ ଟ୍ରେନ ଯୋଗାଯୋଗ ପାଇଁ ପିଆଇଟି ଲାଇନର ସୁବିଧା କରିବା ଆଦି ଉଲ୍ଲେଖ ରହିଛି। ସାଂସଦ ସମସ୍ତଙ୍କ କଥା ଶୁଣି ପତ୍ର ପଢ଼ି ଚେଷ୍ଟା କରିବି ବୋଲି କହିଥିଲେ ଓ ବଲାଙ୍ଗିର ରୁ ନୂଆପଡ଼ା ରେଳପଥର ନିର୍ମାଣ ପାଇଁ ଜୋର ଦେବେ ବୋଲି ମତ ରଖିଥିଲେ। ଆଲୋଚନା ରେ ରେଳ ଉପଭୋକ୍ତା ସଂଘର ସମ୍ପାଦକ ବିମଲ ଚକ୍ରବର୍ତି, ଉପ-ସଭାପତି ଅନନ୍ତ ବିଶୋଇ, କାର୍ଯ୍ୟକାରୀ ସଭ୍ୟ ଗୋପବନ୍ଧୁ ପୁରୋହିତ, ଶିବ ନାରାୟଣ ରଥ, ଦିବାକର ହୋତା ଓ ଋତୁରାଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନର ଅଜାଣତରେ ଚାଲିଛି ଉନ୍ନୟନମୂଳକ କାର୍ଯ୍ୟ

**ନାଉଗାଁ,୧୯।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପରିସରରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡି ରହିବା ପାଇଁ ଏକ ସେଡ ନିର୍ମାଣ କରାଯାଉଛି। ଉକ୍ତ ସେଡକୁ କିଏ ନିର୍ମାଣ କରୁଛି ତାହାର କୌଣସି ସୂଚନା ବ୍ଲକ ପ୍ରଶାସନ ପାଖରେ ନଥିବା ଜଣାଯାଇଛି। କାର୍ଯ୍ୟାରମ୍ଭରେ କୌଣସି ସୂଚନା ଫଳକ କାର୍ଯ୍ୟସ୍ଥଳରେ ନଥିବା ଦେଖିବାକୁ ମିଳିଥିଲା। କେହି ଠିକାଦାର ଚତୁରତାର ସହ ଉକ୍ତ ସେଡକୁ ତିଆରି କରି ପଛରେ କାର୍ଯ୍ୟ ତୁଳନାରେ ଅଧିକ ବିଲ କରିବା ପାଇଁ ମସୁଧା ରଖିଥିବା ଜଣା ପଡ଼ିବା ପରେ ଏହି କାର୍ଯ୍ୟକୁ ସ୍ଥାନୀୟ ସଭ୍ୟା ମାନସୀ ଲେଙ୍କା, ଘୋଡାଂଶ ସମିତି ସଭ୍ୟ ତରୁଣକାନ୍ତ ବାରିକ ଆଦି ବିରୋଧ କରିଥିଲେ। କେଉଁ ପାଣ୍ଠିରୁ ଉକ୍ତ କାର୍ଯ୍ୟ କରାଯାଉଛି ଓ କାର୍ଯ୍ୟର ନିର୍ଦ୍ଦେଶନାମା ପ୍ରଦାନ କରିବା ପାଇଁ ବିଡିଓ ଓ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ କହିଥିଲେ। ଉକ୍ତ କାର୍ଯ୍ୟ ବିଷୟରେ ବିଡିଓ ନିରଞ୍ଜନ ପରିଡ଼ା, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଙ୍କିତା ଜାଲି, କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତା ଖୁଣ୍ଟିଆ କାର୍ଯ୍ୟ ବିଷୟରେ ଜାଣି ନଥିବା ଓ କୌଣସି ନିର୍ଦ୍ଦେଶନାମା ପ୍ରଦାନ କରାଯାଇ ନଥିବା କହିଥିଲେ। ପରେ ଉକ୍ତ କାର୍ଯ୍ୟକୁ ବିରୋଧ କରାଯାଇଥିଲା। କାର୍ଯ୍ୟ ବନ୍ଦ ଯୋଗୁଁ ବିଶ୍ୱୟାନନ୍ଦ ସ୍ୱାଇଁ ଏବିଷୟରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘଟଣାସ୍ଥଳକୁ ଏସଆଇ ନିଳମଣୀ ନାୟକ ପହଞ୍ଚି ତଦନ୍ତ କରିବା ସହ ବିନା ନିର୍ଦ୍ଦେଶରେ କାର୍ଯ୍ୟ କରାଯାଉଥିବାରୁ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଜଣାଯାଇଛି।

## ଚେକ ବାଉନ୍ସ ମାମଲାରେ ଅଭିଯୁକ୍ତକୁ କାରାଦଣ୍ଡ ସମେତ ଅର୍ଥ ଦଣ୍ଡାଦେଶ

**ବାରିପଦା,୧୯।୭ (ସଂଚାର ବ୍ୟୁରୋ):** ଆଜି ଏକ ଚେକ ବାଉନ୍ସ ମାମଲାର ବିଚାର କରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବାରିପଦା (ଦ୍ୱିତୀୟ) ସୁମନ କୁମାର ମିଶ୍ର ନିମ୍ନ ଅଦାଲତ ତଥା ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ପ୍ରଦାନ କରିଥିବା ଅଭିଯୁକ୍ତ ବିରୋଧରେ ରାୟ କୁ କାଏମ ରଖିଛନ୍ତି । ମାମଲାର ବିବରାଣୀ ରୁ ପ୍ରକାଶ ଯେ ମୟୁରଭଞ୍ଜ ଜିଲ୍ଲା ବାରିପଦା ଟାଉନ ଥାନା ଅନ୍ତର୍ଗତ ଲାଳବଜାର ଅଞ୍ଚଳର ବିଶିକେଶନ ସାହୁ ମୟୁରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ରୁ ବ୍ୟବସାୟ ପାଇଁ ଦୁଇ ଲକ୍ଷ ଟଙ୍କା ଋଣ ନେଇଥିଲେ । ଏ ବାବଦରେ ସିଏ ଋଣପରିଷୋଧ ପାଇଁ ଦୁଇ ଲକ୍ଷ ଚାରି ହଜାର ତିନିଶହ ଅଠସ୍ତରୀ ଟଙ୍କାର ଏକ ଚେକ ବ୍ୟାଙ୍କକୁ ଦେଇଥିଲେ। ପରେ ଚେକଟି ବାଉନ୍ସ ହୋଇଯିବାରୁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ମାନ୍ୟବର ଏସଡ଼ିଜେଏମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏ ବାବଦରେ ଏସ ଡ଼ି ଜେଏମ କୋର୍ଟ ରେ କେସ ନମ୍ବର ୯୦/୨୦୨୧ରେ ଏକ ମାମଲା ରୁଜୁ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ମାମଲାଟି ଜେ ଏମ ଏଫ ସି କୋର୍ଟ କୁ ବିଚାର ପାଇଁ ଟ୍ରାନ୍ସଫାର ହୋଇଥିଲା । ଉକ୍ତ କେସଟିକୁ ଶୁଣାଣି କରି ଅଭିଯୁକ୍ତ କୁ ଏକ ବର୍ଷ କାରାଦଣ୍ଡ ସମେତ ଚାରି ଲକ୍ଷ ଆଠ ହଜାର ସାତଶହ ଛଅପନଟଙ୍କା ଜୋରିମାନାରେ ଦଣ୍ଡିତ କରିଥିଲେ ।

ଜୋରିମାନା ଅନାଦେୟ ଅଧିକ ତିନି ମାସ କାରାଦଣ୍ଡର ଆଦେଶ ଶୁଣାଣି କରିଥିଲେ । ଉକ୍ତ ଆଦେଶ ବିରୋଧରେ ଅଭିଯୁକ୍ତ ମାନ୍ୟବର ଜିଲ୍ଲା ଦୌରାଜଜ୍ ଙ୍କ ନିକଟରେ ଏକ ଅପିଲ ଫାଇଲ କରିଥିଲେ । ଏହି ଫାଇଲଟି ବିଚାର ପାଇଁ ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ ( ଦ୍ୱିତୀୟ)ଙ୍କ ନିକଟକୁ ଟ୍ରାନ୍ସଫର ହୋଇଥିଲା। ଆଜି ଉକ୍ତ କେସର ସମସ୍ତ ପ୍ରମାଣ ପତ୍ର କୁ ଭିତ୍ତି କରି ଅଦାଲତ ପକ୍ଷରୁ ବୃତାନ୍ତ ରାୟ ପ୍ରକାଶ ପାଇଅଛି। ବ୍ୟାଙ୍କ ତରଫରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ମାମଲା ପରିଚାଳନା କରୁଥିଲେ ।

## କୁଲଡିହା ଅଭୟାରଣ୍ୟର କୁଖ୍ୟାତ ହାତୀ ଦାନ୍ତଶିକାରୀ ସୁଶାନ୍ତ ଓରଫ ଟୁଟୁ ଗିରଫ ସୂଚନା !

**ନୀଳଗିରି,୧୯।୭ (ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଥିବା ପୁଟିବନ୍ଧ ହୁଡିସାହି ଗ୍ରାମପାଖରେ ଏକ ଦନ୍ତାହାତୀର ଦାନ୍ତକୁ ଶିକାରୀମାନେ କାଢି ନେଇଥିଲେ।ବନ ବିଭାଗ ହାତୀ ମରିବାର କୌଣସି ଟେର ପାଇ ପାଇନଥିଲା ବେଳେ ଗାଁଲୋକ ପାଚାସଢା ହାତୀର ଶବକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଖବରପାଇ ମୃତ ହାତୀର ଗଳିତ ଶବକୁ ଜବତ କରି ଶବବ୍ୟବଛେଦ କରିଥିଲେ ମଧ୍ୟ ଶିକାରୀର ସନ୍ଧାନ ପାଇପାରିନଥିଲେ।ମୃତହାତୀର ରହସ୍ୟକୁ ନେଇ ବାରମ୍ବାର ଖବର ପ୍ରକାଶପାଇବା ପରେ ବନବିଭାଗର ନିଦ ଭାଙ୍ଗିଥିଲା।

ହାତୀମୃତ୍ୟୁର ପ୍ରକୃତ ସତ୍ୟ ଜାଣିବା ପାଇଁ ସନ୍ଦେହରେ ପ୍ରଥମେ ଜଣେ ଶିକାରୀଙ୍କୁ ଗିରଫକରି ପଚରାଉଚରା ପରେ ହାତୀ ମୃତ୍ୟୁର ରହସ୍ୟ ଉନ୍ମୋଚନ ହୋଇଥିଲା। ପରେ ବନବିଭାଗ ୫ଜଣ ଶିକାରୀକୁ ଗିରଫ କରିଥିବା ବେଳେ ଦାନ୍ତ ସହିତ ମୁଖ୍ୟ ଅଭିଯୁକ୍ତକୁ ଗିରଫକରିବାରେ ସଫଳ ହୋଇପାରିନଥିଲା। ଗତ ଜୁଲାଇ ୧୪ତାରିଖ ଦିନ ବନବିଭାଗ ସଂପୃକ୍ତ ଦନ୍ତାହାତୀର ଦାନ୍ତ ସହିତ ଗୋଟିଏ ପୁରୁଣାଦାନ୍ତକୁ ଜବତ କରିବା କରିବା ସହିତ ଜଣକୁ ଗିରଫ କରିଥିଲା। ହେଲେ ମୁଖ୍ୟ ମୁଖ୍ୟଆସାମୀ ଟୁଟୁକୁ ଧରିବାରେ ବିଫଳ ହୋଇଥିଲା

ବେଳେ ବନବିଭାଗ ଗତ ଶୁକ୍ରବାର ବିଶେଷ ସୂତ୍ରରୁ ଖବରପାଇ ଜାମସେଦପୁର ଅଞ୍ଚଳରୁ ସୁଶାନ୍ତ ଓରଫ ଟୁଟୁକୁ ଗିରଫ କରିବାରେ ସଫଳ ହୋଇଥିବା ସୂଚନା ମିଳିଛି। ଉକ୍ତ ଅଭିଯୁକ୍ତକୁ ଚାନ୍ଦିପୁର ବନଖଣ୍ଡ କାର୍ଯ୍ୟାଳୟକୁ ନିଆଯାଇଥିବା ଶୁଣିବାକୁ ମିଳିଛି। ଯଦି ଅଭିଯୁକ୍ତ ଶିକାରୀଙ୍କୁ ଧରିବାରେ ବନବିଭାଗ ସଫଳ ହୋଇଥାଏ ତେବେ ଏହାକୁ ଲୋକଲୋଚନକୁ ନଆଣିବା କେତେଦୂର ଯଥାର୍ଥ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ହଷ୍ଟେଲରେ ନାବାଳିକା ଛାତ୍ରୀ ଗର୍ଭବତୀ

**ବାରିପଦା,୧୯।୭:** ମୟୁରଭଞ୍ଜ ଜିଲା ବାଙ୍ଗିରିପୋଷି ଆଦିବାସୀ ବାଳିକା ହଷ୍ଟେଲରେ ଜଣେ ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡିଛି। ସ୍କୁଲରେ ଅସୁସ୍ଥତା ପରେ ଛାତ୍ରୀଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ପରୀକ୍ଷା ପରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଜଣକ ଗର୍ଭବତୀ ଥିବା ସୂଚନା ମିଳିଛି। ଅଭିଯୋଗ ପରେ ପୋଲିସ ଜଣେ ନାବାଳକ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି।

### କୋଟପାଡ଼ ଏନଏସିସିର ସଫେଇ ସଚେତନତା ଅଭିଯାନ

## ପ୍ଲାଷ୍ଟିକମୁକ୍ତ ସହର ଗଠନ ଉପରେ ଗୁରୁତ୍ୱାରୋପ



**ବୋରିଗୁମ୍ମା/କୋଟପାଡ଼,୧୯।୭ (ସଂଚାର ବ୍ୟୁରୋ):** କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ନୂଆଗୁଡା ପ୍ରବେଶ ରାସ୍ତ କେନ୍ଦୁ ଗୁଡା, ସ୍ୱାସ୍ଥ୍ୟକେନ୍ଦ୍ର, ପାର୍କ, ବ୍ଲକ କାର୍ଯ୍ୟାଳୟ ଓ ଖେଳପଡିଆ ଠାରେ ସଫେଇକୁ ନେଇ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି।

ଏଥିରେ "ସଫେଇ ଆପନାଓ ବିମାରି ଭଗାଓ" ସ୍ଲୋଗାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରୁପୁଭତ୍ରା, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କୋମଳେଶ ମାହନ୍ତ, ପ୍ରମୁଖ ଉପସ୍ଥିତ ଥିଲେ । ଏହିପରି କୋଟପାଡ଼ ସହର ସ୍ଥିତ ନୂଆଗୁଡା ସମେତ ବିଭିନ୍ନ ସ୍ଥାନରେ ପରିମଳକୁ ନେଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ସ୍କୁଲ, କଲେଜ, ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଝୋଟି ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ଓ ପ୍ରବନ୍ଧ ମାଧ୍ୟମରେ ପ୍ରତିଯୋଗିତାମାନ ଆୟୋଜନ କରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି କାର୍ଯ୍ୟ ନିର୍ବାହୀ ଅଧିକାରୀ କୋମଳେଶ ମାହନ୍ତ। ବିଧାୟକ ରୁପୁଭତ୍ରା ବିଶ୍ୱ ପରିବେଶ ଦିବସ ନାରାରେ ଐତିହାସିକ ସହର କୋଟପାଡ଼ରେ ପ୍ଲାଷ୍ଟିକ ପ୍ରଦ୍ୟୁଷଣ ହେବନାହିଁ ତା ପ୍ରତି ଯତ୍ନବାନ ହେବା ଏବଂ ଏକ ପଲିଥିନ ମୁକ୍ତ ସହର ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଆମେ ସମସ୍ତେ ସଚେତନ ହୋଇ ଆମ ଆଗାମୀ ପିଢ଼ିକୁ ସୁସ୍ଥ ପରିବେଶ ଓ ସୁସ୍ଥ ବାତାବରଣ ଦେଇକିଯିବା ବୋଲି କହିଥିଲେ।

### ● ଜିଲ୍ଲାସ୍ତରୀୟ କାଉନସିଲର ତାଲିମ ଶିବିର

## ବିକଶିତ ଓଡ଼ିଶା ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ



**ନୟାଗଡ଼,୧୯।୭ (ସଂଚାର ବ୍ୟୁରୋ):** ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସରକାର ନେଇଥିବା ପଦକ୍ଷେପକୁ ସହରାଞ୍ଚଳ ନିର୍ବାଚିତ ପ୍ରତିନିଧିମାନଙ୍କ ଖୁବ ଅବଦାନ ରହିଛି ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ମତ ବ୍ୟକ୍ତ କରିଛନ୍ତି । ବିକଶିତ ଭାରତ ଗଠନରେ ଓଡ଼ିଶାର ଭୂମିକା କଣ ରହିବ ଏବଂ ଆମ ଜିଲ୍ଲାର ଦାୟିତ୍ୱ ବୋଧ କଣ ରହିଛି ସେ ନେଇ ସମସ୍ତ ଅଧକ୍ଷା, ଉପାଧକ୍ଷ ଏବଂ କାଉନସିଲରମାନଙ୍କୁ ଆଜି ତାଲିମ ପ୍ରଦାନ କରାଯାଇଛି । ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ତରଫରୁ ଆୟୋଜିତ ତାମିଲ ଶିବିରରେ ନୟାଗଡ଼ ପୌରାଧକ୍ଷ ନିରୂପମା ଖଟେଇ, ଖଣ୍ଡପଡ଼ା ଅଧକ୍ଷା ଆରତୀ ପ୍ରଧାନ, ରଣପୁର ଅଧକ୍ଷା ରଙ୍ଗୀନ ମହାନ୍ତି, ଦଶପଲ୍ଲା ଅଧକ୍ଷା ପୁନମ ପ୍ରିୟଦର୍ଶିନୀଙ୍କ ସମେତ ଉପାଧକ୍ଷ ଓ କାଉନସିଲରମାନେ ସାମିଲ ହୋଇଥିଲେ । ନୟାଗଡ଼ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦଶପଲ୍ଲା ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ରଣପୁର ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ଖଣ୍ଡପଡ଼ା ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ତାମିଲ ଦେଇଥିଲେ । ଦୁଦାର ଚିରଞ୍ଜିବୀ ଦାଶ, ନିଗମ ମହାପାତ୍ର, ଶୁଭାଶିଷ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ କାଉନସିଲରମାନଙ୍କ ପକ୍ଷରୁ ବୈଠକ ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବୈଠକ ଭତ୍ତା ବାବଦ ୬ ଶହ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଏହାକୁ ୨ ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ମାସିକ ଖର୍ଚ୍ଚ ବାବଦ ୭ ହଜାର ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରିବାକୁ କାଉନସିଲରମାନେ ଦାବି କରିଛନ୍ତି ।

### ସରକାରୀ ନଳକୂପ କାଟି ପ୍ରଭାବଶାଳୀ ବ୍ୟକ୍ତିଙ୍କ ବ୍ୟକ୍ତିଗତ ପାଇପ୍ ସଂଯୋଗ

## ବେଆଇନ ସଂଯୋଗ ହଟାଇବାକୁ ଦାବି



**ବୋରିଗୁମ୍ମା,୧୯।୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବି.ସିଂହପୁର ପଞ୍ଚାୟତରେ ପ୍ରଭାବଶାଳୀ ବ୍ୟକ୍ତି ମନ୍ମଥ ଭଟ ମହୋଦୟ ସରକାରୀ ନଳକୂପରୁ ମଟର ଲଗାଇ ଗୋଟିଏ ପାଇପ ନିଜ ନୂତନ ମିଲ ଗୃହ ନିର୍ମାଣ ପାଇଁ ଏବଂ ଅନ୍ୟ ଏକ ପାଇପ ଜମି ଚାଷ ନିମନ୍ତେ ବ୍ୟକ୍ତିଗତ ସଂଯୋଗ ନେଇଥିବା ଅଭିଯୋଗ ହୋଇଛି। ବିନା କାହାରି ଅନୁମତିରେ ଭଟ ମହାଶୟ ସରକାରୀ ନଳକୂପରୁ ମଟର ଲଗାଇ ପାଇପ ଯୋଗେ ମିଲ ଗୃହ ନିର୍ମାଣ କାର୍ଯ୍ୟ ସକାଶେ ନେଇଛନ୍ତି ବ୍ୟକ୍ତିଗତ ସଂଯୋଗ।

ଅଭିଯୋଗ ଅନୁଯାୟୀ ପଞ୍ଚାୟତ ମୋହକୁମା ସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବହୁତ ଦିନ ତଳେ ବୋରିଗୁମ୍ମା ଗ୍ରାମ୍ୟ ପାନୀୟ ଜଳ ବିଭାଗ ପକ୍ଷରୁ ଏକ ନଳକୂପ ଖୋଳା ଯାଇଥିଲା। ପ୍ରାୟ ବର୍ଷେ ହେବ ଏହି ସରକାରୀ ନଳକୂପରୁ ବେଆଇନ ପାଇପ୍ ସଂଯୋଗ କରି ଗ୍ରାମର ପ୍ରଭାବଶାଳୀ ବ୍ୟକ୍ତି ଭଟ ମହୋଦୟ କାହାରି ବିନା ଅନୁମତିରେ ସରକାରୀ ନଳକୂପରୁ ପାଇପ ଲଗାଇ ନିଜ ମିଲ ଗୃହ ନିର୍ମାଣ ଓ ଚାଷ ଜମିକୁ ନେଇଛନ୍ତି ବ୍ୟକ୍ତିଗତ ସଂଯୋଗ। ସରକାରୀ ନଳକୂପରେ କୌଣସି ବି ପାଇପ୍ ସଂଯୋଗ କରିବାକୁ ହେଲେ ବିଡ଼ିଓ ଅଥବା ବିଭାଗୀୟ ଅଧିକାରୀଙ୍କ ନିକଟରୁ ଅନୁମତି ନେବା କଥା। କିନ୍ତୁ ବିନା ଅନୁମତିରେ ନଳକୂପରୁ ପାଇପ୍ ସଂଯୋଗକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବେଆଇନ ସଂଯୋଗ ହଟାଇବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ନାବାଳକଙ୍କୁ ଛୁରାମାଡ, ଆସାମୀ ଗିରଫ

**ଜଗତସିଂହପର,୧୯।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଚାନ୍ଦପୁର ଗାଁରେ ବଳରାମ ଦାସ ନାମକ ଜଣେ ଯୁବକ ଦୁଇଜଣ ୧୪ ବର୍ଷର ନାବାଳକଙ୍କୁ ଛୁରୀ ଭୂଷି ହତ୍ୟା ଉଦ୍ୟମ କରିଥିଲା। ଏନେଇ ଗାଁ ଲୋକମାନେ ତାକୁ ଧରି ପୁଲିସ ଜିମା ଦେଇଛନ୍ତି। ଆହତ ଦୁଇଜଣଙ୍କୁ ପ୍ରଥମେ ରଘୁନାଥପୁର ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ପିଲା ଦୁଇଜଣ ହେଲେ ସେହି ଚାନ୍ଦପୁର ଗାଁର ଓମ୍ ପ୍ରକାଶ ମହାନ୍ତି ଓ ଆକାଶ ନାୟକ। ନାବାଳକ ଦୁଇଜଣ ଗାଁଦାଣ୍ଡରେ ଖେଳୁଥିବା ବେଳେ ଆସାମୀ ତାଙ୍କୁ ଆକ୍ରମଣ କରିଥିଲା । ଜଣଙ୍କର ପେଟରେ ଓ ଅନ୍ୟଜଣଙ୍କର ବେକରେ ଆଘାତ ଲାଗିଛି। ଏହି ଘଟଣା ପରେ ଗାଁରେ ଉତ୍ତେଜନା ଦେଖିବାକୁ ମିଳିଛି ।

## କେନାଲ ସଫେଇ ଆଳରେ ରାସ୍ତା ତାଡ଼ିଲେ ଠିକାଦାର

### ● ହିନସ୍ତା ଭୋଗୁଛନ୍ତି ଅଞ୍ଚଳବାସୀ



**ଡେରାବିଶ, ୧୯।୭(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତର ଓରଗଳା ଗ୍ରାମ ନିକଟ ୧୧ ନଂ କେନାଲ ସଫେଇ ଆଳରେ ଠିକାଦାର ରାସ୍ତା ତାଡି ଦେବା ଯୋଗୁଁ ଅଞ୍ଚଳବାସୀ ହିନସ୍ତା ହେଉଛନ୍ତି ଓ ଚାଷ କାର୍ଯ୍ୟ ପାଇଁ ଜଳଯୋଗାଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଣେ ଠିକାଦାରଙ୍କ ଦ୍ୱାରା ଏହି କେନାଲ ସଫେଇ କରାଯାଇଥିଲା। ଗୁରୁବାର ସମ୍ପୃକ୍ତ ଠିକାଦାର ଏକ ଜେସିବି ଦ୍ୱାରା ଏହି ଜେନାଲ ସଫେଇ କରୁଥିବା ବେଳେ ମେସିନକୁ ଉପରକୁ ଉଠାଇବା ପାଇଁ ଅସୁବିଧା ହେବାରୁ ଏହି ରାସ୍ତା ତାଡି ଥିବା ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି। ଏହି ୧୧ ନଂ କେନାଲର ବାମ ପାର୍ଶ୍ୱ ବନ୍ଧ ରାସ୍ତା ବ୍ୟସ୍ତବହୁଳ। କଟକ ଚାନ୍ଦବାଲି ରାଜ୍ୟ ରାଜପଥର ଭଣଗାଁ ଠାରୁ ଏହି ରାସ୍ତା ବାହାରି ବ୍ଲକ ଅଧୀନସ୍ଥ ଚାନ୍ଦୋଳ-ପଳାଇ ଗୋଲାରହାଟ ପୂର୍ତ୍ତ ବିଭାଗ ରାସ୍ତାକୁ ଏହା ସଂଯୋଗ କରିଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ପ୍ରଶାସନ ଦ୍ୱାରା ପ୍ରାୟ ଏକ ମାସ ପୂର୍ବେ ପିଚୁ କରାଯାଇଥିଲା। ପଲେଇ ପଞ୍ଚାୟତ ସମେତ ଚାନ୍ଦୋଳ, ବାଲିଆ ଓ କଟକ ଜିଲ୍ଲା ମାହାଙ୍ଗା ବ୍ଲକ କୁ ରୁଜଙ୍ଗା ପଞ୍ଚାୟତର ହଜାର ହଜାର ଜନସାଧାରଣ ଦୈନନ୍ଦିନ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି ଓ ମାତ୍ର ଗୁରୁବାର ଠାରୁ କେନାଲ ସଫା ଆଳରେ ଠିକାବାର ରାସ୍ତା ତାଡିଦେବା ଦ୍ୱାରା ବହୁ ବାଇକ ଆରୋହୀ ଏହି ଗାଡରେ ପଡି ଆହତ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଦୈନନ୍ଦିନ ଯାତାୟତ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଏହି ଗାତରେ କିଛି ମାଟି ପକାଇ ଯାତାୟତ କରୁଛନ୍ତି। ଠିକାଦାରଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏହାକୁ ଯଥାଶୀଘ୍ର ମରାମତି କରି ଯାତାଯାତ ଉପଯୋଗୀ କରିବାକୁ ଅଞ୍ଚଳ ବାସି ଓ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର କୁମାର ମଲିକ ଦାବି କରିଛନ୍ତି। ଏ ସମ୍ପର୍କରେ ଚାନ୍ଦୋଳ କାର୍ଯ୍ୟାଳୟ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ମତାମତ ମିଳିପାରି ନାହିଁ।

## ଡେରିକି ପଞ୍ଚାୟତରେ ବିନା ଲେଖାରେ ବୁଲୁଛି ନୋଟିସ, ନିଆଯାଉଛି ଦସ୍ତଖତ




### ବିରୋଧ ପରେ ବନ୍ଦ ରହିଲା ନୋଟିସ

**ନାଉଗାଁ,୧୯।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପଞ୍ଚାୟତର ଗଙ୍ଗଦାହାଟକୁ ନିଲାମ ଦେବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତିକୁ ଭିତିକରି ପଞ୍ଚାୟତ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ଖାତାରେ ଦସ୍ତଖତ କରାଯିବା ସହ ଢେଙ୍ଗୁରା ମଧ ବାଡା ଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ନୋଟିସ ଖାତାରେ କାର୍ଯ୍ୟକ୍ରମର କୌଣସି ବିଷୟ ଉଲ୍ଲେଖ କରାଯାଇନଥିଲା। କିଛି ବ୍ୟକ୍ତି ଏହି ଖାତାରେ ଦସ୍ତଖତ କରିଥିବା ବେଳେ ବଜାର କମିଟିର ସଭାପତି ନରେଶ ସେଠୀ ଏହାକୁ ବିରୋଧ କରିଥିଲେ। ଯାହାଫଳରେ ନୋଟିସ ବୁଲା ବନ୍ଦ ରଖାଯାଇଥିଲା।

ସୂଚନାଯୋଗ୍ୟ ଯେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଡେରିକି ବିଜ୍ଞାପନ (ସଂଖ୍ୟା-୯ ତା ୧୬ ଜୁଲାଇ ୨୦୨୫)ରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ନିଲାମ ପ୍ରଦାନ କରାଯିବ। ଏହି ନିଲାମ ପାଇଁ ଇଚ୍ଛୁକ ବ୍ୟକ୍ତି ସରକାରୀ ଧାର୍ଯ୍ୟ ମୂଲ୍ୟର ଶତକଡା ୧୦ଭାଗ ଅର୍ଥ ଅମାନତ ଆକାରରେ ଦାଖଲ କରି ନିଲାମରେ ଅଂଶ ଗ୍ରହଣ କରିବେ। ସର୍ବୋଚ୍ଚ ନିଲାମର ୭୫ ଭାଗ ଅର୍ଥ ନିଲାମ ସ୍ଥାନରେ ଦାଖଲ କରିବେ। ଅବଶିଷ୍ଟ ୨୫ ଭାଗ ନିଲାମ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତରେ ଦାଖଲ କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନଲାମ ଜୁଲାଇ ୨୫ ଦିବା ୧୧ଟା ସମୟରେ କରାଯିବା ପାଇଁ ସ୍ଥିର କରାଯାଇଛି। ସେହିପରି ଜନସାଧାରଣଙ୍କ ଅବଗତି ନିମନ୍ତେ ବୁଲା ଯାଇଥିବା ନୋଟିସ ଖାତାରେ ବିଜ୍ଞାପନ ସଂଖ୍ୟା-୯ ତା ୧୬ ଜୁଲାଇ ୨୦୨୫ ବୋଲି ଉଲ୍ଲେଖ କରାଯାଇ ଜନସାଧାରଣଙ୍କ ଦସ୍ତଖତ ସଂଗ୍ରହ କରାଯାଉଥିଲା। ଏବିଷୟରେ ସରପଞ୍ଚ ପ୍ରଶାନ୍ତ ଜେନାଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇ ପାରି ନଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ଜେନାଙ୍କୁ ପଚାରିବାରେ ବିନା ଲେଖାରେ ନୋଟିସ ବୁଲାଇବାର ନିୟମ ନଥିବା କହିଛନ୍ତି।

**AFFIDAVIT**

By virtue of an affidavit sworn before the Excutive Magistrate, Bhubaneswar, I Mr. Prabhat Kumar Sahoo, At - Happy colony, P.O/P.S- Gop, Dist-Puri, PIN- 752110 declare that I have changed the name of my daughter from SNESHASHREE PRABHA SAHOO to SNEHASHREE PRABHA SAHOO.

Henceforth she shall be known as SNEHASHREE PRABHA SAHOO for all purposes.

Prabhat Kumar Sahoo

# ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ସ୍ଥାନାନ୍ତରକୁ ବିରୋଧ



**କଳିଙ୍ଗନଗର,୧୯।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ୨୦୨୧ ରୁ ଅବସ୍ଥାପିତ ଥିବା ଏକମାତ୍ର ସରକାରୀ ବୈଷୟିକ ଶିକ୍ଷା ସଂସ୍ଥା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ କୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚାଲିଛି। କେନ୍ଦ୍ରୀୟ ଇସ୍ପାତ ମନ୍ତ୍ରାଳୟ ଅଧିନରେ ରହିଥିବା ଏହି ସଂସ୍ଥା ପାଇଁ ପୂର୍ବ ସରକାର ଶିଳ୍ପାଞ୍ଚଳ ରେ ଜମି ଯୋଗାଇ ଦେଇଥିବା ବେଳେ ଦକ୍ଷତା ପ୍ରଶିକ୍ଷଣ ପାଇଁ ଭିତ୍ତିଭୂମି ବିକାଶ କରା ନଯାଇ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଉଦ୍ୟମ ଚାଲିଥିବାରୁ କଳିଙ୍ଗନଗର ଅଧିବାସୀ ଏହାକୁ ବିରୋଧ କରିଛନ୍ତି। ଅଧୁନା ଜେଟିଏଲ ପରିସରରେ ଅବସ୍ଥାପିତ ଥିବା ଏହି ସଂସ୍ଥା ବନ୍ଦ କୁ ବିରୋଧ କରି ପଞ୍ଚାୟତ ସରପଞ୍ଚ ସ୍ମୃତି ରଞ୍ଜନ ଜେନା ଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ସଂସ୍ଥାର କାର୍ଯ୍ୟାଳୟ ବାହାରେ ଶନିବାର ବିରୋଧ ପ୍ରଦର୍ଶନ କରିଛନ୍ତି। ବିଶ୍ୱସ୍ତରୀୟ ଏକ ଶିଳ୍ପାଞ୍ଚଳରେ ଅଦ୍ୟାବଧି କୌଣସି ଗୋଟିଏ ବି ବୈଷୟିକ ସ୍କୁଲ କଲେଜ ଖୋଲି ନଥିବା ବେଳେ ଦକ୍ଷତା ବିକାଶ ପାଇଁ ସ୍ଥାପିତ ସରକାରୀ ସଂସ୍ଥା କୁ ବନ୍ଦ କରିବା ହୀନ ମାନସିକତା ବୋଲି ସେମାନେ କହିଛନ୍ତି। ସରକାର ଏଥିରୁ ନିବୃତ୍ତ ନ ରହିଲେ ଆଗାମୀ ଦିନରେ ବୃହତ୍ତ ଆନ୍ଦୋଳନ ହେବ ବୋଲି ସରପଞ୍ଚ ଶ୍ରୀ ଜେନା ଚେତାବନୀ ଦେଇଛନ୍ତି। ସୂଚନା ଥାଉ କି ଏଠାରୁ ଏହି ସରକାରୀ ସଂସ୍ଥା ଟିକୁ ରାଉରକେଲା କୁ ଉଠାଇ ନେବାକୁ ସ୍ଥିର ହୋଇଛି ।

# ୯ କ୍ୱିଣ୍ଟାଲ ଗଞ୍ଜେଇ ସମେତ ଗାଡ଼ି ଜବତ



**ସୁବର୍ଣ୍ଣପୁର,୧୯।୭ (ସଂଚାର ବ୍ୟୁରୋ):** ଏକ ବଡଧରଣର ବେଆଇନ୍ ଗଞ୍ଜେଇ ଚୋରାଚାଲାଣ କୁ ଧରି ସୁବର୍ଣ୍ଣପୁର ଜିଲ୍ଲା ପୋଲିସ କୁ ମିଳିଛି ବଡ଼ ସଫଳତା। ତରଭା ଥାନା ଅନ୍ତର୍ଗତ ରାଣୀସର୍ଡଓ ଛକ ଠାରେ ୯ କୁଇଣ୍ଟାଲ ୩୫ କେଜି ୧୪୦ ଗ୍ରାମ ଗଂଜେଇ ସହ ବୋଲେରୋ ପିକଅପ ଗାଡି ଜବତ କରାଯାଇଥିବାର ଜଣାଯାଇଛି ଓ ସୂଚନା ଅନୁଯାୟୀ ଆଜି ଶୁକ୍ରବାର ସକାଳ ରେ ବୌଦ୍ଧ ଜିଲ୍ଲା କନ୍ଧମାଳ ଅଞ୍ଚଳ ରୁ ଏକ ବୋଲେରୋ ପିକଅପ ଭେନ ଗାଡି ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ କରି ତରଭା ପୋଲିସ ପିଛା କରିଥିଲା। ଏହି ଖବର ମେଣ୍ଡା ଫାଣ୍ଡିକୁ ଖବର ଦିଆ ଯାଇ ଗଂଜେଇ ଭର୍ତ୍ତି ବୋଲେରୋ ପିକଅପ ଗାଡିକୁ ପିଛା କରିଥିଲେ ଓ ତରଭା ପୋଲିସ ଓ ମେଣ୍ଡା ଫାଣ୍ଡି ପୋଲିସର ମିଳିତ ଭାବେ ବୋଲେରୋ ପିକ ଅପ ଗାଡି ଗାଡି କୁ ବୁଡ଼ା- ଅର୍ଜୁନପୁର ରାସ୍ତା ରାଣିସର୍ଡା ଛକ ନିକଟରେ କାବୁ କରିଥିଲେ। ବୋଲେରୋ ଗାଡ଼ି ରେ ଗଂଜେଇ ଭର୍ତ୍ତି ଥିବା ଜଣା ପଡ଼ିଥିଲା। ବୋଲେରୋ ପିକଅପ ଭେନ ଗାଡି ନମ୍ବର ଓଡି-୦୩ଏବି୯୨୮୧ କୁ ଜବତ କରି ଏକ ମାମଲା ରୁଜୁ କରାଯାଇଛି। ଗାଡି ରୁ ପ୍ରାୟ ୯୩୦ ପେକେଟ ଗଞ୍ଜେଇ କୁ ମାଜିଷ୍ଟ୍ରେଟ ଦୀପ୍ତିମୟୀ ଭୁଏ ଙ୍କ ଉପସ୍ଥିତି ରେ ଓଜନ କରାଯାଇଥିଲା ଓ ଜବତ ଗଞ୍ଜେଇ ୯ କୁଇଣ୍ଟାଲ ରୁ ଅଧିକ ହେବାର ଆଶା କରାଯାଉଛି ଓ ଏହାର ବଜାର ରେ ଆନୁମାନିକ ମୂଲ୍ୟ ପ୍ରାୟ କୋଟି କୋଟି ଟଙ୍କା ହେବ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଙ୍କ ନିର୍ଦ୍ଦେଶ କ୍ରମେ ତରଭା ଆଇ ଆଇ ସି ଙ୍କ ନେତୃତ୍ୱ ରେ ପେଟ୍ରୋଲିଂ କରୁଥିବା ବେଳେ ଏକ ବଡ ଧରଣ ଗଞ୍ଜେଇ ଚୋରା ଚାଲାଣ କୁ ତରଭା ପୋଲିସ ଧରିବାରେ ସଫଳ ହୋଇଛି ଓ ୯ କୁଇଣ୍ଟାଲ ରୁ ଅଧିକ ଗଞ୍ଜେଇ ଜବତ ହୋଇ ଥିବାର ଖବର ପାଇ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦାରଖ କରିଥିଲେ ଓ ଏହି ଘଟଣା ରେ ୩ ବ୍ୟକ୍ତି ରମାକାନ୍ତ ନାଏକ (୨୫), ସୁଜିତ ନାଏକ(୨୩) ଜୟଦ୍ରଥ ଦଳବେହେରା (୨୭)ଙ୍କୁ କୋର୍ଟ ଚାଲାଣ କରାଯାଇଛି ସମସ୍ତ ଅଭିଯୁକ୍ତ ତରଭା ଥାନା ଅନ୍ତର୍ଗତ ଝାରତରଭା ଗ୍ରାମର ବୋଲି ଜଣାପଡ଼ିଛିଓ ଏହି ବଡ଼ ଧରଣର ଗଞ୍ଜେଇ ଚୋରା ଚାଲାଣ କାରବାର ଧରପଗଡ଼ ରେ ଏସ ଆଇ ଶୁଭେନ୍ଦୁ ସିଂ ବାବୁ, ମେଣ୍ଡା ଫାଣ୍ଡି ଅଧିକାରୀ ଟଙ୍କଧର ଛତ୍ରିଆ ଙ୍କ ସହ ରଞ୍ଜିତ ମହାପାତ୍ର ଏବଂ ତରଭା ଥାନା ଓ ମେଣ୍ଡା ଫାଣ୍ଡି ପୋଲିସ ଦଳ ସାମିଲ ଥିଲେ ଓ ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏତେ ଅଧିକ ପରିମାଣ ରେ ଗଞ୍ଜେଇ ଜବତ ହେବା ପରେ ଅଞ୍ଚଳ ରେ ଚର୍ଚ୍ଚାର ବିଷୟ ହୋଇ ପଡ଼ିଛି ଓ ଏହା ସଙ୍ଗେ ସଂଗେ ଗଞ୍ଜେଇ ଦେଖିବା ପାଇଁ ବାଟୋଇ ଙ୍କ ଭିଡ଼ ଲାଗି ରହିଛିଓ ଏହି ଗଞ୍ଜେଇ ଚୋରା ଚାଲାଣ ବାହାର ରାଜ୍ୟ ସହିତ ସମ୍ପର୍କ ରହିଥିବାର ଆଶା କରାଯାଉଛି ଓ ଠିକ ଏହିପରି ଚଳିତ ମାସ ୧ ତାରିଖ ରେ ତରଭା ବଡ଼ ବନ୍ଧ ଠାରେ ତରଭା ପୋଲିସ ୬ କୁଇଣ୍ଟାଲ ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା।

# ପେନସନ ଅପେକ୍ଷାରେ ୪୬୯ ଭିନ୍ନକ୍ଷମ

**ସୁବର୍ଣ୍ଣପୁର,୧୯।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ୪୬୯ଜଣ ଭିନ୍ନକ୍ଷମ ପେନସନ ପାଇବାରେ ଅପେକ୍ଷା ଅଛନ୍ତି। ସୂଚନା ଯୋଗ୍ୟ ଗତ ବର୍ଷେ ହେଲା ଭିନ୍ନକ୍ଷମମାନଙ୍କ ପେନସନ କୋଟା ଆସି ନାହିଁ। ତେଣୁ ମୃତ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ବିପକ୍ଷରେ ନୂତନ ଭିନ୍ନକ୍ଷମ ପେନସନ ଦିଆଯାଉଛି।ଯାହାର ପେନସନ ଦେବାର ସଂଖ୍ୟା ନଗଣ୍ୟ ହେଉଛି। ଚଳିତ ମାସ ବିଭାଗୀୟ ସୂଚନା ମୁତାବକ ଏହି ଜିଲ୍ଲାର ବିନିକା ବ୍ଲକରେ ୭୮ ଜଣ, ବିନିକା ଏନଏସି ୩୦ ଜଣ, ବୀରମହାରାଜପୁର ୬୨ଜଣ, ଡୁଙ୍ଗୁରିପାଲି ବ୍ଲକ ୨୯ ଜଣ, ସୋନପୁର ବ୍ଲକ ୬୫ଜଣ, ସୋନପୁର ପୌର ପରିଷଦରେ ୩୭ ଜଣ, ତରଭା ବ୍ଲକରେ ୧୨୨ ଜଣ, ତରଭା ଏନଏସିରେ ୩ଜଣ, ଉଲୁଣ୍ଡା ବ୍ଲକରେ ୪୩ ଜଣ ଭିନ୍ନକ୍ଷମ ଅନଲାଇନରେ ପେନସନ ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି। ଜିଲ୍ଲାର ଜନ କଲ୍ୟାଣ ବ୍ୟବସ୍ଥାରେ ଏକ ହଜାର ଟଙ୍କାର ଭିନ୍ନକ୍ଷମ ପେନସନ ଯୋଜନା ଏକ ସମ୍ବେଦନଶୀଳ ପ୍ରସଙ୍ଗ ରହିଥାଏ। ଦୀର୍ଘ୍ୟ ବର୍ଷେ ହେଲା ୪୬୯ ଜଣ ଭିନ୍ନକ୍ଷମ ପେନସନ ପାଇଁ ଅପେକ୍ଷା ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ। ତେଣୁ ବିଭାଗୀୟ ମନ୍ତ୍ରୀ, ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ରାଜନୈତିକ ନେତୃତ୍ୱ ବୃନ୍ଦ ଦୃଷ୍ଟି ଦେବାକୁ ଦାବି ହେଉଛି।

# ହେଉନି ଖୋଲା ପ୍ରାଣୀଧନ ସହାୟକ କେନ୍ଦ୍ର



**ଯାଜପୁର ରୋଡ଼, ୧୯।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପଶୁ ସମ୍ପଦର ସୁର ସୁରକ୍ଷା ପାଇଁ ଗ୍ରାମାଅଞ୍ଚଳ ମାନଙ୍କରେ ପଶୁ ସହାୟକ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଏହାସହ ଅସୁସ୍ଥ ଓ ଗୁରୁତର ଗାଈ ଗୋରୁ, ପଶୁ ପ୍ରାଣୀମାନଙ୍କର ଚିକିତ୍ସା, ପକ୍ଷୀ ଆଦି ଚିକିତ୍ସା ନିମନ୍ତେ ପ୍ରାଣୀଧନ ନିରୀକ୍ଷକମାନଙ୍କୁ ନିଯୁକ୍ତି କରି ଚିକିତ୍ସା ଯୋଗାଇ ଦେଉଛନ୍ତି। କିନ୍ତୁ କୋରେଇ ଅନ୍ଧାରୀ ପଞ୍ଚାୟତ ଅନ୍ତର୍ଗତ ରଗଡ଼ି ଛକ ନିକଟରେ ଅବସ୍ଥିତ ପ୍ରାଣୀ ସହାୟକ କେନ୍ଦ୍ରରେ ବହୁ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହା ନିୟମିତ ଅନୁଯାୟୀ ଖୋଲା ହେଉ ନଥିବା ବେଳେ ନିଯୁକ୍ତ ପ୍ରାଣୀଧନ ନିରୀକ୍ଷକଙ୍କ ଅନୁପସ୍ଥିତି ଯୋଗୁଁ ଗୁରୁତର ହୋଇ ଚିକିତ୍ସା ପାଇଁ ଆସୁଥିବା ଗାଈ ଗୋରୁ, ପଶୁ, ପକ୍ଷୀ ଆଦି ଚିକିତ୍ସା ନପାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହା ସହ ନିକଟରେ ଯାଇଥିବା ୨୦ ନଂ ଜାତୀୟ ରାଜପଥରେ ଅନେକ ସମୟରେ ଗୃହପାଳିତ ପଶୁମାନେ ଦୁର୍ଘଟଣା ହୋଇ ଚିକିତ୍ସା ନପାଇ ପ୍ରଭାବିତ ହେଉଛନ୍ତି।ଗୃହପାଳିତ ପଶୁ ପକ୍ଷୀଙ୍କର ଟୀକାକରଣ ତଥା ଅନ୍ୟାନ୍ୟ ଚିକିତ୍ସା ନିମନ୍ତେ କୋରାଇ ତଥା ପାଜପୁରରୋଡ଼ ଉପରେ ନିର୍ଭର କରୁଛନ୍ତି। ଯାହା ବ୍ୟୟବହୁଳ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ସହାୟକ କେନ୍ଦ୍ରଟିର ମୁଖ୍ୟ ଫାଟକ ଓ ଝରକା ଖୋଲାଥିବା ବେଳେ ଭିତରେ ଥିବା କାର୍ଯ୍ୟାଳୟ ଗୃହଟିରେ ଚାବି ଝୁଲୁଥାଏ। ଏଥିପାଇଁ ପ୍ରଶାସନିକ କଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

# ସୋନପୁରରେ ସୁରଭି ସ୍ୱଦେଶୀ ସେବା କେନ୍ଦ୍ରର ଉଦଘାଟିତ



**ସୁବର୍ଣ୍ଣପୁର,୧୯।୭(ସଂଚାର ବ୍ୟୁରୋ):** ସୋନପୁର ସହର କଲେକ୍ଟର ଅଫିସ ରୋଡ ଠାରେ ସୁରଭି ସ୍ୱଦେଶୀ ସେବା କେନ୍ଦ୍ରର ଶୁଭ ଉଦଘାଟନ ହୋଇଯାଇଛି। ସ୍ୱଦେଶୀ ବସ୍ତୁ ଉପଲବ୍ଧ କରେଇବା ଓ ପଞ୍ଚଗବ୍ୟ ତଥା ବୈକଳ୍ପିକ ଥେରାପୀ ଦ୍ୱାରା ବିଭିନ୍ନ ରୋଗ ନିରାକରଣ କରିବା ଉଦ୍ଦେଶ୍ୟ ନେଇ ଏହି କେନ୍ଦ୍ରର ଶୁଭ ଉଦଘାଟନ ହୋଇଛି। ଆଜିର ସମୟରେ ଜୈବିକ ତଥା ଶୁଦ୍ଧ ଦେଶୀ ଜିନିଷ ର ଚାହିଦା ବୃଦ୍ଧି ପାଇଛି ଆମ ନିଜ ଅଞ୍ଚଳ ରେ ପ୍ରସ୍ତୁତ ହେଉଥିବା ଜିନିଷ ଗୁଡିକ ଗୋଟିଏ ସ୍ଥାନ ରେ ଲୋକେ ପାଇ ପାରୁନାହାନ୍ତି। ଏହି କେନ୍ଦ୍ର ରେ ନିଜେ ଘଣା ର ପେଡା ଯାଉଥିବା ରାଶି, ସୋରିଷ, ବାଦାମ, ନଡ଼ିଆ ତେଲ ସହ ଶୁଦ୍ଧ ଦେଶୀ ଗାଈ ଘିଅ, ଚିନି ବଦଳ ରେ ଶୁଦ୍ଧ ଖାଣ୍ଡ, ସନ୍ଧବ ଲୁଣ, ପଞ୍ଚଗବ୍ୟ ବିନା କେମିକାଲ ର ସାବୁନ୍, ସେମୋ, ବାସନ ମଜା, ବାୟୁ ଶୋଧକ ଫିନାଇଲ ଏବଂ ଗୋ ଅର୍କ ସମେତ ବିଭିନ୍ନ ରୋଗ ସମ୍ବନ୍ଧିତ ପଞ୍ଚଗବ୍ୟ ଔଷଧ ଉପଲବ୍ଧ ଥିବା ବେଳେ ଜନସାଧାରଣ ଏହାର ଫାଇଦା ଉଠାଇ ପାରିବେ। ଏହା ସହ ବିଗତ ଦିନ ରେ ପାତାଳୀ ଶ୍ରୀକ୍ଷେତ୍ର ରେ ହୋଇଥିବା ସୁରଭି ସଂରକ୍ଷଣ ମଞ୍ଚ ଶିବିରରେ ପଞ୍ଚଗବ୍ୟ ଓ ବୈକଳ୍ପିକ ଥେରାପି ଦ୍ୱାରା ଅନେକ ରୋଗୀ ଉପଶମ ପାଇ ପାରିଥିଲେ। ଏହି କେନ୍ଦ୍ରରେ ମଧ୍ୟ ମାସିକ ଥରେ ବୈଦ୍ୟ ମାନେ ଆସିବା ନିଶ୍ଚିତ ହୋଇଛି। ଆଗକୁ ଜୈବିକ ରାସନ୍ ଓ ଅନ୍ୟ ସବୁ ବିନା କେମିକାଲ ଯୁକ୍ତ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷ ମିଳିବ ବୋଲି କେନ୍ଦ୍ର ର ମୁଖ୍ୟ ଦିବାକର ମଲ୍ଲିକ ସୂଚନା ଦେଇଛନ୍ତି।

# ଦୁର୍ଗା ପୂଜା ଉପଲକ୍ଷେ ନାଟକ ବହି ପୂଜା



**ବାଲିପାଟଣା,୧୯।୭(ସଂଚାର ବ୍ୟୁରୋ):** ବାଲିପାଟଣା ସାର୍ବଜନିନ ଦୁର୍ଗା ପୂଜା କମିଟି ଓ ବୁଦ୍ଧନାଥ ବ୍ୟବସାୟୀ ସଙ୍ଘ ଏବଂ ମହାବୀର ସାଂସ୍କୃତିକ ପରିଷଦ ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଦଶହରା ଉପଲକ୍ଷେ ନାଟକ ବହି ପୂଜା ଅନୁଷ୍ଠିତ ହୋଇ ଯାଇଛି। ଶିଶୁ ଅନନ୍ତ କଲେଜ ସ୍ଥିତ ବାଟ ମହାବୀର ମନ୍ଦିର ରେ ବହି ପୂଜା ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା, ଖ୍ୟାତି ସମ୍ପନ୍ନ ନାଟ୍ୟ ନିର୍ଦ୍ଦେଶକ ଭଗବାନ ପଣ୍ଡା ଏବଂ ସହ ନିର୍ଦ୍ଦେଶକ ଦୀପକ ପ୍ରଧାନ ଉପସ୍ଥିତି ଥିଲେ।ଅନ୍ୟମାନଙ୍କ ମଧ୍ୟରେ ମହାବୀର ସାଂସ୍କୃତିକ ପରିଷଦ ସଭାପତି ଖିରୋଦ ଜେନା, ଉପଦେଷ୍ଟା କାଶୀନାଥ ସାହୁ ଲ, ଅଜୟ ହୋତା, ଅକ୍ଷୟ ସହୁ, ଜୟନ୍ତ ଓଝା, ପୁର୍ଣ ଚନ୍ଦ୍ର ମାହୁନ୍ତ, ବସନ୍ତ କୁମାର ଦାଶ, ଆଲୋକ କୁମାର ଆଚାର୍ଯ୍ୟ, ବିଜୟ ପ୍ରଧାନ, ସନ୍ତୋଷ କୁମାର ଭୋଳ, ବାହାନ ଭୋଇ, ସୂର୍ଯ୍ୟ ମୁଖି, ବିଜୟ ପ୍ରଧାନ, ସନ୍ତୋଷ ମୁଦୁଲି, ଅମିତ ଜେନା, ସାଗର ପ୍ରଧାନ, ହୃଦାନନ୍ଦ ଭୋଳ, ତ୍ରିବିକ୍ରମ ଆଚାର୍ଯ୍ୟ, ଚିନ୍ତା ମଣି କାସ୍ତ, ରତିକାନ୍ତ ସାହୁ, ରଞ୍ଜନ କୁମାର ପ୍ରଧାନ, ଶୈଳେନ୍ଦ୍ର ତ୍ରିପାଠୀ, ପରୀକ୍ଷିତ ବେହେରା, ଜ୍ୟୋତି ରଞ୍ଜନ ମହାନ୍ତି, ସ୍ମୃତି ସ୍ୱରପ ପ୍ରତିହାରୀ, ସ୍ୱରପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।ଆସିଛି ଏକା ଜୀବି ମୁଁ ଏକା 'ଏବଂ ' କହିବାକୁ ଲାଜ ଶୁଣିଲେ ପାପ 'ସାମଜିକ ନାଟକ ମଞ୍ଚସ୍ତ ହେବ ବୋଲି ଜଣାପଡ଼ିଛି।ମହାବୀରଙ୍କ ପୂଜକ ଉମେଶ ରଥ ପୂଜା କାର୍ଯ୍ୟ ତୁଲାଇ ଥିଲେ।

## ଜିଲ୍ଲାର ସ୍ୱଳ୍ପ ସଞ୍ଚୟ ସଂଗଠନ

# ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ



**ସୁବର୍ଣ୍ଣପୁର,୧୯।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସ୍ୱଳ୍ପ ସଞ୍ଚୟ ସଂଗଠନ, ସୁବର୍ଣ୍ଣପୁରଙ୍କ ସୌଜନ୍ୟରେ ଶ୍ରୀ ମଙ୍ଗଳ ପ୍ରଧାନ, ଜିଲ୍ଲା ଆର୍ଥିକ ସେବା ଓ ସ୍ୱଳ୍ପ ସଞ୍ଚୟ ଅଧିକାରୀ, ସୁବର୍ଣ୍ଣପୁର ଙ୍କ ସଭାପତିତ୍ୱରେ ଆର୍ଥିକ ସ୍ୱାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଓ ସଭା ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଅନୁଷ୍ଠିତ ହୋଇଥିଲା। ଏହି ଶିବିର ଓ ସଭାରେ ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ, ଶ୍ରୀମତି ବାସନ୍ତୀ ଭୋଇ, ଷ୍ଟାଣ୍ଡାର୍ଡ ଏଜେନ୍ସି ସିଷ୍ଟମ ର ସମସ୍ତ ଏଜେଣ୍ଟ ବୃନ୍ଦ, ପ୍ରଧାନ ମନ୍ତ୍ରୀ ମହିଳା କ୍ଷେତ୍ରୀୟ ବଚତ ଯୋଜନା ଏଜେଣ୍ଟ ବୃନ୍ଦ, ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି ଅଙ୍ଗନ୍ ବାଡ଼ି କର୍ମିବୃନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ପଞ୍ଚାୟତ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଅର୍ଜ୍ଜୁନ ମାଝୀ ସମେତ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣ ମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଶିବିର ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲପାଳ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଶ୍ରୀ ବିଶିକେଶନ୍ ପ୍ରଧାନ, ଡେପୁଟି କଲେକ୍ଟର, ସୁବର୍ଣ୍ଣପୁର, ସମ୍ମାନିତ ଅତିଥି, ସହ - ଅଧିକ୍ଷକ, ଡାକଘର, ବଲାଙ୍ଗୀର ମଣ୍ଡଳ, ବଲାଙ୍ଗୀର, ଶ୍ରୀ କାର୍ତ୍ତିକ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା, ଶ୍ରୀ କାର୍ତ୍ତିକେଶ୍ୱର୍ ପଣ୍ଡା, ଲିଡ ବ୍ୟାଙ୍କ୍ ମ୍ୟାନେଜର, ସୁବର୍ଣ୍ଣପୁର, ଅନ୍ୟତମ ସମ୍ମାନିତ ବକ୍ତା, ଶ୍ରୀ ମହେଶ୍ୱର ଥନାପତି, ଡାକଘର ମର୍କେଟିଂ କାର୍ଯ୍ୟନିର୍ବାହୀ, ସୋନପୁର, ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରି ଡାକଘର ଓ ବିଭିନ୍ନ ବ୍ୟାଙ୍କ୍ ମାଧ୍ୟମରେ ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା, ଆର୍ଥିକ ସ୍ୱାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଉପରେ ଶିବିରର ସମସ୍ତ ଅଂଶ ଗ୍ରହଣକାରୀ ମାନଙ୍କୁ ପ୍ରଚାର ପତ୍ର ବଣ୍ଟନ କରି ବିଶଦ ଭାବରେ ଅବଗତ ଓ ସଚେତନ କରାଇବା ସହିତ ବୁଝାଇ ଥିଲେ।

## ମଦ୍ୟପ ସ୍ୱାମୀର ଉନ୍ମତ୍ତ କାଣ୍ଡ

# ସ୍ତ୍ରୀକୁ ପିଟିପିଟି ମାରିଦେଲା

**କରଞ୍ଜିଆ,୧୯।୭(ସଂଚାର ବ୍ୟୁରୋ):** ମଦ୍ୟପ ସ୍ୱାମୀର ଉନ୍ମତ୍ତ କାଣ୍ଡ। ସ୍ତ୍ରୀକୁ ପିଟିପିଟି ହତ୍ୟା କଲା ନୃଶଂସ ସ୍ୱାମୀ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ମଣଦା ଗାଁ ନାଏକ ସାହିରେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ପତ୍ନୀହନ୍ତା ସ୍ୱାମୀକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।
ସୂଚନାନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଯଶିପୁର ଥାନା ମଣଦା ଗାଁର ମୁକ୍ତିଆରି ନାଏକ ଓ ସ୍ତ୍ରୀ ବିଳାସୀ ନାଏକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ଲାଗିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ନିଶାସକ୍ତ ଅବସ୍ଥାରେ ଥିବା ମୁକ୍ତିଆରି ତାଙ୍କ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଥିଲେ। ଖବର ପାଇ ଯଶିପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପତ୍ନୀହନ୍ତା ସ୍ୱାମୀକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଅଧିକ ତଦନ୍ତ ହେବ ବୋଲି ପୁଲିସ କହିଛି।



# ମହଙ୍ଗା ପଡିଲା ବାଲ୍ୟ ବିବାହ, ଯୁବକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ



**ଯାଜପୁର ଟାଉନ,୧୯।୭(ସଂଚାର ବ୍ୟୁରୋ):** ଆଇନକାନୁନକୁ ବେଖାତିର କରି ନାବାଳିକାଙ୍କ ସହ ହୋଇଥିଲା ବାହାଘର । ଆଜି ଥିଲା ଚତୁର୍ଥୀ । ଜିଲ୍ଲା ଶିଶୁ ସୁରକ୍ଷା ଓ ସମାଜ ମଙ୍ଗଳ ବିଭାଗ ଏ ସମ୍ପର୍କରେ ଖବର ପାଇ ଚଢ଼ାଉ କରିଥିଲେ । ନାବାଳିକାଙ୍କୁ ଉଦ୍ଧାର କଲା ଟିମ୍ । ସଂପୃକ୍ତ ଯୁବକ ଫେରାର । ଯାଜପୁର ଜିଲ୍ଲା କୋରେଇ ଥାନା ଅଂଚଳରେ ଘଟିଛି ଏଭଳି ଘଟଣା । ନାବାଳିକାଙ୍କ ବୟସ ୧୬ବର୍ଷ ହୋଇଥିବା ବେଳେ ଯୁବକଙ୍କ ବୟସ ୨୫ବର୍ଷ। ନାବାଳିକା ଜଣକ କେଉଁଝର ଅଞ୍ଚଳର ବୋଲି ଜଣାପଡ଼ିଛି । ଯୁବକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୋଲିସ ଓ ଶିଶୁ ସୁରକ୍ଷା ବିଭାଗ ଘଟଣାର ଅନୁସନ୍ଧାନ ଜାରି ରଖିଛି । ସେପଟେ ନାବାଳିକାଙ୍କ ପରିବାର ଲୋକେ ସଚେତନ ନଥିବାରୁ ବାହାଘର କରିଥିବା କହିଛନ୍ତି । ସେପଟେ ନାବାଳିକାଙ୍କ ଉପଯୁକ୍ତ ଥଇଥାନ ଓ ପାଠପଢ଼ା ଆଦିର ସମସ୍ତ ଦାୟିତ୍ୱ ନେଇଛି ଜିଲ୍ଲା ଶିଶୁ ମଙ୍ଗଳ ବିଭାଗ ।

# ଗୋରୁ ଚୋରୀ ମାଫିଆ ଗୋଷ୍ଠୀର ଫେରାର ଆସାମୀ ଗିରଫ



**ବୈଶିଙ୍ଗା,୧୯।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ପକ୍ଷରୁ ଗୋରୁ ଚୋରି ମାଫିଆଙ୍କ ସିଣ୍ଡିକେଟର ଏକ ଫେରାର ଥିବା ଆସାମୀକୁ ଶୁକ୍ରବାର ଅପରାହ୍ନରେ ଗିରଫ କରାଯାଇଥିବା ଜଣାପଡ଼ିଛି। ଗତ ମେ ମାସରେ ଗୋରୁ ଚୋରି ମାଫିଆମାନେ ଏକ ନମ୍ବର ବିହୀନ ବୋଲେରୋ ଗାଡ଼ିରେ ବିଳମ୍ବିତ ରାତିରେ କଳମା ଗାଁ ରାସ୍ତାରେ ଚୋରି ସୁଯୋଗ ଅପେକ୍ଷାରେ ଥିବାବେଳେ ହଠାତ୍ ପୋଲିସ ପାଟ୍ରୋଲିଙ୍ଗ ଟିମ ହାବୁଡ଼ରେ ପଡ଼ିଥିଲେ। ସେମାନଙ୍କ ଗାଡ଼ି ଯାଞ୍ଚ ବେଳେ ପୋଲିସ ଉପରକୁ ତେଲେଙ୍ଗା କଟୁରୀ ସାହାଯ୍ୟରେ ଆକ୍ରମଣ କରିଥିଲେ। ତେବେ ପୋଲିସ ପକ୍ଷରୁ ଘଟଣାସ୍ଥଳରୁ ତିନି ଜଣ ସେକ୍ ସିରାଜୁଦ୍ଦିନ୍ ଓରଫ ସେରାଜୁଲ୍, ସେକ୍ ସକିଲ (ନାବାଳକ) ଓ ସେକ୍ ଜାହିରୁଦ୍ଦୀନ୍ କୁ ଗିରଫ କରି ୨୩୭ ନଂ ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ଏବଂ ସେମାନେ ବ୍ୟବହାର କରୁଥିବା ବୋଲେରୋ ଗାଡିକୁ ଜବତ କରାଯାଇଥିଲା। ହେଲେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବାଙ୍ଗାଲ ଅନସର ଖାଁ, ୨୧ ବର୍ଷ କୁ ଶୁକ୍ରବାର ଗୁପ୍ତ ସୂଚନା ଆଧାରରେ ଥାନାଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ ଯାଇ କୌଣସି ଏକ ଅଜ୍ଞାତ ସ୍ଥାନରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ସିରିଜ୍ ଦୁର୍ଘଟଣାରେ ୪ ଆହତ,ଶିଶୁ ଗୁରୁତର



**ବୈଶିଙ୍ଗା,୧୯।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା -ରୁପସା ରାସ୍ତାର କଦଳିଆ ନିକଟରେ ଆଜି ଶନିବାର ସନ୍ଧ୍ୟା ସମୟରେ ଏକ ସିରିଜ୍ ଦୁର୍ଘଟଣା ରେ ଚାରି ଜଣ ଆହତ ହୋଇଥିବା ବେଳେ କୁନି ଝିଅଟିକୁ ଗୁରୁତର ଭାବେ ବାଲେଶ୍ୱର ସ୍ଥାନାନ୍ତରୀତ କରାଯାଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଏହି ଥାନା ଅଧିନ ବାଛୁରୀପଡ଼ା ଗ୍ରାମର ପିତାମ୍ବର ସାହୁ (୪୦) ନିଜ ଅଟୋ ଯୋଗେ ଝିଅ ସୁପ୍ରୀୟା (୬) କୁ ନେଇ ଝିଅର ଜନ୍ମଦିନ ପାଇଁ ବୈଶିଙ୍ଗା ମାର୍କେଟିଂ କରିବାକୁ ଆସୁଥିଲେ ଓ ଅପର ପଟରୁ କେନ୍ଦୁଆ ଏକ୍ସିସ ବ୍ୟାଙ୍କରେ ଚାକିରୀ କରୁଥିବା ଉମାକାନ୍ତ ଲେଙ୍କା ଙ୍କ ପୁଅ ଲିପୁନ(୨୬) ଏହି ଓ ତାର ସାଙ୍ଗ ଏକ ବାଇକ୍ ରେ ଯାଉଥିବା ବେଳେ ପଛ ପଟରୁ ଆଉ ଏକ ବାଇକ୍ ରେ ଏହି ଥାନା ଅଧିନ ପଣସିଆ ଗ୍ରାମର ୰କାଳା ସିଂଙ୍କ ପୁଅ ବାଇଦୁ (୪୫) ଏବଂ ସେହି ଗ୍ରାମର ହରିଶ ଚନ୍ଦ୍ର ସାହୁଙ୍କ ପୁଅ ଭାଗବତ (୫୦) ଦୃତ ଗତିରେ ପଛପଟୁ ଯାଇ ସାମ୍ନା ବାଇକ କୁ ଧକ୍କା ଦେଇ ଆଗରୁ ଆସୁଥିବା ଅଟୋ କୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା କୁନି ଝିଅ ସୁପ୍ରୀୟା ର ଗୋଡ ଟି ସଂପୂର୍ଣ୍ଣ ଭାଙ୍ଗିଯାଇ ଥିଲା। ଅପର ପକ୍ଷରେ ଦୁଇଟି ବାଇକର ଚାରିଜଣ ଯାକ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଜରିଆରେ ସମସ୍ତ ଙ୍କୁ ବୈଶିଙ୍ଗା ଡାକ୍ତରଖାନା ଅଣା ଯାଇଥିଲା।ଏଠାରେ ପ୍ରାଥମିକ ଚିକିତ୍ସା ପରେ କୁନି ଝିଅ ର ଗୋଡଟିକୁ ବ୍ୟାଣ୍ଡେଜ କରି ପ୍ରଥମେ ତାକୁ ବାଲେଶ୍ୱର ପଠାଇ ଦିଆ ଯାଇଥିଲା। ଅନ୍ୟମାନେ ଆହତ ଅବସ୍ଥାରେ ବୈଶିଙ୍ଗା ରେ ଚିକିତ୍ସିତ ହେଉ ଥିବା ଜଣାଯାଇଛି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ




**ଦିଗପହଣ୍ଡି,୧୯।୭(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁରେ ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଘଟଣାରେ ସମ୍ପୃକ୍ତ ନାବାଳକଙ୍କୁ ଶନିବାର ଦିଗପହଣ୍ଡି ଥାନା ଏସଆଇ ସୋଫିଆ ମିଶ୍ର ଥାନା ମାମଲା ନଂ.୧୮୭/୨୫ ଅନୁଯାୟୀ ବ୍ରହ୍ମପୁର ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିବା ପରେ ତାଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଗତ ମେ ୨୩ ତାରିଖ ଅପରାହ୍ନ ପ୍ରାୟ ୨ ଟାରେ ନାବାଳିକା ଜଣକ ଘର ନିକଟ ନଳକୂପକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ତାଙ୍କୁ ନିକଟସ୍ଥ ନୂଆ ପୋଖରୀ ହୁଡ଼ାକୁ ଝିକିନେଇ ତାଙ୍କୁ ଅସଦାଚାଣ କରିଥିଲେ। ନାବାଳିକା ଜଣକ ପାଟି କରିବାରୁ ଅଭିଯୁକ୍ତ ଜଣକ ତାଙ୍କ ଘର ଭିତରକୁ ଦୌଡ଼ି ପଳାଇଥିଲେ। ନାବାଳିକା ଜଣକ କାନ୍ଦି କାନ୍ଦି ଘରେ ପହଞ୍ଚି ତାଙ୍କ ମା'କୁ ଘଟଣା କହିଥିଲେ। ଜେଜେ ବାପା ଘରେ ପହଞ୍ଚି ଘଟଣା ଜାଣିବା ପରେ ଅଭିଯୁକ୍ତଙ୍କ ଘରକୁ ଯାଇ ପଚାରିବାରୁ ତାଙ୍କୁ ଅଭିଯୁକ୍ତଙ୍କ ବାପା ଜଟିଆ ଦାସ ଏବଂ ତାଙ୍କ ସ୍ତ୍ରୀ ହାତରେ କଟୁରୀ ଧରି ମାରିବାକୁ ଗୋଡାଇଥିଲେ। ନାବାଳିକାଙ୍କ ମା' ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସମ୍ପୃକ୍ତ ନାବାଳକଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ପାଇଁ ଏସଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଦିଗପହଣ୍ଡି ପାଇଁ ସାଂସଦ ପ୍ରତିନିଧି ହେଲେ ଭବାନୀ



**ଦିଗପହଣ୍ଡି,୧୯।୭(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ସହରର ଭାଜପା ଯୁବନେତା ଭବାନୀ ଶଙ୍କର ପଣ୍ଡାଙ୍କୁ ଦିଗପହଣ୍ଡି ଏନଏସି ପାଇଁ ବ୍ରହ୍ମପୁର ଏମପିଙ୍କ ପ୍ରତିନିଧି ଭାବେ ନିଯୁକ୍ତ କରାଯାଇଛି। ବ୍ରହ୍ମପୁର ଏମପି ଡ଼ା.ପ୍ରଦୀପ କୁମାର ପାଣିଗ୍ରାହୀ ଏ ସମ୍ପର୍କରେ ଏକ ପତ୍ର ଲେଖି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ଅବଗତ କରାଇଛନ୍ତି। ଭାଜପାର ଦିଗପହଣ୍ଡି ନଗର ସଭାପତି ଭାବେ ୩ ଥର ଦାୟିତ୍ୱରେ ରହିବା ପରେ ବର୍ତ୍ତମାନ ସେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଭବାନୀ ଦୀର୍ଘଦିନ ଧରି ସକ୍ରିୟ ରାଜନୀତିରେ ରହି ଆସିବାସହ ଜଣେ ଯୁବ ସଙ୍ଗଠକ ଭାବେ ବେଶ ଜଣାଶୁଣା । ଦିଗପହଣ୍ଡି ଏନଏସି ପ୍ରତିନିଧି ଭାବେ ମନୋନୀତ ହୋଇଥିବା ଭବାନୀ ବ୍ରହ୍ମପୁର ଏମପି ଦିଗପହଣ୍ଡି ବିଧାୟକ ଡ଼ା.ସିଦ୍ଧାନ୍ତ ମହାପାତ୍ର, ଭାଜପା ଜିଲା ସଭାପତି ସରୋଜ ସାବତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥଙ୍କ ସମେତ ଭାଜପା ଜିଲା କାର୍ଯ୍ୟକର୍ତ୍ତା ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।